ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 01 ♦ CUTTACK ♦ WEEKLY ♦ 05 TO 11 - JANUARY 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୦୧ ♦ କଟକ ♦ ସାପ୍ତାହିକ ♦ ୦୫ ରୁ ୧୧- ଜାନୁଆରୀ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

### ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

## କାର୍ଯ୍ୟକାରୀ ହେବ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ଟି କାର୍ଯ୍ୟସୂଚୀ




**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଶ୍ରୀମତୀ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ ପରେ ପ୍ରଥମ ସଚିବ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକରେ ସମସ୍ତ ବିଭାଗର ସଚିବମାନଙ୍କ ସହିତ ଆଲୋଚନା କରି ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ମୁଖ୍ୟଶାସନ ସଚିବ ଶ୍ରୀମତୀ ଗର୍ଗ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ଟି କାର୍ଯ୍ୟସୂଚୀ କାର୍ଯ୍ୟକାରୀ ପାଇଁ ସଚିବମାନଙ୍କ ସହିତ ଆଲୋଚନା କରି ଆବଶ୍ୟକ ପ୍ରଥମ ନିର୍ଦ୍ଦେଶ ଦେଇଛନ୍ତି । ଶାସନ ପରିଚାଳନାକୁ ଦକ୍ଷ, ଉତ୍ତରଦାୟୀ ଓ ଲୋକାଭିମୁଖୀ କରିବା, ଓଡ଼ିଶା ଭିଜନ ଲକ୍ଷ୍ୟ ୨୦୩୬ ଓ ୨୦୪୭ ପାଇଁ ପ୍ରଥମେ ୨ବର୍ଷିଆ ଆକ୍ସନ ପ୍ଲାନର କାର୍ଯ୍ୟକାରିତା ସମୀକ୍ଷା, ଅଭିବୃଦ୍ଧି ହାରକୁ ବୃଦ୍ଧି କରିବା, ରାଜ୍ୟରେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ଗୁଡିକ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବା, ପ୍ରଭାବଶାଳୀ ଓ ନିର୍ମଳ ଶାସନ ବ୍ୟବସ୍ଥା ସ୍ଥାପନ ପାଇଁ ଆପାରଗ ଓ ଅଯୋଗ୍ୟ କର୍ମଚାରୀମାନଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା, ମିଶନ କର୍ମଯୋଗୀ ଅଧିନରେ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରଶିକ୍ଷଣ ନିମନ୍ତେ ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତି, ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରକଳ୍ପଗୁଡିକର ଗୁଣାତ୍ମକତା ବଜାୟ ରଖିବା ସହିତ ପ୍ରକଳ୍ପ କାର୍ଯ୍ୟକାରିତା ତ୍ୱରାନିତ୍ୱ କରାଯିବା ପାଇଁ ପ୍ରକଳ୍ପୱାରୀ ତଦାରଖ, ବଜେଟ୍ ଅନୁମୋଦିତ ଖର୍ଚ୍ଚ ଓ ଏହା ଫଳାଫଳର ସମୀକ୍ଷା, ରାଜ୍ୟର ଦୀର୍ଘ ମିଆଦି ବିକାଶପାଇଁ ଭିତ୍ତିଭୂମି, ଶିଳ୍ପ, ବନ୍ଦର, ସଡକ, ସେତୁ ପାନୀୟଜଳ, ଜଳସେଚନ, ଶକ୍ତି ଓ ସହରାଂଚଳ ବିକାଶରେ ପୁଞ୍ଜିବ୍ୟୟକୁ ତ୍ୱରାନିତ୍ୱ କରାଯିବା ଏବଂ ଗ୍ରାମୀଣ ବିକାଶ ପାଇଁ ମିଶନ "ପାୱାର" କାର୍ଯ୍ୟକ୍ରମ ଦ୍ୱାରା ପ୍ରତି ଗ୍ରାମକୁ ବିଦ୍ୟୁତ୍ ଶକ୍ତି, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଏବଂ ସବୁ ଦିନିଆ ରାସ୍ତା ସୁବିଧା ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଥିଲେ । ଗୁରୁତ୍ୱପୂର୍ଣ୍ଣ ସରକାରୀ ବୈଠକରେ ଉପସ୍ଥାପନା(ପିପିଟି) ଏବଂ ବୈଠକର ବିବରଣୀ ଗୁଡ଼ିକ ଓଡ଼ିଆ ଭାଷାରେ ପ୍ରସ୍ତୁତି କରାଯିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଯେଉଁ ବିଭାଗର ୱେବସାଇଟ୍ ଓଡ଼ିଆ ଓ ଇଂରାଜୀରେ ଅପଡେଟ୍ କରାଯାଇନାହିଁ, ତାହାକୁ ଅଦ୍ୟତନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜନ ଅଭିଯୋଗଗୁଡିକ ୧୦ଦିନ ଭିତରେ ଫଇସଲା କରି ବିବରଣୀ ପ୍ରଦାନ କରିବା, ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ଜିଲ୍ଲା ଗସ୍ତ ବିବରଣୀ ପରିଦର୍ଶନ ପୋର୍ଟାଲରେ ଉଲ୍ଲେଖ କରିବା ଓ ଏହାର କାର୍ଯ୍ୟାନୁଷ୍ଠାନ ସଂପର୍କରେ ଅନୁସରଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ପ୍ରଥମେ ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ଉପରେ ଆଲୋଚନା କରାଯାଇଥିଲା । ଏଥି ସହିତ ରାଜ୍ୟର ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ କରିବାକୁ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ଗତ ଡିସେମ୍ବର ୨୭ ଓ ୨୮ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୫ମ ଜାତୀୟ ମୁଖ୍ୟଶାସନ ସଚିବସ୍ତରୀୟ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## 'ଲଭ ଜିହାଦ' ନାଁ ନନେଇ ବଡ଼ ସଙ୍କେତ ଦେଲେ ମୋହନ ଭାଗବତ



**ନୂଆଦିଲ୍ଲୀ (ଏଜେନ୍ସି) :** ମହିଳାଙ୍କ ଉପରେ ହେଉଥିବା ସାମାଜିକ ଅତ୍ୟାଚାର ସଂପର୍କରେ ବଡ଼ ବୟାନ ଦେଇଛନ୍ତି ଆରଏସ୍ଏସ୍ ମୁଖ୍ୟ । ବିଶେଷ କରି 'ଲଭ ଜିହାଦ'ର ନାଁ ନେଇ ସେଭଳି ଅପରାଧ ଆଡ଼କୁ ଇସାରା କରିଛନ୍ତି । ମୋହନ ଭାଗବତ କହିଛନ୍ତି, ଏଭଳି ଅପରାଧକୁ ରୋକିବା ପାଇଁ ପ୍ରଥମେ ପରିବାରରେ ପ୍ରୟାସ ହେବା ଉଚିତ୍ । କାରଣ ମହିଳାଙ୍କ ପାଇଁ ଆମ ଧର୍ମ, ସଂସ୍କୃତି ଓ ସାମାଜିକ ବ୍ୟବସ୍ଥା ସୁରକ୍ଷିତ ରହିଛି । ଭୋପାଳରେ 'ସ୍ତ୍ରୀ ଶକ୍ତି ସମ୍ବାଦ' କାର୍ଯ୍ୟକ୍ରମରେ ସମ୍ବୋଧନ କରି ମହିଳାଙ୍କ ସାମାଜିକ ଭାଗିଦାରୀ ବଢ଼ାଇବାକୁ କହିଛନ୍ତି ମୋହନ ଭାଗବତ । ପିଲାମାନଙ୍କୁ ଭଲ କ'ଣ, ଖରାପ କ'ଣ ତାର ଶିକ୍ଷା ମା' ଦେଇଥାଏ । ଏବେ ପରିବାରରେ ମିଳାମିଶା ଓ ପରସ୍ପର ମଧ୍ୟରେ କଥାବାର୍ତ୍ତାର ଅବସର କମିଯାଉଥିବାରୁ ପିଲାଙ୍କର ଉଚିତ୍ ଶିକ୍ଷା ପ୍ରଭାବିତ ହେଉଛି । ପୂର୍ବରୁ ସାମାଜିକ ବ୍ୟବସ୍ଥାରେ ମହିଳା ଓ ପୁରୁଷଙ୍କ ଭାଗିଦାରୀ ସମାନ ଥିଲା । ପରବର୍ତ୍ତୀ ସମୟରେ ସୁରକ୍ଷା ଦୃଷ୍ଟିରୁ ମହିଳାଙ୍କୁ ବିଭିନ୍ନ ବନ୍ଧନରେ ବାନ୍ଧିଦିଆଗଲା । ଏବେ ସମାଜରେ ପରିବର୍ତ୍ତନ ଆସିଥିଲେ ବି ମହିଳାଙ୍କୁ ସେହି ବନ୍ଧନରୁ ମୁକ୍ତ କରିବା କଥା ଆମେ ଭୁଲି ଯାଇଛେ । ତେଣୁ ପରିବାର ଭିତରେ ଆଲୋଚନା, ମହିଳାଙ୍କ ଆତ୍ମବିଶ୍ୱାସ ଓ ଆତ୍ମରକ୍ଷା ସହ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହିଁ ମହିଳା ବିରୋଧୀ ଅପରାଧକୁ ରୋକି ପାରିବ ।

## ଲୋକସେବା ଭବନରେ ଭାଇରାଲ ରିଲ୍ସକୁ ନେଇ ଆଇନ ମନ୍ତ୍ରୀଙ୍କ ଉଦ୍‌ବେଗ



**ଭୁବନେଶ୍ୱର(ଏନ୍.ଏମ୍.) :** ନବବର୍ଷର ପ୍ରଥମ ଦିନରେ ହେବ ନାହିଁ ଉତ୍ସବ । ନା ଭୋଜିଭାତ ନା ଫୁଲତୋଡ଼ା । ସରକାରୀ କାର୍ଯ୍ୟଦିବସରେ କେବଳ କାମ ହେବ । ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିର୍ଦ୍ଦେଶକୁ ମୁଖ୍ୟ ସଚିବଙ୍କ ସହ ଅନ୍ୟାନ୍ୟ ସଚିବମାନେ ପାଳନ କରିଛନ୍ତି । ସମସ୍ତେ ନିଜ ନିଜ କାର୍ଯ୍ୟାଳୟରେ ବ୍ୟସ୍ତ ଥିଲେ । ହେଲେ କିଛି କର୍ମଚାରୀ ଲୋକସେବା ଭବନ ଲନ୍ ଓ ଲବିରେ ଫଟୋ ଉଠାଇବା ପାଇଁ ଭିଡ଼ ଜମାଇଥିଲେ । କିଛି କର୍ମଚାରୀ ନିଜ ପରିବାର ସହ ଆସି ଜାନୁଆରୀ ପହିଲାକୁ ସ୍ମରଣୀୟ କରିବାକୁ ଉଦ୍ୟମ କରିଥିବା ଦେଖିବାକୁ ମିଳିଥିଲା । ତେବେ ଏହିସବୁ ଫଟୋ ସହିତ ଭିଡିଓ ଆଦି ସୋସିଆଲ ମିଡିଆରେ ଲୋକସେବା ଭବନ କର୍ମଚାରୀଙ୍କ ରିଲ୍ସ ଭାଇରାଲ ହେବା ପରେ ଏହାକୁ ନେଇ ଚର୍ଚ୍ଚା ବଢ଼ିଛି । ଆଇନ ମନ୍ତ୍ରୀ ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି । ଲୋକସେବା ଭବନ ରିଲ୍ସ ପାଇଁ ଉଦ୍ଦିଷ୍ଟ ନୁହଁ । ଏମିତି ହେବା ଠିକ୍ ନୁହଁ ବୋଲି କହିଛନ୍ତି । ଏଥିସହିତ ଏହାକୁ ସୁଧାରିବାକୁ ସୁରକ୍ଷା କର୍ମୀଙ୍କୁ ଗୃହ ବିଭାଗ ତାଗିଦ କରିବ ବୋଲି ଆଇନମନ୍ତ୍ରୀ ଉଦ୍‌ବେଗର ସହ ପ୍ରକାଶ କରିଥିଲେ ।

ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ ଲୋକସେବା ଭବନ ପରିସରରେ ରିଲ୍ସ ସୁଟିଂ କରିଛି କିଏ ? କାହିଁକି କାମ ଛାଡ଼ି ମାଳ ମାଳ ହୋଇ ଫଟୋ ଉଠାରେ ବ୍ୟସ୍ତ ଥିଲେ କର୍ମଚାରୀ ? ପରିବାର ବର୍ଗଙ୍କୁ ସାଥିରେ ଆଣିବାକୁ ସେମାନଙ୍କୁ ଅନୁମତି ଦେଲା କିଏ ? ଏଭଳି ଘଟଣା ସାମ୍ନାକୁ ଆସିବା ପରେ ମୁହଁ ଖୋଲିଛି ସଚିବାଳୟ ସେବା ସଂଘ । ସଚିବାଳୟ ସେବା ସଂଘ ସଭାପତି ବିବେକାନନ୍ଦ ସାମଲ କହିଛନ୍ତି, ଭାଇରାଲ ହେଉଥିବା ରିଲ୍ସ ଉପରେ ଆମେ ଅନୁଧ୍ୟାନ କରିଛୁ । ଏହି ରିଲ୍ସ ଏଥରର ନୁହେଁ, ଗତ ବର୍ଷର ବୋଲି କହିଛନ୍ତି ସଭାପତି । ତଥାପି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଫଟୋ ଉଠା, ଲନ୍ ଓ ଲବିରେ ବୁଲିବା ଏସବୁ ନିନ୍ଦନୀୟ ବୋଲି ସଭାପତି କହିଛନ୍ତି । ଗତ ବର୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦେହାନ୍ତ ଯୋଗୁଁ ସାରା ଦେଶରେ ରାଷ୍ଟ୍ରୀୟ ଶୋକ ପାଳନ ହେଉଥିଲା । ୨୦୨୫ ନୂଆ ବର୍ଷ ମଧ୍ୟ କଟକଣାରେ ଯାଇଥିଲା । ହେଲେ ଏବର୍ଷ ପ୍ରଥମ କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଲୋକସେବା ଭବନ ପରିସରରେ ନୂଆବର୍ଷ ଉତ୍ସବ ପାଳନ ହେବନି ବୋଲି କଟକଣା ଲାଗୁ କରାଯାଇଥିଲା ।

## ଚେନାବ ନଦୀରେ ନିର୍ମାଣ ହେବ ହାଇଡ୍ରୋ ପାୱାର ପ୍ରୋଜେକ୍ଟ



**ନୂଆଦିଲ୍ଲୀ(ଏଜେନ୍ସି) :** ଜମ୍ମୁ-କାଶ୍ମୀରରେ ଚେନାବ ନଦୀ ଉପରେ ଦୁଲହସ୍ତି ଷ୍ଟେଜ-୨ ହାଇଡ୍ରୋ ପାୱାର ପ୍ରୋଜେକ୍ଟକୁ ସରକାରଙ୍କ ସବୁଜ ସଂକେତ ମିଳି ଯାଇଛି । ଏହି ପ୍ରକଳ୍ପ ଲାଗି ଡିସେମ୍ବର ୨୦୨୫ରେ ପରିବେଶ ମନ୍ତ୍ରାଳୟଙ୍କ ମଞ୍ଜୁରୀ ମିଳିଯାଇଥିଲା । ଭାରତୀୟ ଅଧିକାରୀ ଏହାକୁ ଶକ୍ତି ସୁରକ୍ଷାକୁ ପ୍ରୋତ୍ସାହନ ଦେଉଥିବା ଓ ବୈଷୟିକ ରୂପେ ଉପଯୁକ୍ତ ପ୍ରୋଜେକ୍ଟ ବୋଲି କହୁଛନ୍ତି । ହେଲେ ପାକିସ୍ତାନ ଏହାକୁ ଅନ୍ତର୍ଜାତୀୟ ବୁଝାମଣାର ଉଲ୍ଲଂଘନ ବୋଲି କହୁଛି । ଏହି ପ୍ରକଳ୍ପ ପାଇଁ ୩,୨୦୦ କୋଟି ଟଙ୍କା ବ୍ୟୟ ଅନୁମାନ କରାଯାଇଛି । ନିର୍ମାଣ ପୂର୍ବରୁ ଟେଣ୍ଡର ଆହ୍ୱାନ କରାଯିବ ଓ ଜମ୍ମୁ-କାଶ୍ମୀରର କିସ୍ତୱାଡ ଜିଲ୍ଲାରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ, ଯେଉଁଠି ପୂର୍ବରୁ ଦୁଲହସ୍ତି ଷ୍ଟେଜ-୧ ପାୱାର ଷ୍ଟେସନ କାର୍ଯ୍ୟକ୍ଷମ ଅଛି । ଏକ୍ସପର୍ଟ ଆପ୍ରାଇଜଲ କମିଟି(ଇଏସି) ପ୍ରକଳ୍ପକୁ ଇଣ୍ଡସ ୱାଟର ଟ୍ରିଟି ଅନୁରୂପ ଡିଜାଇନ କରାଯାଇଥିବା କହିଛନ୍ତି । ତେବେ ଏହି ଟ୍ରିଟିକୁ ଭାରତ ସରକାର ନିଲମ୍ବିତ କରିଦେଇଛନ୍ତି । ଏହାର ଅର୍ଥ ହେଉଛି ଏହି ପ୍ରକଳ୍ପ ନେଇ ପାକିସ୍ତାନକୁ ପ୍ରଥମେ ସୂଚିତ କରାଯିବା ଅଥବା ବୈଷୟିକ ଡାଟା ସେୟାର କରିବାର ଆବଶ୍ୟକତା ନାହିଁ । ଷ୍ଟେଜ-୨ରେ ନୂଆ ବନ୍ଧ ନିର୍ମାଣ ହେବନି । ଏହା ଷ୍ଟେଜ-୧ରୁ ପାଣି ନେଇ ୩,୬୮୫ ମିଟର ଦୀର୍ଘ ଟନେଲ ଓ ଏହା ପରେ ହର୍ସ ସୁ ଆକାରର ପୁଷ୍କରିଣୀ ନିର୍ମାଣ କରାଯିବ । ଏଥିରେ ସର୍ଜ ସାଫ୍ଟ, ପ୍ରେସର ସାଫ୍ଟ ଓ ଦୁଇଟି ୧୩୦ ମେଗା ୱାଟର ଜେନେରେଟିଂ ୟୁନିଟ ସହିତ ୨୬୦ ମେଗାୱାଟ୍ ପାୱାର ହାଉସ୍ ନିର୍ମାଣ କରାଯିବ । ଏଥି ପାଇଁ ମୋଟ ୬୦.୩ ହେକ୍ଟର ଜମି ଆବଶ୍ୟକତା ପଡୁଥିବା ବେଳେ ୮.୨୬ରୁ ୮.୨୭ ହେକ୍ଟର ଘରୋଇ ଜମି ଅଧିଗ୍ରହଣ କରାଯିବ । ଏହି ପ୍ରକଳ୍ପ ଯୋଗୁ ମାତ୍ର ୬୨ଟି ପରିବାର ପ୍ରଭାବିତ ହେବ । ତେବେ ପାକିସ୍ତାନ ଇନ୍ଦସ ୱାଟର ଟ୍ରିଟିର ଉଲ୍ଲଂଘନ ଓ ପାଣିକୁ ରଣନୀତିର ଅସ୍ତ୍ର କରାଯାଉଥିବାର ଅଭିଯୋଗ ଆଣୁଛି । ପାକିସ୍ତାନର କହିବା କଥା ହେଉଛି ଚେନାବ, ଝେଲମ ଓ ନିମ ଭଳି ନଦୀମାନଙ୍କରେ ଜଳ ଯୋଗାଣ ହ୍ରାସ ହେଉଛି । ଏଣୁ ପାକିସ୍ତାନ ନଦୀ ପ୍ରବାହରେ ହସ୍ତକ୍ଷେପକୁ ଯୁଦ୍ଧ କାର୍ଯ୍ୟାନୁଷ୍ଠାନ ମନେ କରାଯିବ ବୋଲି ଚେତାବନୀ ଦେଇଛି ଓ ପ୍ରସଙ୍ଗକୁ ମିଳିତ ଜାତିସଂଘରେ ଉଠାଇଛି । ଚେନାବ ନଦୀ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ

## ମଞ୍ଚରେ ଏକାଠି ହେଲେ ସବୁ ଦଳର ନେତା

**ଭୁବନେଶ୍ୱର(ଏନ୍.ଏମ୍.) :** ଜାନକୀଙ୍କୁ ଝୁରୁଛି ଓଡ଼ିଶା । ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହୋଇଛି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ସମାରୋହ । ଏଥିରେ ଦଳମତ ନିର୍ବିଶେଷରେ ଯୋଗ ଦେଇଥିଲେ ପ୍ରଖ୍ୟାତ ସାମ୍ବାଦିକ, ସାହିତ୍ୟିକ-ଜାନକୀ ବଲ୍ଲଭ ପଟ୍ଟନାୟକ । ୩ ଜାନୁଆରି ୧୯୨୭ରେ ଜନ୍ମ, ୨୧ ଏପ୍ରିଲ ୨୦୧୫ରେ ତିରୋଧାନ । ଦେହାନ୍ତର ଦଶନ୍ଧି ପରେ ବି, ଅମର ତାଙ୍କ ଆଦର୍ଶ ଓ ଅବଦାନ । ଯାହାର ଝଲକ ଆଜି ଦେଖିବାକୁ ମିଳିଛି, ଏହି ପ୍ରଜ୍ଞା ପୁରୁଷଙ୍କ ଜନ୍ମ ଶତବାର୍ଷିକୀ



ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ଜେବିଙ୍କୁ ଜାଣିଥିବା, ମିଶିଥିବା ଓ ତାଙ୍କ ସହ କାର୍ଯ୍ୟ କରିଥିବା ରାଜ୍ୟ ତଥା ଦେଶର ପ୍ରମୁଖ ରାଜନେତା ଓ ବ୍ୟକ୍ତିବିଶେଷ । ସେ ଥିଲେ ଅନନ୍ୟ ଜନନାୟକ, ଆଧୁନିକ ଓଡ଼ିଶାର ନିର୍ମାତା । ଯୁବାବସ୍ଥାରୁ ରାଜନେତା ଯାଏଁ ଯାତ୍ରାରେ, ତାଙ୍କ ମୂଳମନ୍ତ୍ର ଥିଲା 'ଓଡ଼ିଆ ଅସ୍ମିତା' । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ମହାନ ରାଜନୀତିଜ୍ଞ, ସମାରୋହରେ । ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି ରାଜ୍ୟ ତଥା ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଓ ରାଜନେତା । ଦଳ ମତ ନିର୍ବିଶେଷରେ ଏକ ସ୍ୱରରେ ସ୍ତୁତିଚାରଣ କରିଥିଲେ ଓଡ଼ିଶା ପ୍ରଗତିରେ ଜାନକୀଙ୍କ ଯୋଗଦାନ କଥା । ଭୁବନେଶ୍ୱରରେ ଆୟୋଜିତ ଏହି ଭବ୍ୟ ସମାରୋହରେ ଜାନକୀଙ୍କ ଜନ୍ମ ଶତବାର୍ଷିକୀର ଶୁଭାରମ୍ଭ କରିଛନ୍ତି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ନିଜ ଦଳରେ ତିବ୍ର ବିରୋଧ ସାଙ୍ଗକୁ ମୋହନ ସରକାରଙ୍କ କଡ଼ା ଅଭିମୁଖ୍ୟ

## ପାଣ୍ଡିଆନଙ୍କ ବିରୁଦ୍ଧରେ କ୍ରାଇମବ୍ରାଞ୍ଚର ତଦନ୍ତ



**ସାହସ ଅଛି ସିବିଆଇ ତଦନ୍ତ କର : ଗଣେଶ୍ୱର**

ଭୁବନେଶ୍ୱର(ଏନ୍.ଏମ୍.) : ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଅଡୁଆ ବଢ଼ିବାରେ ଲାଗିଛି । ନିଜ ଦଳରେ ତୀବ୍ର ବିରୋଧର ସମ୍ମୁଖୀନ ହେଉଥିବା ପାଣ୍ଡିଆନଙ୍କ ବିରୁଦ୍ଧରେ ଏବେ ମୋହନ ସରକାର କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି । ବିଜେଡି ସରକାର ସମୟରେ ପାଣ୍ଡିଆନଙ୍କ କାର୍ଯ୍ୟକଳାପର ଖୋଳତାଡ଼ ଆରମ୍ଭ କରିଛି ରାଜ୍ୟ କ୍ରାଇମବ୍ରାଂଚ । ବିଶେଷକରି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପାଣ୍ଡିଆନଙ୍କ ପାଇଁ ସରକାରୀ ପାଣ୍ଠିରେ କିଭଳି ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା ତା'ର ବିଧିବଦ୍ଧ ତଦନ୍ତ ଆରମ୍ଭ ହୋଇଛି । ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଅଭିଯୋଗ ଆଧାରରେ ଗୃହ ବିଭାଗର ନିର୍ଦ୍ଦେଶକ୍ରମେ ଏହି କ୍ରାଇମବ୍ରାଂଚ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି ।

ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ୨୦୨୪ ଫେବୃୟାରୀ ୮ତାରିଖରେ ରାଜ୍ୟ ଗୃହ ସଚିବଙ୍କ ନିକଟରେ ଦାଖଲ କରାଯାଇଥିବା ଅଭିଯୋଗର ତଦନ୍ତ ପାଇଁ କ୍ରାଇମବ୍ରାଂଚ ପକ୍ଷରୁ ତାଙ୍କୁ ନୋଟିସ୍ ଜାରି ହୋଇଛି । କ୍ରାଇମବ୍ରାଂଚର ତଦନ୍ତକାରୀ ଅଧିକାରୀ ଡିଏସପି ସନ୍ତୋଷ କୁମାର ଗୌଡ଼ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ)ର ଧାରା ୯୪ ଅନ୍ତର୍ଗତ ଡିସେମ୍ବର ୧୫ତାରିଖରେ ଏହି ନୋଟିସ୍ ଜାରି କରିଛନ୍ତି । ପୂର୍ବତନ ଫାଇଭ-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କ ବିରୋଧରେ ରହିଥିବା ଅଭିଯୋଗର ସତ୍ୟତା ପରଖିବା ପାଇଁ ଆସନ୍ତା ୬ ତାରିଖ ସୁଦ୍ଧା ସମସ୍ତ ଦସ୍ତାବିଜ, ଇଲେକ୍ଟ୍ରୋନିକ୍ସ ରେକର୍ଡ ଏବଂ ଅନ୍ୟାନ୍ୟ ପ୍ରମାଣ ଦାଖଲ କରିବାକୁ ଶ୍ରୀ ପାଣିଗ୍ରାହୀଙ୍କୁ ଅନୁରୋଧ କରାଯାଇଛି । କ୍ରାଇମବ୍ରାଂଚ ୨୦୨୫ ମେ' ୨୯ତାରିଖରେ ମଧ୍ୟ ଏନେଇ ପ୍ରାରମ୍ଭିକ ଖୋଳତାଡ଼ ଆରମ୍ଭ କରିଥିବା ଜଣାପଡ଼ିଛି ।

ଶ୍ରୀ ପାଣିଗ୍ରାହୀ ତାଙ୍କ ଅଭିଯୋଗରେ ପାଣ୍ଡିଆନଙ୍କ ଦ୍ୱାରା ଓଡ଼ିଶା ରୁଲସ ଅଫ ବିଜିନେସ-୧୯୫୬ର ଉଲ୍ଲଙ୍ଘନ ସହ ଅନ୍ୟାନ୍ୟ ଅଭିଯୋଗ ମଧ୍ୟ ଆଣିଥିବା ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ, ଫାଇଭ-ଟି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବା ସମୟରେ ପାଣ୍ଡିଆନ ବିଭିନ୍ନ ସଭା ଓ କାର୍ଯ୍ୟକ୍ରମରେ ବେଆଇନ ଭାବେ ସରକାରୀ କ୍ଷମତାର ଅପବ୍ୟବହାର କରିଥିଲେ । ପାଣ୍ଡିଆନ ସରକାରୀ ତହବିଲରୁ ବିପୁଳ ପରିମାଣର ଅର୍ଥ ବ୍ୟୟ କରି ହେଲିକପ୍ଟର ଗସ୍ତ ସହ କାର୍ଯ୍ୟକ୍ରମ ଆୟୋଜନ କରିଥିବା ନେଇ ହୋଇଥିବା ଅଭିଯୋଗ ସଂକ୍ରାନ୍ତରେ କ୍ରାଇମବ୍ରାଂଚ ତଦନ୍ତ କରୁଛି । ଏହି ନୋଟିସ୍ ସମ୍ପର୍କରେ ଶ୍ରୀ ପାଣିଗ୍ରାହୀଙ୍କୁ ପଚରାଯିବାରୁ କ୍ରାଇମବ୍ରାଂଚ ତାଙ୍କୁ ନୋଟିସ୍ ଜାରି କରିଛି ଓ ଏହି ଅଭିଯୋଗ ସେ ସାଧାରଣ ନିର୍ବାଚନ ପୂର୍ବରୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ

## ବାହାରିବ ୧୪ ଓଏଏସ୍, ୧୧୩ ଓଆରଏସ୍ ପଦବୀ




**ଭୁବନେଶ୍ୱର(ଏନ୍.ଏମ୍.) :** ଓସିଏସ୍ ବିଜ୍ଞପ୍ତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ । ବାହାରିବ ଓଏଏସ୍, ଓଆରଏସ୍ ପଦବୀ । ପୂର୍ବ ବିଜ୍ଞପ୍ତିରେ ପଦବୀ ନଥିବା ଖବର ପ୍ରସାରଣ ହୋଇଥିଲା । କନକ ନ୍ୟୁଜରେ ଖବର ପ୍ରସାରଣ ପରେ ହସ୍ତକ୍ଷେପ କରିଛନ୍ତି ମୁଖ୍ୟମନ୍ତ୍ରୀ । ୧୫୧ଟି ଅଧିକ ପଦବୀ ପୂରଣ ପାଇଁ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିଜ୍ଞପ୍ତୀରେ ପଦବୀ ନଥିବାରୁ ଅସନ୍ତୋଷ ଦେଖାଦେଇଥିଲା । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଏବଂ ଗତ ୧୮ ମାସରେ ପ୍ରାୟ ୪୦ ହଜାର ସରକାରୀ ପଦବୀ ପୂରଣ ହୋଇସାରିଛି । ବର୍ତ୍ତମାନ ମଧ୍ୟ ବିଭିନ୍ନ ଆୟୋଗ ଦ୍ୱାରା ଯେଉଁ ପରୀକ୍ଷା କରାଯିବ, ବିଜ୍ଞପ୍ତି ପ୍ରକାଶ ପର୍ଯ୍ୟନ୍ତ ଯେତେ ପଦବୀ ଖାଲିଥିବ ସେସବୁ ପୂରଣ କରିବା ପାଇଁ ଆୟୋଗ ଗୁଡିକୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ନୂଆ ଓଡିଆ ଚଳଚ୍ଚିତ୍ର 'କୁଣ୍ଡଳୀ'ର ଶୁଭ ମହୁରତ




**ଭୁବନେଶ୍ୱର(ଏନ୍.ଏମ୍.):** ବେଶ କିଛି ବର୍ଷ ହେଲା ମୌଳିକ କାହାଣୀକୁ ନେଇ ଓଡିଆ ଚଳଚ୍ଚିତ୍ର ନିର୍ମାଣର ଧାରା ବଦଳି ଥିବାରୁ ଓଡ଼ିଆ ଚଳଚ୍ଚିତ୍ର ପ୍ରତି ଢେର ଲୋକପ୍ରିୟତା ବଢିଛି। ସେହି ଲୋକପ୍ରିୟତା ହାସଲ ଆଶାରେ 'କୁଣ୍ଡଳୀ' ନାମକ ଏକ ନୂତନ ଓଡ଼ିଆ ଚଳଚ୍ଚିତ୍ରର ଶୁଭ ମହୁରତ ମାଆ ଧାକୁଲେଇ ପୀଠରେ ହୋଇଛି। ନବାଗତା ପ୍ରଯୋଜିକା ବିଜୟଲକ୍ଷ୍ମୀ ନାୟକଙ୍କ ସମେତ ନବାଗତ ନିର୍ଦ୍ଦେଶକ ରୋହନଜିତ ଦାଶ, ସଙ୍ଗୀତ ନିର୍ଦ୍ଦେଶକ ଜ୍ଞାନ ବେହେରା, କାର୍ଯ୍ୟକାରୀ ପ୍ରଯୋଜକ ଶୁଭ୍ରାଂଶୁ ଶେଖର ମହାପାତ୍ର, ବରିଷ୍ଠ ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଯୁବ ପ୍ରଯୋଜକ ହିମାଦ୍ରୀ ତନୟ ଦାସ, ଶକ୍ତି ବରାଳ, ଋଷି ପଟ୍ଟନାୟକ, କେ.କେ, ଭକ୍ତି ଦାସ, ନବାଗତ ନାୟକ ମୃଣ୍ମୟ, ନାୟିକା, ଅନନ୍ୟା ଦାଶ, ଅଭିନେତା ଜ୍ୟୋତି ନାୟକ, ସନ୍ତୁ ନିଜେ ଏବଂ ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ, କାହାଣୀକାର ତଥା ସଂଳାପକାର ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ଶୁଭ ମହୁରତ ଅବସରରେ ଉପସ୍ଥିତ ଥିଲେ। ଥଣ୍ଡର ପିକ୍ସେଲ ଫିଲ୍ମସ ଓ ଆମରା ମ୍ୟୁଜିକ୍ ମିଳିତ ସହଯୋଗରେ କୁଣ୍ଡଳୀ ନିର୍ମାଣ ହେବ। ନାୟକ ଜ୍ୟୋତି ନାୟକ, ନବାଗତ ମୃଣ୍ମୟ, ନାୟିକା ଅନନ୍ୟା ଦାଶ ଏବଂ ଜସ୍ମିନ ମୁଖ୍ୟ ଚରିତ୍ର ରେ ଅଭିନୟ କରୁଛନ୍ତି। ଜନ୍ମ ହେବା ମାତ୍ରେ ସମସ୍ତେ 'କୁଣ୍ଡଳୀ' ସାଙ୍ଗରେ ନେଇ ଆସିଥାନ୍ତି। ତେବେ ସେଇ କୁଣ୍ଡଳୀ କେତେବେଳେ କାହା ଭାଗ୍ୟରେ କେମିତି ଥାଏ ତାହା ଏହି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକ ଆଗାମୀ ଦିନରେ ଦେଖିବେ। 'କୁଣ୍ଡଳୀ' ଏକ ଓଡ଼ିଆ ସସ୍ପେନ୍ସ ତଥା ହରର୍ ଚଳଚ୍ଚିତ୍ର। ପ୍ରଥମଥର ପାଇଁ ସସ୍ପେନ୍ସ ତଥା ହରର୍ ଚଳଚ୍ଚିତ୍ର ଭାବେ ବୋଉ ବୁଟୁ ଭୂତକୁ ଦର୍ଶକ ଢେର ଭଲ ପାଇବା ଦେଇଥିଲେ ଏବଂ ବ୍ୟବସାୟିକ ସଫଳତା ମଧ୍ୟ ପାଇଥିଲା। କୁଣ୍ଡଳୀ ଏକ ବ୍ୟୟ ବହୁଳ ଭରପୁର ଭିଏଫଏକ୍ସ ବ୍ୟବହୃତ ଚଳଚ୍ଚିତ୍ର ଭାବେ ନିର୍ମାଣ ହେବ। ଯାହା ଓଡ଼ିଆ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଯୋଗାଇବ ବୋଲି ନିର୍ଦ୍ଦେଶକ ରୋହନଜିତ ଦାଶ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ତେବେ ବଢୁଛି ନୂତନ ପ୍ରଯୋଜକ, ନିର୍ଦ୍ଦେଶକଙ୍କ ସଂଖ୍ୟା, ମୌଳିକ କାହାଣୀକୁ ନେଇ ବଦଳିଛି ଉନ୍ନତମାନର ନିର୍ମାଣ ଶୈଳୀ। କୁଣ୍ଡଳୀ ଖୁବ ଶୀଘ୍ର ସୁଟିଂ ଫ୍ଲୋର କୁ ଯିବ ଏବଂ ରଜରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛନ୍ତି।

# ବଲିଉଡ ଫିଲ୍ମ 'ଇକ୍କିସ୍' ସିନେମା ହଲରେ



**ଭୁବନେଶ୍ୱର(ଏନ୍.ଏମ୍.):** ନବବର୍ଷ ଅବସରରେ ବଲିଉଡ ଫିଲ୍ମ 'ଇକ୍କିସ୍' ସିନେମା ହଲରେ ମୁକ୍ତିଲାଭ କରିଛି। ଅଗସ୍ତ୍ୟା ନନ୍ଦା, ସିମର ଭାଟିଆ, ଧର୍ମେନ୍ଦ୍ର ଏବଂ ଜୟଦୀପ ଅହଲାୱତ ଅଭିନୀତ 'ଇକ୍କିସ୍' ସେହି ସମୟରେ ମୁକ୍ତିଲାଭ କଲା ଯେତେବେଳେ ରଣଭୀର ସିଂହଙ୍କ 'ଧୁରନ୍ଧର' ବକ୍ସ ଅଫିସରେ ଧମାକା କରୁଛି। ରିଲିଜର ପ୍ରଥମ ଦିନରେ "ଇକ୍କିସ୍" ଭଲ କଲେକ୍ସନ କରିଛି। ରିପୋର୍ଟ ଅନୁଯାୟୀ, ଅଗସ୍ତ୍ୟା ନନ୍ଦା ଏବଂ ସିମର ଭାଟିଆଙ୍କ ନୂଆ ଯୋଡ଼ି ଅଭିନୀତ 'ଇକ୍କିସ' ପ୍ରଥମ ଦିନରେ ୭ କୋଟି କଲେକ୍ସନ କରିଥିଲା। ଧୁରନ୍ଧର କ୍ରେଜ ମଧ୍ୟରେ 'ଇକ୍କିସ' ହିନ୍ଦୀ ଭର୍ସନ ୩୧.୯୪% ଅକ୍ୟୁପାନ୍ସି ହାର ରେକର୍ଡ କରିଥିଲା ।ସକାଳ ଶୋ'ରେ ଅକ୍ୟୁପାନ୍ସି ହାର ୧୨.୦୯%, ଅପରାହ୍ନ ଶୋ'ରେ ୩୫.୨୯%, ସନ୍ଧ୍ୟା ଶୋ'ରେ ୪୬.୭୭% ଏବଂ ରାତି ଶୋ'ରେ ୩୩.୬୨% ରେକର୍ଡ କରିଥିଲା। ଭାରତରେ 'ଧୁରନ୍ଧର' କଲେକ୍ସନ ୨୭ ଦିନରେ ୭୬୬.୯୦ କୋଟିରେ ପହଞ୍ଚିଛି। 'ଧୁରନ୍ଧର' ଏହାର ୨୭ତମ ଦିନରେ ୧୨.୪୦ କୋଟି ରୋଜଗାର କରିଛି। ଏହି ସମୟରେ, କାର୍ତ୍ତିକ ଆର୍ଯ୍ୟନ ଏବଂ ଅନନ୍ୟା ପାଣ୍ଡେ ଅଭିନୀତ ରୋମାଣ୍ଟିକ ଡ୍ରାମା ଫିଲ୍ମ "ତୁ ମେରି ମେ ତେରା ମେ ତେରା ଔର ତୁ ମେରି" ଅଷ୍ଟମ ଦିନରେ ୧.୩୫ କୋଟି ରୋଜଗାର କରିଛି। ଫିଲ୍ମର ୮ଦିନର କଲେକ୍ସନ ଏବେ ୩୦.୨୦ କୋଟିରେ ପହଞ୍ଚିଛି। "ତୁ ମେରି ମେ ତେରା ମେ ତେରା ଔର ତୁ ମେରି" ବକ୍ସ ଅଫିସରେ ଫ୍ଲପ୍ ହେଉଥିବା ପରି ମନେ ହେଉଛି। ଶ୍ରୀରାମ ରାଘବନଙ୍କ ନିର୍ଦ୍ଦେଶିତ "ଇକ୍କିସ୍" ୧୯୭୧ ଭାରତ-ପାକ୍ ଯୁଦ୍ଧରେ ସହିଦ ହୋଇଥିବା ଯୁବ ସୈନିକ ଅରୁଣ ଖେତରପାଲଙ୍କ ଉପରେ ଆଧାରିତ। ଏହି ଚଳଚ୍ଚିତ୍ରଟି ଦର୍ଶକଙ୍କୁ ଏହାର ପ୍ରଥମ ଦିନରେ ଏକ ଚମତ୍କାର ଅଭିଜ୍ଞତା ପ୍ରଦାନ କରିଥିଲା। "ଇକ୍କିସ୍" ନୂତନ ବର୍ଷର ସପ୍ତାହରେ କେତେ ରୋଜଗାର କରୁଛି ତାହା ଦେଖିବା ବାକି ରହିଲା।

# ନୂଆ ବର୍ଷରେ ନୂଆ ରେକର୍ଡ, ଗୋଟିଏ ଦିନରେ ମୁକ୍ତିଲାଭ କଲା ୧୫ଟି ମ୍ୟୁଜିକ୍ ଭିଡିଓ



**ଭୁବନେଶ୍ୱର(ଏନ୍.ଏମ୍.):** ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ମ୍ୟୁଜିକ୍ ଭିଡ଼ିଓର ଚାହିଦା ଢେର ବେଶୀ ଥିବାରୁ, ମ୍ୟୁଜିକ୍ ଭିଡ଼ିଓ ନିର୍ଦ୍ଦେଶକ ବାବୁ ବାବୁ ୨୦୨୬ ନୂଆ ବର୍ଷ ଉପଲକ୍ଷେ ପନ୍ଦରଟି ମ୍ୟୁଜିକ୍ ଭିଡିଓ ନିର୍ଦ୍ଦେଶନା ଦେଇ ନିଜ ରେକର୍ଡ ନିଜେ ଭାଙ୍ଗିଛନ୍ତି। ସେହି ଅବସରରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ନିର୍ଦ୍ଦେଶକ ବାବୁ ବାବୁଙ୍କର ନିର୍ଦ୍ଦେଶିତ ପନ୍ଦର ଗୀତଟି ରିଲିଜ୍ ହୋଇଛି। ଏହି ରିଲିଜ୍ ଉତ୍ସବରେ ସଙ୍ଗୀତ ଦୁନିଆର ବରିଷ୍ଠ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ, ସଂଳାପ ଲେଖକ ରଜନୀ ରଞ୍ଜନ, ଆଲବମ ଦୁନିଆର ବାଦଶାହ ବରିଷ୍ଠ ଅଭିନେତା ବବି ମିଶ୍ର, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଜଲି ସ୍ୱାଇଁ, ଅଭିନେତା କୈଳାଶ ମହାପାତ୍ର, ପ୍ରଯୋଜକ ରାଘବ ସ୍ୱାଇଁ, ଅନ୍ୟାନ୍ୟ ପ୍ରଯୋଜକଙ୍କ ସମେତ ନିର୍ଦ୍ଦେଶକ ବାବୁ ବାବୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପିକା ଗୁଡ୍ଡୀ ସଂଯୋଜନା କରିଥିଲେ।

ତେବେ, ଏବେ ଚଳଚ୍ଚିତ୍ର ଗୀତ ଅପେକ୍ଷା ଶ୍ରୋତା ତଥା ଦର୍ଶକ ମ୍ୟୁଜିକ୍ ଭିଡ଼ିଓ ପ୍ରତି ଅଧିକ ଆକୃଷ୍ଟ ହେଉଥିବାରୁ ଏବେ ଯଥେଷ୍ଟ ବ୍ୟୟରେ ପ୍ରଯୋଜକମାନେ ମ୍ୟୁଜିକ୍ ଭିଡିଓ ନିର୍ମାଣ କରୁଛନ୍ତି। ନିର୍ଦ୍ଦେଶକ ବାବୁ ବାବୁ ଗତ ବର୍ଷ ଗୋଟିଏ ଦିନରେ ଦଶଟି ମ୍ୟୁଜିକ୍ ଭିଡ଼ିଓ ରିଲିଜ୍ କରି ରେକର୍ଡ ସୃଷ୍ଟି କରିଥିଲେ। ତେବେ ଏବେ ପନ୍ଦରଟି ଗୀତ ଏକା ସାଙ୍ଗରେ ରିଲିଜ୍ କରି ପୁଣି ରେକର୍ଡ ସୃଷ୍ଟି କରିଛନ୍ତି। ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ଅନେକ ନବାଗତ ନାୟକ, ନାୟିକାଙ୍କ ଠାରୁ ଆରମ୍ଭ କରି ଚଳଚ୍ଚିତ୍ର ତଥା ଟେଲିଭିଜନ ଦୁନିଆର ଅନେକ ନାମୀ କଳାକାର ଅଭିନୟ କରିବା ପାଇଁ ସୁଯୋଗ ପାଇଛନ୍ତି। ସେହିପରି ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ ମଧ୍ୟ ସୃଷ୍ଟି ହେବା ସହିତ ନାମୀ କଳାକାର ମଧ୍ୟ ରୋଜଗାର ପାଇଛନ୍ତି। ବାବୁ ବାବୁ ଜଣେ ସ୍ନେହୀ ନିର୍ଦ୍ଦେଶକ ହୋଇଥିବାରୁ ସମସ୍ତ ଟେକ୍ନିସିଆନ୍ ତାଙ୍କ ସହିତ କାମ କରିବାକୁ ଆଗ୍ରହୀ ଥାଆନ୍ତି। ବାବୁ ବାବୁଙ୍କ ସଚ୍ଚୋଟ ପଣିଆ ଏବଂ କାର୍ଯ୍ୟଶୈଳୀ ପାଇଁ ଅନେକ ନୂଆ, ପୁରୁଣା ପ୍ରଯୋଜକମାନେ ତାଙ୍କ ଉପରେ ବହୁତ ଭରସା କରିଥାନ୍ତି। ଏଯାବତ ଦୁଇ ଶହରୁ ଅଧିକ ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ଦେଇ ଓଡିଶାବାସୀଙ୍କୁ ପ୍ରିୟ ହୋଇପାରିଛନ୍ତି। ମୁଁ ଭଲରେ ନାହିଁରେ କାଳିଆ, ଥରୁଟେ କହିଦେ ଖାଲି, ତୋ ପ୍ରେମ ମୋ ପାଇଁ ଜରୁରୀ ହେଉ, ଗୋଟେ କପ କଫି, ଆଖି ପଲକେ ମୋ ତୁ, ତୋ ଭଲ ପାଇବା ମୋର ଦରକାର, କଜଳ, ମୋ ହୃଦୟ ତତେ ଜଗିଲା, ଟୁକେଲ ତୁଇ ଆମ ସମ୍ବଲପୁରର, ପ୍ରେମ ରତୁ ଆସିଗଲା, ମିଛି ମିଛିକା ପ୍ରେମ ଭର୍ଜନ ୩, ଟିକେ ତୁ ଆଉ ଟିକେ ପ୍ରେମ ତୋର ଏବଂ ଗୁଡ଼ ମଠିଆ ଭଳି ପନ୍ଦରଟି ମ୍ୟୁଜିକ୍ ଭିଡିଓ ରିଲିଜ୍ ହୋଇଛି।

# ତମନ୍ନାଙ୍କ ସ୍ଥାନରେ କ୍ରିଷ୍ଟଲ୍ !



**ମୁମ୍ବାଇ(ଏଜେନ୍ସି):** ବକ୍ସ ଅଫିସରେ ହଜାରେ କୋଟିରୁ ଅଧିକ ବ୍ୟବସାୟ କରିଥିବା 'ଧୁରନ୍ଧର'ରେ କ୍ରିଷ୍ଟଲ୍ ଡିସେଜା ଓ ଆୟେଶା ଖାନ୍‌ଙ୍କ ଅଭିନୀତ ଗୀତ 'ସରାରତ୍...' ଦର୍ଶକଙ୍କ ମନଜିଣିଛି। ତେବେ ଏହି ଗୀତକୁ ନେଇ ଆସିଥିବା ନୂଆ ତଥ୍ୟ ସିନେପ୍ରେମୀଙ୍କୁ ଆଲୋଚନାର ଖୋରାକ ଯୋଗାଇଛି। ସେମାନେ କହୁଛନ୍ତି, 'ଦାନେ ଦାନେ ପେ ଲିଖାହୁଆ ଖାନେୱାଲେକା ନାମ୍'। କାରଣ ଏହି ଗୀତରେ ପ୍ରଥମେ ତମନ୍ନା ଭାଟିଆ ଅଭିନୟ କରିବାର ଥିଲା, କିନ୍ତୁ ପରେ ତାଙ୍କ ବଦଳରେ 'ଏକ୍ ହଜାରୋଁ ମେଁ ମେରୀ ବେହନା ହେ' ଫେମ୍ କ୍ରିଷ୍ଟଲ୍ ଡିସେଜାଙ୍କୁ ଏହି ସୁଯୋଗ ମିଳିଥିଲା। ନିକଟରେ ଏକ ସାକ୍ଷାତକାରରେ ଏ ନେଇ ପଚରାଯାଇଥିବା ପ୍ରଶ୍ନର ଚମତ୍କାର ଉତ୍ତର ଦେଇଛନ୍ତି କ୍ରିଷ୍ଟଲ୍। ସେ କହିଛନ୍ତି, ସବୁ ଭାଗ୍ୟର ଖେଳ, ଯାହା ଭାଗ୍ୟରେ ଲେଖାଥିବ, ତାହା ହିଁ ହେବ। ତେବେ ବାସ୍ତବରେ ତମନ୍ନାଙ୍କ ସ୍ଥାନରେ ତାଙ୍କୁ ସୁଯୋଗ ମିଳିଛି ବୋଲି ତାଙ୍କର କୌଣସି ଧାରଣା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଗୀତ ପାଇଁ ପ୍ରଥମ ପସନ୍ଦ ଯିଏ ବି ହୁଅନ୍ତୁ ନା କାହିଁକି, ତମନ୍ନାଙ୍କ ପରି ସୁନ୍ଦର ଓ ଉଚ୍ଚକୋଟୀର ଅଭିନେତ୍ରୀଙ୍କ ପ୍ରଶଂସା କରିବାରେ କ୍ରିଷ୍ଟଲ୍ ଆଦୌ ବି କାର୍ପଣ୍ୟ କରିନାହାନ୍ତି। ତମନ୍ନା ଏ ଗୀତରେ ତାଙ୍କ ଶୈଳୀର ଛୁଙ୍କଦେଇ ନାଚିଥିଲେ ଗୀତଟି ହୁଏତ ଆହୁରି ଭଲ ହୋଇପାରିଥାଆନ୍ତା ବୋଲି ସେ ସ୍ୱୀକାର କରିଛନ୍ତି। ତେବେ ନିକଟରେ 'ଧୁରନ୍ଧରର କୋରିଓଗ୍ରାଫର୍ ବିଜୟ ଗାଙ୍ଗୁଲୀଙ୍କ ଏକ ବୟାନ ଏହି ଚର୍ଚ୍ଚାର ସୂତ୍ରପାତ କରିଥିଲା। ସେ ଏକ ସାକ୍ଷାତକାରରେ କହିଥିଲେ କି, ପ୍ରଥମେ 'ସରାରତ୍...' ଗୀତ ପାଇଁ ତମନ୍ନା ଭାଟିଆଙ୍କ ନାମ ଉଠିଥିଲା, କିନ୍ତୁ ନିର୍ଦ୍ଦେଶକ ଆଦିତ୍ୟ ଧର୍ ଏହାକୁ ନାକଚ କରିଦେଇଥିଲେ। ତାଙ୍କର ଏହି ମନ୍ତବ୍ୟ ଭାଇରାଲ୍ ହେବାରୁ ଇନ୍‌ଷ୍ଟାଗ୍ରାମ୍ରେ ଏକ ସ୍ପଷ୍ଟୀକରଣ ଜାରିକରି ତମନ୍ନା ଏ ବାବଦରେ ଅବଗତ ନଥିଲେ ବୋଲି କହିଥିଲେ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ଶରୀର ପାଇଁ କେତେ ପ୍ରୋଟିନ୍ ଆବଶ୍ୟକ

ଉତ୍ତର ପ୍ରଦେଶର କନୌଜରେ ଜଣେ ୧୯ ବର୍ଷୀୟ ବାଳକ ପ୍ରୋଟିନ୍ ଶେକ୍ ଖାଇବା ପରେ ମୃତ୍ୟୁବରଣ କରିଥିଲେ। ଶେକ୍ ଖାଇବା ପରେ ତାଙ୍କ ଫୁସଫୁସ କାମ କରିବା ବନ୍ଦ କରିଦେଇଥିଲା, ଯାହା ଫଳରେ ତାଙ୍କ ଶରୀରରେ ଅମ୍ଳଜାନର ଅଭାବ ହୋଇଥିଲା, ଯାହା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ଅନୁସାରେ ବାଳକ ଜଣଙ୍କ କିଛି ଦିନ ପୂର୍ବରୁ ଏକ ଜିମରେ ଯୋଗ ଦେଇଥିଲେ ଏବଂ ସେଠାରେ ପ୍ରୋଟିନ୍ ଶେକ୍ ପିଇଥିଲେ। ଏହା ଆଜିର ଫିଟନେସ୍ ଧାରା ବିଷୟରେ ଗମ୍ଭୀର ପ୍ରଶ୍ନ ଉଠାଇଥାଏ। ଶୀଘ୍ର ମାଂସପେଶୀ ନିର୍ମାଣ କରିବା ଏବଂ ଫିଟ୍ ଦେଖାଯିବା ପାଇଁ, ଲୋକମାନେ ଭୁଲିଯାଆନ୍ତି ଯେ ପ୍ରତ୍ୟେକ ଶରୀରର ଭିନ୍ନ ଭିନ୍ନ ଆବଶ୍ୟକତା ଥାଏ। ଡାକ୍ତରଙ୍କ ପରାମର୍ଶ ବିନା ପ୍ରୋଟିନ୍ ସପ୍ଲିମେଣ୍ଟ୍ ନେବା ବିପଜ୍ଜନକ ହୋଇପାରେ।

ଅନ୍ୟପକ୍ଷରେ, ଭାରତରେ ବିକ୍ରି ହେଉଥିବା ୩୬ଟି ସବୁଠାରୁ ଲୋକପ୍ରିୟ ପ୍ରୋଟିନ୍ ସପ୍ଲିମେଣ୍ଟ୍ ମଧ୍ୟରୁ ୭୦% ସେମାନଙ୍କ ଲେବଲରେ ଭୁଲ୍ ଲେଖାଯାଇଛି। ଏହି ସପ୍ଲିମେଣ୍ଟ୍ ମଧ୍ୟରୁ ୧୪% ରେ ବିଷାକ୍ତ ପଦାର୍ଥ ଥିବା ଜଣାପଡିଛି। ତେବେ ଚାଲନ୍ତୁ ଜାଣିବା ଯେ ପ୍ରୋଟିନ୍ କ'ଣ, ଏହା ଶରୀର ପାଇଁ କାହିଁକି ଜରୁରୀ, ଏବଂ ପ୍ରୋଟିନ୍ ଗ୍ରହଣ କରିବାର ଏକ ସଠିକ୍ ଉପାୟ କ'ଣ।

ପ୍ରୋଟିନ୍ କ'ଣ ଏବଂ ଏହା ଶରୀର ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ

ଆମର ଶରୀର ତିନୋଟି ମୁଖ୍ୟ ଉପାଦାନରେ ଗଠିତ: ୬୦ପ୍ରତିଶତ ପାଣି, ୧୬ ପ୍ରତିଶତ ପ୍ରୋଟିନ୍, ୧୬ ପ୍ରତିଶତ ଚର୍ବି। ପ୍ରୋଟିନ୍ ଏକ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥ, ଯାହା କୋଷଗୁଡ଼ିକର ଗଠନ ଏବଂ କାର୍ଯ୍ୟ ଉଭୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ମାଂସପେଶୀ ନୁହେଁ ବରଂ ସମଗ୍ର ଶରୀରର କାର୍ଯ୍ୟକାରିତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ପ୍ରୋଟିନ୍ ଆମିନୋ ଏସିଡ୍ ରେ ଗଠିତ, ଯାହା ଶରୀରର ନିର୍ମାଣ ବ୍ଲକ।

ପ୍ରୋଟିନ୍ ମାଂସପେଶୀ, ଚର୍ମ, କେଶ ଏବଂ ନଖ ଗଠନରେ ସାହାଯ୍ୟ କରେ।

ପ୍ରୋଟିନ୍ ଏନଜାଇମ୍ ଏବଂ ହରମୋନ୍ ଗଠନ ପାଇଁ ଅତ୍ୟାବଶ୍ୟକ।

ପ୍ରୋଟିନ୍ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରେ ଏବଂ ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରେ।

ପ୍ରୋଟିନ୍ ଶରୀର ମରାମତି ଏବଂ ବୃଦ୍ଧି ପାଇଁ ଅତ୍ୟାବଶ୍ୟକ।

### ମା'ରାଣ ଦେହକୁ ନେବେନି...



ରାଉରକେଲାରୁ ସୁନାଧନୁ ଯିବ
ଧରିବେ ଅଯୋଧ୍ୟା ରାମ...
କୋଟିଏଟଙ୍କାର ଧନୁକୁ ଧରିଲେ
ନିଶ୍ଚେ ଖୁସିହେବେ ଶ୍ୟାମ...
ପସିପାରିବେନି ଯମ...
ରାଜନେତା କୁହେ ଆଗକୁ ଦେଖିବ
ହେବ ଗୋଟେ ବଡ଼କାମ

- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ଗାଜର ଆଚାର



**ଆବଶ୍ୟକୀୟ ସାମଗ୍ରୀ:**

ଲାଲ ଗାଜର – ୧ କିଲୋଗ୍ରାମ, ସୋରିଷ ତେଲ – ୨୫୦ ଗ୍ରାମ, ଲାଲ ସୋରିଷ – ୧୦୦ ଗ୍ରାମ, ପାନମହୁରି – ୬୦ ଗ୍ରାମ, ମେଥି – ୩୦ ଗ୍ରାମ, ଲାଲ ଲଙ୍କା ଗୁଣ୍ଡ – ୨ ଚାମଚ, ହଳଦୀ – ୧ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ଆସାଫୋଏଟିଡା – ୧ ଚାମଚ, ଭିନେଗାର – ୨ ଚାମଚ

**ପ୍ରସ୍ତୁତି ପ୍ରଣାଳି:**

ପ୍ରଥମେ, ଆଚାର ପାଇଁ ଗାଜର ପ୍ରସ୍ତୁତ କରନ୍ତୁ। ଭଲ ଭାବରେ ଧୋଇ ଛାଣି ଦିଅନ୍ତୁ। ଲମ୍ବା ଖଣ୍ଡ କରି କାଟନ୍ତୁ। ଏବେ ଗାଜରକୁ ୫ ଘଣ୍ଟା ପାଇଁ ସୂର୍ଯ୍ୟ କିରଣରେ ଶୁଖାଇ ଦିଅନ୍ତୁ କିମ୍ବା ପଙ୍ଖା ତଳେ ରଖନ୍ତୁ। ଏହା ଗାଜରରୁ ସମସ୍ତ ଆର୍ଦ୍ରତା ଦୂର କରିଦେବ ଏବଂ ଆଚାର ନଷ୍ଟ ହେବାର ଆଶଙ୍କା ହ୍ରାସ କରିବ। ଏହି ସମୟ ମଧ୍ୟରେ, ମସଲା ପ୍ରସ୍ତୁତ କରନ୍ତୁ। ସୋରିଷ, ପାନମହୁରୀ ଏବଂ ମେଥି ଦାନାକୁ କମ୍ ଆଞ୍ଚରେ ହାଲୁକା ଭାବରେ ଭଜାନ୍ତୁ। ମସଲା ଥଣ୍ଡା ହେବା ପରେ, ସେଗୁଡ଼ିକୁ ଗ୍ରାଇଣ୍ଡ କରନ୍ତୁ। ଭଜା ମସଲା ଆଚାରକୁ ଶୀଘ୍ର ନଷ୍ଟ ହେବାରୁ ରୋକିଥାଏ। ସୋରିଷ ତେଲ ଧୂଆଁ ନ ଆସିବା ପର୍ଯ୍ୟନ୍ତ ଗରମ କରନ୍ତୁ। ତାପରେ, ଗରମ ବନ୍ଦ କରନ୍ତୁ ଏବଂ ତେଲକୁ ଟିକେ ଥଣ୍ଡା ହେବାକୁ ଦିଅନ୍ତୁ। ତେଲରେ ହେଙ୍ଗୁ ପକାନ୍ତୁ ଏବଂ ଆଚାର ପାଇଁ ଏକ ବଡ଼ ଶୁଖିଲା ପାତ୍ର ନିଅନ୍ତୁ। ଶୁଖିଲା ଗାଜର ଏବଂ ଅବଶିଷ୍ଟ ମସଲା ମିଶାନ୍ତୁ: ଲୁଣ, ହଳଦୀ, ଲାଲ ଲଙ୍କା ଏବଂ ପେଷା ମସଲା। ଉଷୁମ ତେଲ ଉପରେ ଢାଳନ୍ତୁ ଏବଂ ୨ଚାମଚ ଭିନେଗାର ପକାନ୍ତୁ। ଏବେ, ଏକ ଗ୍ଲାସ କିମ୍ବା ସିରାମିକ୍ ଜାରରେ ଅଚାର ପୂରଣ କରନ୍ତୁ ଏବଂ ପ୍ରାୟ ୫ଦିନ ପାଇଁ ପ୍ରତିଦିନ ସୂର୍ଯ୍ୟ କିରଣରେ ରଖନ୍ତୁ। ଆପଣଙ୍କର ଗାଜର ଆଚାର ପ୍ରସ୍ତୁତ। ଏହା ପରିବେଷଣ ପାଇଁ ପ୍ରସ୍ତୁତ। ତଥାପି, ଏହାକୁ ବାହାର କରିବା ସମୟରେ ଓଦା ଚାମଚ ବ୍ୟବହାର କରନ୍ତୁ ନାହିଁ।

**ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।**




# ନବବର୍ଷରେ ସୁରକ୍ଷା ଚିନ୍ତା

# ମିଳିଲା ବିସ୍ଫୋରକ ଭର୍ତ୍ତି କାର୍




**ନୂଆଦିଲ୍ଲୀ(ଏଜେନ୍ସି) :** ଆଉ କିଛି ଘଣ୍ଟା ପରେ ୨୦୨୬ରେ ପାଦ ଦେବ ଦେଶ। ଲୋକମାନେ ଏବେ ଠାରୁ ଜିରୋ ନାଇଟ ସେଲିବ୍ରେସନ ଆରମ୍ଭ କରି ଦେଇଛନ୍ତି। କିନ୍ତୁ ନବ ବର୍ଷ ପୂର୍ବରୁ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ ହୋଇଛି। କାରଣ ଜବତ ହୋଇଛି ବିସ୍ଫୋରକ ବୋଝେଇ ଗୋଟିଏ କାର୍। ଆଜି ସୁରକ୍ଷାକର୍ମୀମାନେ ରାଜସ୍ଥାନର ଟୋଙ୍କ ଅଞ୍ଚଳରୁ ଗୋଟିଏ ବିସ୍ଫୋରକ ବୋଝେଇ ମାରୁତି ସିଆଜ କାରକୁ ଜବତ କରିଛନ୍ତି। ଏହା ଭିତରୁ ୧୫୦ କେଜି ଓଜନର ବେଆଇନ ଆମୋନିଅମ ନାଇଟ୍ରେଟ ମିଳିଛି। ଏତେ ପରିମାଣର ଆମୋନିଅମ ନାଇଟ୍ରେଟ ଏକାଧିକ ୟୁରିଆ ଫର୍ଟିଲାଇଜର ବ୍ୟାଗରେ ଭର୍ତ୍ତି ହୋଇ କାରରେ ରହିଥିଲା। ଏହାବାଦ କାରରୁ ୨୦୦ ବିସ୍ଫୋରକ କ୍ୟାଟ୍ରିଜ ଓ ୬ ବଣ୍ଡଲ ସୁରକ୍ଷା ଫ୍ୟୁଜ ତାର(ପ୍ରାୟ ୧୧୦୦ ମିଟର) ଜବତ କରାଯିବା ପରେ ହଇଚଇ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଗୁଇନ୍ଦା ସୂତ୍ର ଆଧାରରେ ପୁଲିସ୍ ଉକ୍ତ କାରକୁ ବାରୌନି ପୁଲିସ୍ ଷ୍ଟେସନ ଅଞ୍ଚଳରେ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ଏତେ ପରିମାଣର ବିସ୍ଫୋରକ ମିଳିଛି। ଅଭିଯୁକ୍ତମାନେ ଏହି ବିସ୍ଫୋରକକୁ ବୁଣ୍ଡିରୁ ଟୋଙ୍କକୁ ସପ୍ଲାଏ କରୁଥିଲେ। ଏହି ଘଟଣାରେ ପୁଲିସ୍ ସୁରେନ୍ଦ୍ର ମୋଚି ଓ ସୁରେନ୍ଦ୍ର ପଟୱା ନାମକ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନଙ୍କୁ ଅଟକ ରଖି ପୁଲିସ୍ ଜେରା ଆରମ୍ଭ କରିଛି। ଏତେ ପରିମାଣର ବିସ୍ଫୋରକ ସେମାନେ କେଉଁ ଆଡ଼େ ନେଉଥିଲେ ଏହା କୌଣସି ବିସ୍ଫୋରକ କିମ୍ବା ବେଆଇନ ମାଇନିଂ ପାଇଁ ବ୍ୟବହୃତ ହୋଇଥାଆନ୍ତି କି, ତା'ର ମଧ୍ୟ ଯାଞ୍ଚ ଚାଲିଛି। ଡିଏସପି ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି ଯେ "ଗୁଇନ୍ଦା ସୂତ୍ର ଆଧାରରେ ହୋଇଥିବା ଅପରେସନ ବେଳେ ଗୋଟିଏ କାରରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି। ୨ଜଣଙ୍କୁ ଗିରଫ କରାଯାଇଛି ଓ ଅଧିକ ତଦନ୍ତ ଚାଲିଛି। ଆମେ ଘଟଣାକୁ ସବୁ ଦିଗରୁ ତଦନ୍ତ କରୁଛୁ।" ଗତ ମାସରେ ଦିଲ୍ଲୀର ଲାଲକିଲ୍ଲା ଅଞ୍ଚଳରେ ହୋଇଥିବା ଆତ୍ମଘାତୀ କାର ବିସ୍ଫୋରଣରେ ଆମୋନିଅମ ନାଇଟ୍ରେଟ ବ୍ୟହାର କରାଯାଇଥିଲା। ଏଥିରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା।



# ରେକର୍ଡ ୫୨୮ ଆସନରେ ନିର୍ବାଚନ ଲଢ଼ିବ କଂଗ୍ରେସ

**ନୂଆଦିଲ୍ଲୀ (ଏଜେନ୍ସି) :** ମହାରାଷ୍ଟ୍ର ପୌର ନିର୍ବାଚନରେ କଂଗ୍ରେସ ରେକର୍ଡ ୫୨୮ଟି ଆସନରେ ପ୍ରାର୍ଥୀ ଦେବ। ମୁମ୍ବାଇ, ଥାଣେ, ପୁଣେ, ଛତ୍ରପତି ଶମ୍ଭାଜୀ ନଗର ଓ ପିମ୍ପିର-ଛିଞ୍ଚୱାଡ ପୌର ନଗମର ୫୨୮ଟି ଆସନରେ ଦଳ ନିର୍ବାଚନ ଲଢ଼ିବ। ଜାନୁଆରୀ ୧୫ରେ ନିର୍ବାଚନ ହେବାକୁ ଥିବା ବେଳେ କଂଗ୍ରେସ ରେକର୍ଡ ସଂଖ୍ୟକ ଆସନରେ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଛି। ୧୯୯୯ ପରେ ଦଳ ପ୍ରଥମଥର ପାଇଁ ଏକାକୀ ଏତେ ସଂଖ୍ୟକ ପୌର ସଂସ୍ଥା ଆସନରେ ପ୍ରାର୍ଥୀ ଦେବ।

କଂଗ୍ରେସ ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ଶିବସେନା ଓ ଶରଦ ପାୱାରଙ୍କ ଏନସିପି ସହ ମେଣ୍ଟ କରିଥିଲେ ହେଁ ପୌର ନିର୍ବାଚନରେ ଏକାକୀ ଲଢ଼ିବ ବୋଲି ଜଣାପଡ଼ିଛି। ଅତିରିକ୍ତ ଭାବେ ଦଳ ଏକାକୀ ନାଗପୁର, ଅମରାବତୀ, ଚନ୍ଦ୍ରପୁର, ଲାଟୁରର ୭୦ଟି ଆସନରୁ ୬୫ ଓ ନାନ୍ଦେଦର ୮୧ଟି ଆସନରୁ ୬୦ଟିରେ ମଧ୍ୟ ଦଳ ପ୍ରାର୍ଥୀ ଦେବ। ଏଠାରେ ବାକି ଆସନରେ ପ୍ରକାଶ ଆମ୍ବେଦକରଙ୍କ ବଞ୍ଚିତ ବହୁଜନ ଅଘାଡିର ପ୍ରାର୍ଥୀମାନେ ନିର୍ବାଚନ ଲଢ଼ିବେ। ମୁମ୍ବାଇ ହେଉଛି ଦେଶର ସବୁଠାରୁ ଧନୀ ପୌର ନିଗମ। ଏହାର ବଜେଟ ପ୍ରାୟ ୭୪ ହଜାର କୋଟି। ଏଠାରେ ଦଳ ୧୬୭ଟି ଆସନରେ ପ୍ରାର୍ଥୀ ଦେବ। ଥାଣେରେ ୧୦୧ ଆସନ, ପୁଣେ ଓ ଛତ୍ରପତି ଶମ୍ଭାଜୀ ନଗରରରେ ଦଳ ୧୦୦ଟି ଲେଖାଏ ଆସନରେ ଲଢ଼ିବ। ପିମ୍ପିର-ଚିଞ୍ଚୱାଡରେ କଂଗ୍ରେସ ୬୦ ଜଣଙ୍କୁ ଟିକେଟ ଦେବାକୁ ନିଷ୍ପତ୍ତି ନେଇଛି। ମହା ବିକାଶ ଅଘାଡି ମେଣ୍ଟରେ ସହମତି ପ୍ରକାଶ ନ ପାଇବାରୁ କଂଗ୍ରେସ ମହାରାଷ୍ଟ୍ର ପୌର ନିର୍ବାଚନ ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଉଦ୍ଧବ ଠାକରେଙ୍କ ସହ ୨୦ ବର୍ଷ ତଳେ ଅଲଗା ହୋଇ ଯାଇଥିବା ଭାଇ ରାଜ ଠାକରେ ହାତ ମିଳାଇବାରୁ ମହା ବିକାଶ ଅଘାଡିରେ ଫାଟ ଦେଖିବାକୁ ମିଳିଥିଲା। ଉଦ୍ଧବ ଠାକରେ ଓ ରାଜ ଠାକରେ ପୌର ନିର୍ବାଚନ ପାଇଁ ଏକାଠି ହେବାରୁ କଂଗ୍ରେସ ଏଥିରେ ସାମିଲ ହେବ ନାହିଁ ବୋଲି କହିଥିଲା। ସେହିପରି ଶରଦ ପାୱାରଙ୍କ ଏନସିପି ମଧ୍ୟ ରାଜ ଠାକରେଙ୍କ କମବ୍ୟାକୁ ସହଜରେ ଗ୍ରହଣ କରିନାହିଁ। ନଭେମ୍ବର ମଧ୍ୟ ଭାଗରେ ହିଁ କଂଗ୍ରେସ ରାଜ ଠାକରେଙ୍କୁ ବିରୋଧ କରି ଏକାକୀ ନିର୍ବାଚନ ଲଢ଼ିବ ବୋଲି ସ୍ପଷ୍ଟ କରିଥିଲା। ଏବେ ଦଳ ରେକର୍ଡ ୫୨୮ ଆସନରେ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଛି। ତଥାପି ଉଦ୍ଧବ ଠାକରେ କଂଗ୍ରେସ ଓ ଏନସିପିକୁ ଏକାଠି ହେବାକୁ ଆହ୍ୱାନ ଦେଇଛି। ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟକୁ ହରାଇବାକୁ ହେଲେ ସମସ୍ତ ବିରୋଧୀଙ୍କୁ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି।








# ସେନା ଶିବିରରେ ଭୟଙ୍କର ଅଗ୍ନିକାଣ୍ଡ

**ଉତ୍ତରାଖଣ୍ଡ(ଏଜେନ୍ସି) :** ଉତ୍ତରାଖଣ୍ଡର ଜୋଶୀମଠରେ ଏକ ସେନା ଶିବିର ଭିତରେ ଥିବା ଏକ ଦୋକାନରେ ହଠାତ୍ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ସମ୍ପୂର୍ଣ୍ଣ ଦୋକାନଟି ଜଳିଯାଇଥିଲା। ସେନା କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ପ୍ରୟାସ କରୁଛନ୍ତି। ଶିବିରର ଷ୍ଟୋରେଜ୍ ଅଞ୍ଚଳରେ ଅପରାହ୍ନ ପ୍ରାୟ ୨ଟା ସମୟରେ ନିଆଁ ଲାଗିଥିଲା। ସ୍ପାର୍କିଂ ଯୋଗୁଁ ନିଆଁ ଲାଗିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣା ପଡିଛି। ଅଗ୍ନିକାଣ୍ଡ ପରେ ନିଆଁ ଦ୍ରୁତ ଗତିରେ ବ୍ୟାପିଥିଲା। ସେଠାରେ ଗଚ୍ଛିତ ସାମଗ୍ରୀ, ଉପକରଣ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜଳି ଯାଇଥିଲା। ତୁରନ୍ତ ସେନା ଅଧିକାରୀ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ପ୍ରତିକୂଳ ଭୂମି ଯୋଗୁଁ ସହାୟତା ପହଞ୍ଚିବାରେ ବିଳମ୍ବ ହୋଇଥିଲା। ସେନା କର୍ମଚାରୀମାନେ ନିଜେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରୁଛନ୍ତି। ପାଣି ଟ୍ୟାଙ୍କର ଏବଂ ମାନୁଆଲ୍ ଉପକରଣ ସମେତ ଶିବିରରେ ଥିବା କିଛି ଉପକରଣ ବ୍ୟବାହାର କରି ନିଆଁକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, "ପରିସ୍ଥିତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିବା ପାଇଁ ସମସ୍ତ ପ୍ରୟାସ କରାଯାଉଛି। ତେବେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନଥିବା ସୂଚନା ରହିଛି। ଅଗ୍ନିକାଣ୍ଡର ତୀବ୍ରତା ଯୋଗୁଁ ପରିସ୍ଥିତି ସଙ୍କଟାପର୍ଣ୍ଣ ରହିଛି। ଘଟଣାସ୍ଥଳରୁ ମିଳିଥିବା ଦୃଶ୍ୟଗୁଡ଼ିକ ଦର୍ଶାଉଛି ଯେ ସୈନିକମାନେ ନିଆଁକୁ ନିୟନ୍ତ୍ରଣ କରିବା ଜାରି ରଖିଥିବା ବେଳେ ଉକ୍ତ ସ୍ଥାନରୁ ଘନ ଧୂଆଁ ବାହାରୁଛି।

# ସୁଡଙ୍ଗ ଭିତରେ ରେଳଗାଡ଼ି ଦୁର୍ଘଟଣା ୬୫ ଜଣ ଆହତ

**ଉତ୍ତରାଖଣ୍ଡ (ଏଜେନ୍ସି) :** ଦିନକୁ ଦିନ ବିଜ୍ଞାନ ଯେତିକି ଅଗ୍ରଗତି କରୁଛି ସୁଫଳ ପରିବର୍ତ୍ତେ ବିଫଳତା ସେତିକି ସେତିକି ବଢ଼ି ଚାଲିଛି। ବାରମ୍ବାର ଟ୍ରେନ ଦୁର୍ଘଟଣା ହେଉଥିବା ଯୋଗୁଁ ଏହାର ପ୍ରତିକାର ପାଇଁ କବଚ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମାତ୍ର ତାହା କେବଳ କାଗଜପତ୍ରରେ ରହିଗଲା। ଏବେ ଉତ୍ତରାଖଣ୍ଡରରେ ସୁଡ଼ଙ୍ଗରେ ଦୁଇଟି ପ୍ରକଳ୍ପରେ ନିୟୋଜିତ ରେଳଗାଡ଼ି ମଧ୍ୟରେ ଧକ୍କା ହୋଇଛି। ଫଳରେ ୬୫ଜଣ ଆହତ ହୋଇଛନ୍ତି। ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାର ପିପାଲକୋଟୀ ଅଞ୍ଚଳ ତେହରି ଜଳବିଦ୍ୟୁତ୍ ଉନ୍ନୟନ ନିଗମ ଜଳବିଦ୍ୟୁତ୍ ପ୍ରକଳ୍ପ ସୁଡଙ୍ଗରେ ଦୁଇଟି କାର୍ଯ୍ୟରତ ରେଳଗାଡ଼ି ଧକ୍କା ହୋଇଛି। ଫଳରେ ୬୫ ଜଣ ଶ୍ରମିକ ଆହତ ହୋଇଛନ୍ତି। ରାତି ପ୍ରାୟ ୮.୩୦ ସମୟରେ ୪.୫ କିଲୋମିଟର ଲମ୍ବା ସୁଡଙ୍ଗ ଭିତରେ ଏହି ଦୁର୍ଘଟଣା ଘଟିଥିଲା। ଶ୍ରମିକ ଏବଂ ନିର୍ମାଣ ସାମଗ୍ରୀ ପରିବହନ ପାଇଁ ବ୍ୟବହୃତ ଗୋଟିଏ ରେଳଗାଡ଼ି ଫେରିବା ବେଳେ ସମାନ ରେଳଧାରଣାରେ ଠିଆ ହୋଇଥିବା ଅନ୍ୟଏକ ରେଳଗାଡି ସହିତ ଧକ୍କା ହୋଇଥିଲା। ଦୁଇଟି ରେଳଗାଡିରେ ପ୍ରାୟ ୧୦୮ ଜଣ ଶ୍ରମିକ ଯାତ୍ରା କରୁଥିଲେ। ଧକ୍କା ପରେ ଦୁଇଟି ବଗି ଧାରଣାଚ୍ୟୁତ ହୋଇଥିଲା। ଯାହା ସୁଡଙ୍ଗ ଭିତରେ ଆତଙ୍କ ସୃଷ୍ଟି କରିଥିଲା। ସୁଡଙ୍ଗ ମଧ୍ୟରୁ ଏକାଥରେ ବିରାଟ ଚିତ୍କାର ଶବ୍ଦ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଥିଲା। ସମସ୍ତ ଆହତ ମାନଙ୍କୁ ଗୋପେଶ୍ୱର ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରା ଯାଇଥିଲା। ସମସ୍ତ ଆହତ ଶ୍ରମିକଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ରହିଛି। ଦୁର୍ଘଟଣା ପରେ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



# ଆଇନ ଅଦାଲତ

## ଲିଙ୍ଗ ପୁନଃନିର୍ଦ୍ଧାରଣ ଅସ୍ତ୍ରୋପଚାର ପରେ ଭୂସଂପତ୍ତି ପ୍ରମାଣପତ୍ରରେ ସଂଶୋଧନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ(ଏନ୍.ଏମ୍.) :** ଅସ୍ତ୍ରୋପଚାର ମାଧ୍ୟମରେ ଲିଙ୍ଗ ପରିବର୍ତ୍ତନ କରି ମହିଳାରୁ ପୁରୁଷ ହୋଇଥିବା ତଥା ନାମ ବଦଳାଇଥିବା ବ୍ୟକ୍ତିଙ୍କ ସଂକ୍ରାନ୍ତୀୟ ନୂତନ ତଥ୍ୟ ଭୂସଂପତ୍ତି ରେକର୍ଡରେ ଉଲ୍ଲେଖ କରିବାକୁ ସାଧାରଣ ପ୍ରଶାସନ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଲିଙ୍ଗ ପୁନଃନିର୍ଦ୍ଧାରଣ ଅସ୍ତ୍ରୋପଚାର(ଏସଆରଏସ) କରି ମହିଳାରୁ ପୁରୁଷ ହୋଇଥିବା ହେତୁ ଭୂ-ସମ୍ପତ୍ତି ମ୍ୟୁଟେସନ୍ ପ୍ରମାଣପତ୍ରରେ ତାଙ୍କର ନୂଆ ନାମ ଓ ଲିଙ୍ଗ ପରିବର୍ତ୍ତନ କରିବାକୁ ସାଧାରଣ ପ୍ରଶାସନ ବିଭାଗ ଇଷ୍ଟେଟ ନିର୍ଦ୍ଦେଶକଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମ୍ୟୁଟେସନ ପ୍ରମାଣପତ୍ରରେ ପୁରୁଣା ନାମ ବଦଳରେ ଆବେଦନକାରୀଙ୍କ ନୂଆ ନାମ, ଲିଙ୍ଗ, ନାତୁଣୀ ସ୍ଥାନରେ ନାତି ଉଲ୍ଲେଖ କରାଯିବ। ୧୫ ଦିନ ଭିତରେ ଆବେଦନକାରୀଙ୍କ ନୂଆ ନାମ ଓ ସ୍ଥିତି 'ନାତି' ବୋଲି ଉଲ୍ଲେଖ କରି ସଂଶୋଧିତ ମ୍ୟୁଟେସନ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ଏକ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ଟ୍ରାନ୍ସଜେଣ୍ଡର ବ୍ୟକ୍ତି (ଅଧିକାରର ସୁରକ୍ଷା) ଆଇନ, ୨୦୧୯ର ଧାରା ୭ ଓ ଏ ସଂପର୍କିତ ନିୟମାବଳୀ, ୨୦୨୦ର ନିୟମ-୬ ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ ଓ ଅନ୍ୟା କର୍ତ୍ତୃପକ୍ଷ ଆଇନ ଅନୁସାରେ ଆବେଦନକାରୀଙ୍କ ସପକ୍ଷରେ ପରିବର୍ତ୍ତିତ ଲିଙ୍ଗ ଓ ନାଁ ସଂକ୍ରାନ୍ତରେ ପ୍ରମାଣପତ୍ର, ପରିଚୟପତ୍ର, ପ୍ୟାନ୍ କାର୍ଡ, ପାସପୋର୍ଟ ଏବଂ ଆଧାର କାର୍ଡ ଜାରି କରିଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ବିଭିନ୍ନ ନିୟମାବଳୀ ଓ ଅଦାଲତୀ ରାୟର ନଜିରକୁ ବିଚାରକୁ ନେଇ ସମ୍ପତ୍ତିର ମ୍ୟୁଟେସନ୍ ପ୍ରମାଣପତ୍ରରେ ଆବେଦନକାରୀଙ୍କ ପରିବର୍ତ୍ତିତ ନାମ ଓ ପୂର୍ବଜଙ୍କ ସହ ସଂପର୍କ ନାତୁଣୀରୁ ନାତିକୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ଆବେଦନକାରୀଙ୍କ 'ଜେଣ୍ଡର ଡିସଫୋରିକ୍ ସିଣ୍ଡ୍ରୋମ୍' ଦେଖାଦେଇଥିଲା। ଯାହା ପାଇଁ ତାଙ୍କର କିଛି ଅଂଶରେ ଥିବା ମହିଳା ଯୌନାଙ୍ଗକୁ ଅପସାରଣ କରିବା ପାଇଁ ଲାପାରୋସ୍କୋପିକ୍ ଅସ୍ତ୍ରୋପଚାର ହୋଇଥିଲା। ଚେନ୍ନାଇସ୍ଥିତ ଏକ କସମେଟିକ କ୍ଲିନିକରେ ସଫଳ ଏସଆରଏସ ପରେ ଆବେଦନକାରୀଙ୍କ ଲିଙ୍ଗ ମହିଳାରୁ ପୁରୁଷକୁ ପରିବର୍ତ୍ତିତ ହୋଇଥିବା ନେଇ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଲିଙ୍ଗ ପରିବର୍ତ୍ତନ ପରେ ଆବେଦନକାରୀ ନିଜ ନାଁ ମଧ୍ୟ ଏକ ପୁରୁଷ ଭାବେ ରଖିଥିଲେ। ଏ ନେଇ ଖବରକାଗଜରେ ଘୋଷଣାନାମା ପ୍ରକାଶ କରାଇଥିଲେ। ଏହାପରେ ୨୦୧୯ର ଆଇନ ଓ ୨୦୨୦ର ନିୟମାବଳୀ ଆଧାରରେ ସେ କଟକ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଦରଖାସ୍ତ ଦାଖଲ କରିଥିଲେ। ତଦନ୍ତ ପରେ ତାଙ୍କୁ ଲିଙ୍ଗ ଓ ନାଁରେ ପରିବର୍ତ୍ତନ ସଂପର୍କିତ ଆବଶ୍ୟକ ପ୍ରମାଣପତ୍ର ଜିଲ୍ଲା ମାଜିଷ୍ଟ୍ରେଟ ପ୍ରଦାନ କରିଥିଲେ। ଏପରି ପ୍ରମାଣପତ୍ର ଆଧାରରେ ଆବେଦନକାରୀ ଆଧାର କାର୍ଡ, ପ୍ୟାନ୍ କାର୍ଡ, ପାସପୋର୍ଟ ଇତ୍ୟାଦି ସମସ୍ତ ସରକାରୀ ଦସ୍ତାବିଜରେ ତାଙ୍କ ନାମ ଓ ଲିଙ୍ଗ ପରିବର୍ତ୍ତନ କରିପାରିଥିଲେ। ଆବେଦନକାରୀଙ୍କ ଜେଜେଙ୍କୁ ସାଧାରଣ ପ୍ରଶାସନ ବିଭାଗ ଲିଜସୂତ୍ରରେ ଭୁବନେଶ୍ୱର ୟୁନିଟ-୩ରେ ଏକ ଜମି ଦେଇଥିଲା। ଜେଜେଙ୍କ ମୃତ୍ୟୁ ପରେ ଜମି ମ୍ୟୁଟେସନ ପ୍ରମାଣପତ୍ରରେ ସମସ୍ତ ଉତ୍ତରାଧିକାରୀଙ୍କ ନାଁ ରହିଥିଲା। ଏଥିରେ ଆବେଦନକାରୀଙ୍କ ପୂର୍ବ ନାଁ ଓ ସେ ମୂଳ ଲିଜଧାରୀଙ୍କ ନାତି ବୋଲି ଉଲ୍ଲେଖ ଥିଲା। ଏସଆରଏସ ପରେ ଲିଙ୍ଗ ଓ ନୂଆଁ ମ୍ୟୁଟେସନ ପ୍ରମାଣପତ୍ରରେ ସଂଶୋଧନ କରି ପରିବର୍ତ୍ତିତ ଲିଙ୍ଗ ଆଧାରରେ ନାତି ଓ ନୂଆ ନାମ ଏଥିରେ ଉଲ୍ଲେଖ କରିବାକୁ ଆବେଦନକାରୀ ଦାଖଲ କରିଥିବା ଦରଖାସ୍ତ ସାଧାରଣ ପ୍ରଶାସନ ବିଭାଗ ଖାରଜ କରିଥିଲା। ଏହାପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



## ପତ୍ନୀ ରୋଜଗାର କଲେ ବି ସ୍ୱାମୀ ପିଲାମାନଙ୍କ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ : ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ(ଏଜେନ୍ସି) :** ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ, ଦିଲ୍ଲୀ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦିଓ ମା' ଅଧିକ ରୋଜଗାର କରନ୍ତି, ତଥାପି ପିତାଙ୍କୁ ତାଙ୍କ ନାବାଳକ ପିଲାମାନଙ୍କ ପ୍ରତିପାଳନ ଦାୟିତ୍ୱରୁ ମୁକ୍ତ କରାଯାଇପାରିବ ନାହିଁ। କୋର୍ଟ କହିଛନ୍ତି ଯେ ପିଲାମାନଙ୍କୁ ଭରଣପୋଷଣ କରିବା ଉଭୟ ପିତାମାତାଙ୍କ ଆଇନଗତ, ନୈତିକ ଏବଂ ସାମାଜିକ ଦାୟିତ୍ୱ। କୋର୍ଟ କହିଛନ୍ତି ଯେ ଅଧିକ ଆୟ ଅନ୍ୟ ଜଣଙ୍କ ଦାୟିତ୍ୱରୁ ମୁକ୍ତ କରେ ନାହିଁ। ମାମଲାର ଶୁଣାଣି କରି ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଯଦି ମା' ଅଧିକ ରୋଜଗାର କରନ୍ତି ଏବଂ ପିଲାମାନଙ୍କର ଯତ୍ନ ନିଅନ୍ତି, ତେବେ ସେ ପୂର୍ବରୁ ରୋଜଗାର ଏବଂ ପିଲାମାନଙ୍କର ପ୍ରାଥମିକ ଯତ୍ନ ନେବାର ଦ୍ୱିଗୁଣିତ ଦାୟିତ୍ୱ ବହନ କରିଛନ୍ତି। ଏପରି କ୍ଷେତ୍ରରେ, ପିତା ତାଙ୍କ ଆୟ ଲୁଚାଇ କିମ୍ବା ବୈଷୟିକ ବାହାନା ବ୍ୟବହାର କରି ଦାୟିତ୍ୱ ଏଡାଇ ପାରିବେ ନାହିଁ। ଏହି ରାୟ ଏପରି ଏକ ମାମଲାରେ ଆସିଛି ଯେଉଁଥିରେ ଜଣେ ବ୍ୟକ୍ତି ନିମ୍ନ ଅଦାଲତର ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ। ଡିସେମ୍ବର ୨୦୨୩ରେ, ନିମ୍ନ ଅଦାଲତ ସ୍ୱାମୀଙ୍କୁ ସେମାନଙ୍କ ତିନି ସନ୍ତାନଙ୍କ ପାଇଁ ପ୍ରତି ମାସରେ ୩୦୦୦୦ ଟଙ୍କା ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେସନ୍ସ କୋର୍ଟ ମଧ୍ୟ ଏହି ନିର୍ଦ୍ଦେଶକୁ ସମର୍ଥନ କରିଥିଲେ। ହାଇକୋର୍ଟ ଏହି ନିଷ୍ପତ୍ତିକୁ ସମର୍ଥନ କରିଥିଲେ ଏବଂ ପିତାଙ୍କ ଆବେଦନକୁ ଖାରଜ କରିଥିଲେ। ସ୍ୱାମୀ ହାଇକୋର୍ଟରେ ଦାବି କରିଥିଲେ ଯେ ତାଙ୍କର ମାସିକ ଆୟ ମାତ୍ର ୯୦୦୦ ଟଙ୍କା ଥିଲା, ଯେତେବେଳେ ତାଙ୍କ ସ୍ତ୍ରୀଙ୍କର ୩୪୫୦୦ ଟଙ୍କା ଥିଲା। ସେ ଯୁକ୍ତି ଦେଇଥିଲେ ଯେ ତାଙ୍କ ସ୍ତ୍ରୀ ଅଧିକ ରୋଜଗାର କରୁଥିବାରୁ ପିଲାମାନଙ୍କର ସମ୍ପୂର୍ଣ୍ଣ ଭାର ତାଙ୍କ ଉପରେ ଲଦି ଦେବା ଆଇନର ନୀତି ବିରୁଦ୍ଧରେ। ସ୍ୱାମୀ ସ୍ତ୍ରୀଙ୍କୁ ଆଇନର ଅପବ୍ୟବହାର କରୁଥିବାର ମଧ୍ୟ ଅଭିଯୋଗ କରିଥିଲେ। ସ୍ତ୍ରୀ କୋର୍ଟ ସମ୍ମୁଖରେ ତାଙ୍କର ମାମଲା ଉପସ୍ଥାପନ କରିବା ସମୟରେ କହିଥିଲେ ଯେ ପିଲାମାନଙ୍କ ଶିକ୍ଷା, ଚିକିତ୍ସା ଏବଂ ଦୈନନ୍ଦିନ ଆବଶ୍ୟକତା ପାଇଁ ସେ କେବଳ ଦାୟୀ। ସେ ଯୁକ୍ତି କରିଥିଲେ ଯେ ମା ଯେତେ ରୋଜଗାର କଲେ ମଧ୍ୟ ପିଲାମାନଙ୍କ ଭରଣପୋଷଣ ପାଇଁ ପିତାଙ୍କ ଦାୟିତ୍ୱ କେବେବି ବାପାଙ୍କ ଠାରୁ ହଟାଯାଇ ପାରିବ ନାହିଁ। ସ୍ତ୍ରୀଙ୍କ ଯୁକ୍ତି ଉପରେ ମତାମତ ଦେଇ କୋର୍ଟ କହିଥିଲେ ଯେ ତାଙ୍କ ଆଚରଣ ନିର୍ଭରଶୀଳତାକୁ ପ୍ରତିଫଳିତ କରୁନାହିଁ, ବରଂ ଦାୟିତ୍ୱର ଭାବନାକୁ ପ୍ରତିଫଳିତ କରେ। ଜଣେ ପିତାଙ୍କୁ ତାଙ୍କ ସନ୍ତାନମାନଙ୍କ ପ୍ରତି କର୍ତ୍ତବ୍ୟ ଅନୁଭବ କରାଇବା ପତ୍ନୀଙ୍କ ଅଧିକାର। କୋର୍ଟଙ୍କ ନିଷ୍ପତ୍ତି ସ୍ପଷ୍ଟ ଭାବରେ ଏକ ବାର୍ତ୍ତା ଦେଇଛି ଯେ ଉଭୟ ପିତାମାତା ପିଲାମାନଙ୍କୁ ଲାଳନପାଳନରେ ସମାନ ଭାବରେ ଭାଗ ନେବା ଉଚିତ ଏବଂ କେହି ଏକପାଖିଆ ଭାବରେ ଦାୟିତ୍ୱ ଏଡାଇ ପାରିବେ ନାହିଁ।

## ପ୍ରଧାନମନ୍ତ୍ରୀ ଆଜମେର ସରିଫ ଦରଘାରେ ଚାଦର ଚଢ଼ାଇବା ବିରୋଧରେ ଆବେଦନ ସୁପ୍ରିମକୋର୍ଟରେ ଖାରଜ



**ନୂଆଦିଲ୍ଲୀ(ଏଜେନ୍ସି) :** ସୁପ୍ରିମକୋର୍ଟ ଆଜମେର ସରିଫ ଦରଘାରେ ବାର୍ଷିକ ଉର୍ସ ସମୟରେ ସୁଫି ସନ୍ଥ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ସମାଧିରେ ଆନୁଷ୍ଠାନିକ ଭାବେ କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀଙ୍କୁ ଚାଦର ଚଢ଼ାଇବାକୁ ନିଷେଧ କରିବା ପାଇଁ ଏକ ଆବେଦନକୁ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି, ଆବେଦନ ନ୍ୟାୟସଙ୍ଗତ ନୁହେଁ। ପ୍ରଧାନ ବିଚାରପତି(ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି, ଆମ ମତରେ, ଏହି ଆବେଦନରେ ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକ ନ୍ୟାୟସଙ୍ଗତ ନୁହେଁ। ତେଣୁ ଆବେଦନକୁ ଖାରଜ କରାଯାଉଛି। ଏକ ସଂକ୍ଷିପ୍ତ ଶୁଣାଣି ପରେ ମାମଲାକୁ ଖାରଜ କରାଯାଇଥିଲା। ବିଶ୍ୱ ବୈଦିକ ସନାତନ ସଂଘର ସଭାପତି ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ଆଇନଜୀବୀ ବରୁଣ କୁମାର ସିହ୍ନାଙ୍କ ମାଧ୍ୟମରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ଏଥିରେ ଆଜମେର ସରିଫ ଦରଘାରେ ଚଢ଼ାଇବା ପାଇଁ ଚାଦର ଅର୍ପଣ ବନ୍ଦ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା, କାରଣ ଏପରି ପ୍ରଥା ଲୋକଙ୍କ ଇଚ୍ଛା, ଦେଶର ସାର୍ବଭୌମତ୍ୱ ଏବଂ ସମ୍ବିଧାନର ମୂଲ୍ୟବୋଧ ବିରୋଧରେ ବୋଲି ଉଲ୍ଲେଖ କରାଯାଇଥିଲା। ଶୁଣାଣି ସମୟରେ ଆଇନଜୀବୀ ବରୁଣ ସିହ୍ନା କହିଥିଲେ ଯେ, ଆବେଦନଟି ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କୁ ଦିଆଯାଉଥିବା ସରକାରୀ ସମ୍ମାନ, ସରକାରୀ ସୁରକ୍ଷା ଏବଂ ପ୍ରତୀକାତ୍ମକ ମାନ୍ୟତା ଉପରେ ପ୍ରଶ୍ନ ଉଠାଇଛି। ସେ ଯୁକ୍ତି ଦେଇଥିଲେ, ସମ୍ବିଧାନର ଧାରା ୨୬ ଅନୁଯାୟୀ ଆଜମେର ଦରଗା ଏକ ସୁରକ୍ଷିତ ଧାର୍ମିକ ସ୍ଥଳ ଭାବରେ ଯୋଗ୍ୟ ନୁହେଁ। ସେ ୧୯୬୧ ମସିହାର ଦରଘା କମିଟି, ଆଜମେର ଏବଂ ଅନ୍ୟାନ୍ୟ ବନାମ ସୟଦ ହୁସେନ ଅଲି ଏବଂ ଅନ୍ୟାନ୍ୟ ମାମଲାରେ ସମ୍ବିଧାନ ପୀଠର ରାୟର ଉଦାହରଣ ଦେଇଥିଲେ। କୋର୍ଟ ସ୍ପଷ୍ଟ କରିଛନ୍ତି, ବର୍ତ୍ତମାନର ଆବେଦନ ଖାରଜ ହେବା ଦ୍ୱାରା ଆଜମେର କୋର୍ଟରେ ବିଚାରାଧୀନ ସିଭିଲ୍ ମାମଲା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ସୁପ୍ରିମକୋର୍ଟ ଏହି ଆବେଦନକୁ ତୁରନ୍ତ ତାଲିକାଭୁକ୍ତ କରିବାକୁ ମନା କରିବାର ମାତ୍ର ସପ୍ତାହ ପରେ ଏହି ରାୟ ଆସିଛି। ଆଜମେର ଶରିଫ୍ ଦରଘାର ୮୧୪ତମ ବାର୍ଷିକ ଉର୍ସ ପୂର୍ବରୁ ଏହାକୁ ଡିସେମ୍ବର ୨୨ ତାରିଖରେ ଏକ ଜରୁରୀ ଶୁଣାଣି ପାଇଁ ଦାଖଲ କରାଯାଇଥିଲା। ସେହି ଦିନ, କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଉର୍ସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ଚାଦର ଚଢ଼ାଇଥିଲେ। ଏହା ସ୍ୱାଧୀନତା ପରଠାରୁ ପ୍ରଧାନମନ୍ତ୍ରୀମାନଙ୍କ ଦ୍ୱାରା ଅନୁସରଣ କରାଯାଉଥିବା ଜାରି ରହିଥିବା ଏକ ଦୀର୍ଘକାଳୀନ ପରମ୍ପରା ଥିଲା।

## ନାବାଳିକା ଦୁଷ୍କର୍ମୀକୁ ମୃତ୍ୟୁ ଦଣ୍ଡାଦେଶ

**ବରଗଡ(ଏନ୍.ଏମ୍.) :** ବରଗଡ଼ ଜିଲ୍ଲା ପାଇକମାଳ ଥାନା ଅଞ୍ଚଳରେ ଗତ ୨୦୨୪ ନଭେମ୍ବରରେ ହୋଇଥିବା ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀକୁ ମୃତ୍ୟୁ ଦଣ୍ଡାଦେଶ ହୋଇଛି। ପୋକ୍ସୋ ଅଦାଲତ ଏହାର ବିଚାର କରି ଆଜି ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ୩୭ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ମୃତ୍ୟୁ ଦଣ୍ଡାଦେଶ ହୋଇଛି। ପୀଡ଼ିତାଙ୍କ ପରିବାରକୁ ୧୫ ଲକ୍ଷ ସହାୟତା ଦେବାକୁ ଡିଏଲସିଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରାଞ୍ଚଳ ଆଇଜିଙ୍କ ନିର୍ଦ୍ଦେଶରେ ଏସ୍ପି ତଦନ୍ତର ତଦାରଖ କରୁଥିଲେ। ସୂଚନା ଅନୁସାରେ ଗତବର୍ଷ ନଭେମ୍ବର ମାସ ୧୫ତାରିଖ ଅଭିଯୁକ୍ତ ପ୍ରଶାନ୍ତ ବାଗ ଓରଫ ବରିହା ନାବାଳିକାଙ୍କୁ ମାଛ ଧରିଯିବା ଆଳରେ ଘରୁ ଡାକି ନେଇଥିଲେ। ଏବଂ ଦୁଷ୍କର୍ମ ପରେ ହତ୍ୟା କରିଥିଲେ। ଏ ନେଇ ମୃତ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଏତଲା ଦେବା ପରେ ପୁଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏବଂ ମାମଲାଟି ବରଗଡ଼ ପୋକ୍ସୋ ଅଦାଲତରେ ମାମଲା ଚାଲିଥିଲା।




## ଭାରତ ନା ଅଖଣ୍ଡ ଭାରତ

ବିକଶିତ ଦେଶ ଗଢ଼ିବାର ସ୍ୱପ୍ନ ଦେଖାଯିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ପ୍ରଶ୍ନ ଉଠୁଛି ସେହି ଲକ୍ଷ୍ୟ ହାସଲ ଦିଗରେ ଦେଶବାସୀଙ୍କୁ କେତେ ମାତ୍ରାରେ ପ୍ରସ୍ତୁତ କରାଯାଉଛି। ଏହା ପୂର୍ବରୁ ପ୍ରଶ୍ନ ହେଉଛି ପ୍ରତ୍ୟେକ ନାଗରିକ ପାଇଁ 'ବିକଶିତ' ଶବ୍ଦର ଅର୍ଥ କେଉଁ ପ୍ରକାର ବୁଝିପଡ଼ିବ। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଯୁବଶକ୍ତିକୁ ନିଯୁକ୍ତି ସୁଯୋଗ ଦେବା, ଯୋଜନା ଓ ନୀତିକୁ ଜନମଙ୍ଗଳ ଦିଗରେ ଅଭିପ୍ରେତ କରାଇବା ସହିତ ଜନଗଣଙ୍କୁ ସମଦୃଷ୍ଟିରେ ଦେଖି ସମସ୍ତଙ୍କ ଜୀବନକୁ ସୁରକ୍ଷିତ ରଖିବାର ସରକାରୀ ପ୍ରଚେଷ୍ଟାର ସଫଳତା ବିକଶିତ ଆଡ଼କୁ ଅଗ୍ରସର ହୋଇଥାଏ। ଭୋଟ ରାଜନୀତିକୁ ଦେଖି ବିଭାଜନ ସୃଷ୍ଟିକାରୀ ପ୍ରସଙ୍ଗ ଉଠାଇଲେ ବା କାର୍ଯ୍ୟ କଲେ ତାହା ରାଷ୍ଟ୍ରର ଗତିକୁ ପଶ୍ଚାତ୍‌ପଦ କରେ। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ବହୁ କଥାରେ ଅତୀତ ଓ ଅତୀତର ବ୍ୟକ୍ତିବିଶେଷଙ୍କୁ ଆକ୍ଷେପ କରିଆସୁଛି। ଏଭଳି ଅନେକ ପ୍ରସଙ୍ଗ ମଧ୍ୟରୁ ଭାରତର ବିଭାଜନକୁ ନେଇ ଗୋଟେ ବଡ଼ ବର୍ଗ ଓକିଲାତି କରିଥାଏ। ଭାରତ ଓ ପାକିସ୍ତାନ ବିଭାଜିତ ହୋଇ ନଥିଲେ ଆମ ଦେଶ ବିଶାଳ ରୂପ ଧାରଣ କରିଥାଆନ୍ତା ବୋଲି କହିଥାଆନ୍ତି। ଆଉ ଥୋକେ 'ଅଖଣ୍ଡ ଭାରତ' କଥା ଉଠାଇ ଏବେ ମଧ ସେହି ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟିତ। ଏଠି ପ୍ରଶ୍ନ କରାଯାଇପାରେ ଆଜିର ଭୂରାଜନୈତିକ ସ୍ଥିତିରେ ବିକଶିତ ଭାରତ ନା ଅଖଣ୍ଡ ଭାରତ କେଉଁଟି ଆଗ ଦରକାର। ପ୍ରକୃତ କାର୍ଯ୍ୟରେ ବିକଶିତ ହେବା ଦିଗରେ ନିଜକୁ ପ୍ରସ୍ତୁତ କରିପାରିଲେ ଦେଶ ଆଗକୁ ବଢ଼ିପାରିବ। ଅନ୍ୟପକ୍ଷରେ ଅଖଣ୍ଡ ଭାରତ ଚିନ୍ତା ରହିଲେ ତାହା ସମଗ୍ର ଦେଶକୁ କୋରି ଖାଇବାର ସବୁ ସଙ୍କେତ ଏଠି ବିଦ୍ୟମାନ। ଏ ବିଷୟରେ ବିସ୍ତୃତ ଅଲୋଚନା କରିବା ପୂର୍ବରୁ 'ଅଖଣ୍ଡ ଭାରତର'ର ସ୍ୱରୂପ ଉପରେ ଦୃଷ୍ଟିପାତ କରିବା। ଅଖଣ୍ଡ ଅର୍ଥାତ୍ ଅବିଭକ୍ତ ଭାରତ ବୋଇଲେ ଦକ୍ଷିଣ-ପୂର୍ବ ଏସିଆର କିଛି ଅଂଶ ସହିତ ଏକ ବୃହତ୍ ଏକୀକୃତ ଭାରତର ପରିକଳ୍ପନା। ଆଜିର ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ, ଭୁଟାନ, ମାଳଦ୍ୱୀପ, ମ୍ୟାନ୍‌ମାର, ନେପାଳ, ଶ୍ରୀଲଙ୍କା, ତିବ୍ବତ ଓ ଭାରତକୁ ଏକାଠି ମିଶାଇ ଯେଉଁ ଭୂଖଣ୍ଡ ହେବ ତାହା 'ଅଖଣ୍ଡ ଭାରତ'କୁ ବୁଝାଇବ। ମନେରଖିବାକୁ ହେବ ଯେ, ଏହି ଅଖଣ୍ଡ ଭାରତ ମାନଚିତ୍ରକୁ ପ୍ରଥମେ ବ୍ରିଟିଶ ଶାସକ ସୃଷ୍ଟି କରିଥିଲେ। ଜଣେ ବ୍ୟକ୍ତି ଭାଇସ୍ ?ରାଏ ପଦବୀରେ ରହି ଏହି ସମଗ୍ର ଅଞ୍ଚଳକୁ ଶାସନ କରୁଥିଲେ ବୋଲି ଏହାକୁ ଅଖଣ୍ଡ ଭାରତର ଆଖ୍ୟା ଦିଆଯାଉଛି। ବ୍ରିଟିଶ ଶାସନ ପୂର୍ବର ମୋଗଲ, ଆଫ୍‌ଗାନ କିମ୍ବା ହିନ୍ଦୁ ରାଜାମାନଙ୍କ ରାଜତ୍ୱ ଦେଖିଲେ ଏହି ବିରାଟକାୟ ଅଞ୍ଚଳ କେହି ଦଖଲ କରିପାରି ନ ଥିଲେ। ତେଣୁ ଅଖଣ୍ଡ ଭାରତର ମାନଚିତ୍ରକୁ କୌଣସି ଭାରତୀୟ ସୃଷ୍ଟି କରି ନ ଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନ ବେଳେ ବିଶିଷ୍ଟ ଜନନାୟକ କେ.ଏମ୍. ମୁନ୍‌ସୀ 'ଅଖଣ୍ଡ ଭାରତ ବା ଅଖଣ୍ଡ ହିନ୍ଦୁସ୍ଥାନ' କଥା ଉଠାଇଥିଲେ। ଇଂଲିଶ୍‌ମାନଙ୍କୁ ତଡ଼ିବା ଲାଗି ସମ୍ଭବତଃ ସେହି ସମୟରେ ଏଭଳି ଏକ ଚିନ୍ତନ ଆସିଥିବ। ହେଲେ ଆଜିର ସ୍ଥିତିକୁ ଦେଖିଲେ ତାହା ଭାରତ ପାଇଁ ବୁମେରାଂ ହେବା ଥୟ। ବିଭାଜନକୁ ନେଇ ବହୁ ସମୟରେ ମହାତ୍ମା ଗାନ୍ଧୀ, କଂଗ୍ରେସ, ମହମ୍ମଦ ଅଲ୍ଲୀ ଜିନ୍ନା ଓ ଲର୍ଡ ମାଉଣ୍ଟବ୍ୟାଟେନଙ୍କୁ ଅନେକେ ଦାୟୀ କରିଆସୁଛନ୍ତି। କିନ୍ତୁ ଗଭୀରକୁ ଯାଇ ଚିନ୍ତା କରାଗଲେ ଅତୀତର ନିଷ୍ପତ୍ତି ଯାହା ହୋଇଯାଇଛି ତାହାକୁ ଗ୍ରହଣ କରାଯିବା ବୁଦ୍ଧିମାନର କାର୍ଯ୍ୟ। ଆଜିର ସ୍ଥିତିକୁ ଦେଖିଲେ ଏପରି ମନ୍ତବ୍ୟକୁ ଖୁଣି ହେବ ନାହିଁ। କାରଣ ପଡ଼ୋଶୀ ପାକିସ୍ତାନ ଅଲଗା ହୋଇଥିଲେ ମଧ ଭାରତ ସହ ଶତ୍ରୁତା ସୀମା ନିକଟରେ ବେଶି ଅନୁଭୂତ ହେଉଛି। ସାଥୀରେ ସେହି ମୁସଲମାନ ଜନସଂଖ୍ୟା ରହିଥିଲେ ଦେଶ ଭିତରେ ପ୍ରତି ମୁହୂର୍ତ୍ତରେ ଅରାଜକତା ସୃଷ୍ଟି ହୋଇଥାଆନ୍ତା। ଯଦି ପରିସଂଖ୍ୟାନକୁ ଦେଖିବା ଏବେ ଭାରତରେ ପ୍ରାୟ ୧୫୦ କୋଟି ଲୋକ ଅଛନ୍ତି ବୋଲି ଆକଳନ କରାଯାଇଛି। ଏମାନଙ୍କ ମଧ୍ୟରେ ମୁସଲମାନଙ୍କ ସଂଖ୍ୟା ୨୩ କୋଟି କୁହାଯାଉଛି। ପାକିସ୍ତାନରେ ୨୪ କୋଟିରୁ ଊର୍ଦ୍ଧ୍ୱ ମୁସଲମାନ ଅଛନ୍ତି। ସେହିପରି ବାଂଲାଦେଶରେ ଏମାନଙ୍କ ସଂଖ୍ୟା ୧୫ କୋଟିରୁ ଅଧିକ ଥିବା ବେଳେ ଆଫଗାନିସ୍ତାନରେ ୩ କୋଟି ୮୦ ଲକ୍ଷ, ମାଳଦ୍ୱୀପରେ ୩ ଲକ୍ଷ ୭୫ ହଜାର, ମ୍ୟାନମାରରେ ୧୪ ଲକ୍ଷ ରୋହିଙ୍ଗ୍ୟା, ନେପାଳରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ମୁସଲମାନ, ଶ୍ରୀଲଙ୍କାରେ ୧୯ ଲକ୍ଷରୁ ଅଧିକ ଓ ଭୁଟାନରେ ୨,୦୦୦ ମୁସଲମାନ ରହିଛନ୍ତି। ଭାରତର ମୁସଲମାନଙ୍କ ସହ ଉପରଲିଖିତ ଦେଶର ମୁସଲମାନଙ୍କ ସଂଖ୍ୟାକୁ ଏକତ୍ର କଲେ ପ୍ରାୟ ୬୬ କୋଟିରୁ ଅଧିକ ହେବେ। ଏମାନେ ସମସ୍ତେ ଭାରତରେ ରହିଲେ ସେମାନେ ସ୍ୱତନ୍ତ୍ର ଅଧିକାର ଦାବି କରି ସ୍ଥଳବିଶେଷରେ ଅରାଜକତା ସୃଷ୍ଟି କରିବା ବିଷୟକୁ ଏଡ଼ାଇ ଦିଆଯାଇ ନ ପାରେ। ଏଠାରେ ସବୁ ମୁସଲମାନଙ୍କ ସ୍ୱାଭାବକୁ ନୁହେଁ, ବରଂ ସଂଖ୍ୟାତ୍ମକ ଦୃଷ୍ଟିକୁ ହିସାବକୁ ନେଲେ ଏପରି ଆଶଙ୍କା ଉପୁଜିବା ସ୍ୱାଭାବିକ।

* * *

# ଓଡ଼ିଶାରେ ମାଓବାଦୀଙ୍କ ପୁନର୍ଗଠନ ପାଇଁ କୌଣସି ସ୍ଥାନ ନାହିଁ





୨୦୨୫ ମସିହା ଡିସେମ୍ବର ୨୫ତାରିଖ ସିପିଆଇ(ମାଓବାଦୀ)ର କମାଣ୍ଡର ଏବଂ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଷ ଉଇକେ(୬୯) ଯିଏ ରୂପା/ରାଜେଶ ତିୱାରୀ/ଚମ୍ରୁ/ପକ୍କା ହନୁମନ୍ତୁ ନାମରେ ମଧ୍ୟ ପରିଚିତ ଓ ଯାହା ମୁଣ୍ଡ ଉପରେ ୧କୋଟି ୧୦ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ଥିଲା; ସେ ଓଡ଼ିଶାର କନ୍ଧମାଳ ଜିଲ୍ଲା ଚକାପାଦ ଥାନା ସୀମା ଅନ୍ତର୍ଗତ ଏକ ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବାହିନୀ ସହ ହୋଇଥିବା ଏକ ମୁହାଁମୁହିଁ ସଂଘର୍ଷରେ ନିହତ ହୋଇଥିବା ୪ଜଣ ମାଓବାଦୀଙ୍କ ମଧ୍ୟରୁ ଜଣେ ଥିଲା। ନକ୍ସଲ ବିରୋଧୀ ଅଭିଯାନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ସଞ୍ଜୀବ ପଣ୍ଡା କହିଥିଲେ ଯେ, ଓଡ଼ିଶା ବିଶେଷ ଗୁଇନ୍ଦା ବିଭାଗ ଠାରୁ ମିଳିଥିବା ଭରସାଯୋଗ୍ୟ ଗୁପ୍ତ ସୂଚନା ଆଧାରରେ, ଗଞ୍ଜାମ ଜିଲ୍ଲାର ରମ୍ଭା ରେଞ୍ଜ ନିକଟସ୍ଥ ଚକାପାଦ ଥାନାର ଜଙ୍ଗଲ ଅଞ୍ଚଳରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା।

କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିଶ ବି.ସି. ସୂଚନା ଦେଇଥିଲେ ଯେ, ସୁରକ୍ଷା କର୍ମୀମାନେ ୟୁନିଫର୍ମ ପିନ୍ଧିଥିବା ୪ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଯାହା ମଧ୍ୟରେ ଦୁଇଜଣ ପୁରୁଷ ଓ ୨ଜଣ ମହିଳା ଥିଲେ। ସେମାନଙ୍କ ପାଖରୁ ଦୁଇଟି ଆଇଏସଏସଏଏସ ଆସଲ୍ଟ ରାଇଫଲ ଓ ଗୋଟିଏ ୩୦୩ ରାଇଫଲ ଜବତ କରାଯାଇଥିଲା। ଗଣେଷ ଉଇକେ ଛଡ଼ା ଅନ୍ୟ ୩ଜଣ ନିହତ ନକ୍ସଲ ହେଲେ ରାଜନୀ, ସୀମା ଏବଂ ଉମେଶ। ସେମାନେ ସମସ୍ତେ ସିପିଆଇ(ମାଓବାଦୀ)ର ସଦସ୍ୟ ଥିଲେ ଏବଂ ପ୍ରତ୍ୟେକଙ୍କ ଉପରେ ୧ଲକ୍ଷ ୬୫ହଜାର ଟଙ୍କାର ପୁରସ୍କାର ଘୋଷିତ ଥିଲେ। ଗଣେଷ ଉଇକେ ନିଷିଦ୍ଧ ସଂଗଠନ ସିପିଆଇ(ମାଓବାଦୀ)ର ଓଡ଼ିଶା ଦାୟିତ୍ୱରେ ଥିଲା। ଚଳିତ ବର୍ଷ ସେପ୍ଟେମ୍ବର ୧୧ତାରିଖରେ ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲାରେ ପୂର୍ବତନ ରାଜ୍ୟ ଦାୟିତ୍ୱରେ ଥିବା ମୋଡେମ ବାଲକୃଷ୍ଣ(୬୩) ନିହତ ହେବା ପରେ ଅକ୍ଟୋବର ମାସରେ ସେ ଏହି ଦାୟିତ୍ୱ ଗ୍ରହଣ କରିଥିଲା। ୨୦୨୫ ଡିସେମ୍ବର ୨୪ତାରିଖଷର କନ୍ଧମାଳ ଜିଲ୍ଲାର ବେଲଘର ଥାନା ସୀମା ଅନ୍ତର୍ଗତ ଗୁମ୍ମା ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବିହିନୀର ସହିତ ହୋଇଥିବା ଗୁଳି ବିନିମୟରେ ଛତିଶଗଡ଼ର ୨ଜଣ ସିପିଆଇ(ମାଓବାଦୀ) କ୍ୟାଡ଼ର ନିହତ ହୋଇଥିଲେ। ଦୁହିଙ୍କ ଉପରେ ମୋଟ ୨୪ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ଥିଲା। ନିହତ କାର୍ଯ୍ୟକର୍ତ୍ତାମାନେ ହେଲେ- ଏରିଆ କମିଟି ସଦସ୍ୟ ବାରି ଓରଫ ରାକେଶ, ଯିଏ ବଂଶଧାରା-ଘୁମୁସର-ନାଗାବଳୀ (ବିଜିଏନ) ଡିଭିଜନର ରାୟଗଡ଼ା ଏରିଆ କମିଟି ସହିତ ସମ୍ପୃକ୍ତ ଥିଲା ଏବଂ ଛତିଶଗଡ଼ର ସୁକ୍ମା ଜିଲ୍ଲାର ବାସିନ୍ଦା ଥିଲା ଏବଂ ଅମୃତ ଯିଏ ବିଜିଏନ ଡିଭିଜନର ସପ୍ଲାୟ ଦଲମ(ସଶସ୍ତ୍ର ବଳ)ର ସଦସ୍ୟ ଥିଲା। ଛତିଶଗଡ଼ର ବିଜାପୁର ଜିଲ୍ଲାର ବାସିନ୍ଦା ଥିଲା। ସେହି ସ୍ଥାନରେ ଗୋଟିଏ ରିଭଲଭର, ଗୋଟିଏ ୩୦୩ ରାଇଫଲ, ଗୋଟିଏ ୱାକି-ଟକି ସେଟ ସହିତ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରାଯାଇଥିଲା। ଏହି ସଫଳ ସୁରକ୍ଷା ଅଭିଯାନ ପରେ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ୨୦୨୫ ଡିସେମ୍ବର ୨୫ ତାରିଖରେ ଟ୍ୱିଟ କରିଥିଲେ ଯେ, 'ନକ୍ସଲ ମୁକ୍ତ ଭାରତ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଓଡ଼ିଶାର କନ୍ଧମାଳରେ ହୋଇଥିବା ଏକ ବଡ଼ ଅଭିଯାନରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଷ ଉଇକେ ସହିତ ଏପର୍ଯ୍ୟନ୍ତ ୬ଜଣ ନକ୍ସଲ ନିହତ ହୋଇଛନ୍ତି। ଏହି ବଡ଼ ସଫଳତା ସହିତ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦ ମୁକ୍ତ ହେବାର ନିକଟକୁ ପହଞ୍ଚିଛି। ୨୦୨୬ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ନକ୍ସଲବାଦ ଉତ୍ପାଟନ କରିବାକୁ ଆମେ ସଙ୍କଳ୍ପବଦ୍ଧ'। କନ୍ଧମାଳରେ ଘଟିଥିବା ଏହି ଦୁଇଟି ମୁହାଁମୁହିଁ ସଂଘର୍ଷ କନ୍ଧମାଳ-କଳାହାଣ୍ଡି- ବୌଦ୍ଧ-ନୟାଗଡ଼(କେକେବିଏନ) ଡିଭିଜନ ଅଧୀନରେ ଘଟିଥିଲା। କେକେବିଏନ ଓ ବିଜିଏନ ଡିଭିଜନ ମିଶି ମୋଟ ୬ଟି ଜିଲ୍ଲା ବୌଦ୍ଧ, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଓ ରାୟଗଡ଼ାକୁ ଅନ୍ତର୍ଭୁକ୍ତ କରେ। ଦକ୍ଷିଣ ଏସିଆ ଆତଙ୍କବାଦ ପୋର୍ଟାଲ(ଏସଏଟିପି) ଦ୍ୱାରା ସଂଗୃହିତ ଆଂଶିକ ତଥ୍ୟ ଅନୁଯାୟୀ, ୨୦୨୫ ମସିହାରେ ଡିସେମ୍ବର ୨୮ତାରିଖ ପର୍ଯ୍ୟନ୍ତ ଓଡ଼ିଶାର କେକେବିଏନ ଓ ବିଜିଏନ ଡିଭିଜନର ୬ଜଣ ନକ୍ସଲ ନିହତ ହୋଇଛନ୍ତି। ୨୦୨୪ ମସିହାର ସେହି ସମୟ ଅବଧିରେ ୮ଜଣ ନକ୍ସଲ ନିହତ ହୋଇଥିଲେ। ୨୦୨୩ ମସିହାରେ ୩ଜଣ ନକ୍ସଲ ନିହତ ହୋଇଥିଲେ। ଗୁରୁତ୍ୱପୂର୍ଣ୍ଣ ଭାବେ ୨୦୦୦ ମସିହା ମାର୍ଚ୍ଚ ୬ତାରିଖରୁ ଯେତେବେଳେ ଏସଏଟିପି ବାମପନ୍ଥି ଚରମପନ୍ଥା ସମ୍ପର୍କିତ ତଥ୍ୟ ସଂଗ୍ରହ ଆରମ୍ଭ କରିଥିଲା ସେବେଠାରୁ ଏପର୍ଯ୍ୟନ୍ତ ଓଡ଼ିଶା ଓ ସମଗ୍ରୀ ଦେଶରେ ୧୩୩ଜଣ ନକ୍ସଲ ନିହତ ହୋଇଛନ୍ତି।

୨୦୨୫ ଡିସେମ୍ବର ୨୪ ଓ ୨୫ତାରିଖରେ କନ୍ଧମାଳ ଜିଲ୍ଲାରେ ଘଟିଥିବା ଏହି ଦୁଇଟି ମୁହାଁମୁହିଁ ସଂଘର୍ଷ ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ସିପିଆଇ (ମାଓବାଦୀ) ଉପରେ ପଡ଼ିଥିବା ସବୁଠାରୁ ନିର୍ଣ୍ଣାୟକଆଘାତମାନଙ୍କ ମଧ୍ୟରୁ ଅନ୍ୟତମ। କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଷ ଉଇକେ ସହ ଆଉ ପାଞ୍ଚଜଣ ସଶସ୍ତ୍ର କ୍ୟାଡ଼ରଙ୍କ ନିହତ ହେବା, ଓଡ଼ିଶା ପୁଲିସ ବିଶେଷ କରି ଏହାର ବିଶେଷ ଅପରେସନ ଦଳ(ଏସଓଜି) ଓ କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ ଓ ସୀମା ସୁରକ୍ଷା ବଳ ସହ ସମନ୍ୱୟରେ ଚାଲିଥିବା ଗୁଇନ୍ଦା ସୂଚନା ଭିତ୍ତିକ ଲଗାତାର ଅଭିଯାନର ସଫଳତାକୁ ପ୍ରତିଫଳିତ କରେ। ଏହି ସମସ୍ତ ଅଭିଯାନ ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଘଟିଛି ଯେତେବେଳେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମିଶି ୨୦୨୬ ମାର୍ଚ୍ଚ ୩୧ ମଧ୍ୟରେ ବାମପନ୍ଥୀ ଚରମପନ୍ଥାକୁ ସମାପ୍ତ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାକୁ ଯାହାକୁ ଆଗରୁ ପୂର୍ବାଞ୍ଚଳ ମାଓବାଦୀ କରିଡରର ଅଂଶ ବୋଲି ଧାରାଯାଉଥିଲା। ଗତ ଦଶକରେ ସେଠାରେ ଚରମପନ୍ଥୀ ପ୍ରଭାବର ଲାଗତାର ସଙ୍କୋଚନ ଦେଖାଯାଇଛି। ପୂର୍ବରୁ ଏସଏଆଇ ଉଲ୍ଲେଖ କରିଥିଲା ଯେ, ୨୦୧୫ରୁ ୨୦୨୫ ଆରମ୍ଭ ପର୍ଯ୍ୟନ୍ତ ଚାଲିଥିବା ଅଭିଯାନ ଗୁଡ଼ିକରେ ଶହଶହ ମାଓବାଦୀ ନିହତ, ଗିରିଫ ଓ ଆତ୍ମସମର୍ପଣ କରିଥିଲେ। ତାହା ଓଡ଼ିଶାରେ ମାଓବାଦୀ ସଂରଚନାର ଲଗାତାର ଦୁର୍ବଳତାକୁ ପ୍ରତିଫଳିତ କରେ। ମାର୍ଚ୍ଚ ୧୦ତାରିଖ ୨୦୨୫ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ବିଧାନ ସଭାରେ ସୂଚନାରେ ଦେଇଥିଲେ ଯେ, ଗତ ଦଶନ୍ଧିରେ ସୁରକ୍ଷା ବାହିନୀମାନେ ୧୧୮ ନକ୍ସଲ ମାନଙ୍କର ନିପାତ କରିଥିଲେ। ଏଠାରେ ବିଶେଷ ଭାବେ ଉଲ୍ଲେଖ ଯୋଗ୍ୟ ଯେ, ୨୦୧୬ ମସିହା ଅକ୍ଟୋବର ୨୪ ଓ ୨୭ ତାରିଖରେ ମାଲକାନାଗିରି ଜିଲ୍ଲାର ରାମଗଡ଼ ଓ ପାନସପୁଟ ମଧ୍ୟରେ ଥିବା ବେଜିଙ୍ଗି ଜଙ୍ଗଲ ଅଞ୍ଚଳରେ ହୋଇଥିବା ଦୁଇଟି ଲଗାତାର ମୁହାଁମୁହିଁ ସଂଘର୍ଷରେ ସୁରକ୍ଷା ବାହିନୀ ୩୦ଜଣ ମାଓବାଦୀଙ୍କୁ ନିପାତ କରିଥିଲେ; ଯାହା ପରେ ରାଜ୍ୟରେ ମାଓବାଦୀଙ୍କ ପ୍ରଭାଗ ଗଭୀର ଭାବେ କମିଥିଲା। କେକେବିଏନ ଓ ବିଜିଏନ ଡିଭିଜନଗୁଡ଼ିକ ହେଉଥିଲେ ସେହି ଶେଷ କାର୍ଯ୍ୟକ୍ରମ ଅଞ୍ଚଳ, ଯେଉଁଠାରେ ମାଓବାଦୀମାନେ ଗତିବିଧି, ପ୍ରଚାର ଓ ସୀମିତ ସଶସ୍ତ୍ର ଉପସ୍ଥିତି ମାଧ୍ୟମରେ ନିଜ ଗୁରୁତ୍ୱ ରଖିବାକୁ ଚେଷ୍ଟା କରୁଥିଲେ। କିନ୍ତୁ ଡିସେମ୍ବର ମାସର ଏହି ମୁହାଁମୁହିଁ ସଂଘର୍ଷ ଗୁଡ଼ିକ ପ୍ରମାଣ କରିଦେଇଛି ଯେ, ଏହି ଡିଭିଜନଗୁଡ଼ିକରେ ଅବଶେଷ ମାଓବାଦୀ ସଂରଞ୍ଚନା ଗୁରୁତର ଭାବେ ଧ୍ୱଂସ ହୋଇ ଏବଂ ପୁନର୍ଗଠନ କିମ୍ବା ପୁନରୁତ୍ଥାନ ପାଇଁ ନ୍ୟୁନ ସ୍ଥାନ ରହିଯାଇଛି। ଗଣେଷ ଉଇକେର ନିହତ ହେବା ମାଓବାଦୀ ସଂଘର୍ଷ ପାଇଁ ନେତୃତ୍ୱ ବିଚ୍ଛେଦର ଏକ ପ୍ରମୁଖ ଉଦାହରଣ, ଯାହାର ଗଭୀର ପରିଚାଳନାଗତ ଓ ମନୋବୈଜ୍ଞାନିକ ପରିଣାମ ରହିଛି। ଉଇକେ କେବଳ ଏକ କ୍ଷେତ୍ରୀୟ କମାଣ୍ଡର ନଥିଲା ବରଂ ସିପିଆଇ(ମାଓବାଦୀ)ର ରାଜ୍ୟ ଦାୟିତ୍ୱରେ ଥିବା ଏକ ମୁଖ୍ୟ ନେତାଥିଲା ଓ ତାହା ଉପରେ ଅନେକ ଡିଭିଜନର କୌଶଳଗତ ନିରୀକ୍ଷଣ ଅନ୍ତର୍ରାଜ୍ୟ ସମନ୍ୱୟ, ଲିଜିଷ୍ଟିକ୍ସ, ନିଯୁକ୍ତି ଏବଂ ରାଜନୈତିକ ମତାରୋପଣର ଦାୟିତ୍ୱ ଥିଲା। ଚାରି ଦଶକର ଅଧିକ ସମୟ ଧରି ଏହି ଆନ୍ଦୋଳନ ସହିତ ଜଡିତ ଥିବା ଉଇକେ ପୂର୍ବ ଭାରତରେ ସକ୍ରିୟଥିବା ଅଳ୍ପ କେତେକ କେନ୍ଦ୍ରୀୟ କମିଟି ସଦସ୍ୟ ମଧ୍ୟରୁ ଜଣେ ଥିଲା। ତାର ନିହତ ହେବା ରାଜ୍ୟରେ ମାଓବାଦୀ ସଂଗଠନର ନିୟନ୍ତ୍ରଣ ଓ ନିର୍ଦ୍ଦେଶନା ପ୍ରଣାଳୀର ମୂଳକୁ ଆଘାତ କରିଛି। ନିମ୍ନ କିମ୍ବା ମଧ୍ୟମସ୍ତରର କମାଣ୍ଡରମାନଙ୍କ ତୁଳନାରେ, ଗୋଟିଏ କେନ୍ଦ୍ରୀୟ କମିଟି ସଦସ୍ୟର ଶୂନ୍ୟସ୍ଥାନକୁ ପୂରଣ କରିପାରିବା ସହଜ ନୁହେଁ- ବିଶେଷ କରି ଏମତି ଏକ ପରିସ୍ଥିତିରେ ଯେତେବେଳେ ମାଓବାଦୀ ସଂଗଠନ ମାନବଶକ୍ତିର ଓ ସୁରକ୍ଷା ବାହିନୀଙ୍କ ଠାରୁ ଅବିରତ ଚାପର ସମ୍ମୁଖୀନ ହେଉଛି। କେକେବିଏନ ଅଞ୍ଚଳରେ ପୂର୍ବରୁ ରାଜ୍ୟ ଓ ଡିଭିଜନସ୍ତରର ଅନେକ ବରିଷ୍ଠ ନେତା ନିହତ କିମ୍ବା ଗିରଫକୁ ଦୃଷ୍ଟିରେ ରଖିଲେ ଏହି ଘଟଣା ମାଓବାଦୀଙ୍କ ନେତୃତ୍ୱ ଶୃଙ୍ଖଳାକୁ ଆହୁରି ଶୂନ୍ୟ କରିଦେଇଛି ବୋଲି ଜାଣିହୁଏ। ଏହା ଫଳରେ ସଂଗଠନର କୌଶଳ, ଦିଗନିର୍ଦ୍ଦେ ଓ ଆଦର୍ଶଗତ ସମନ୍ୱୟ ଦୁର୍ବଳ ହୋଇଯାଇଛି। ପରିଚାଳନାତ୍ମକ ଦୃଷ୍ଟିକୋଣରୁ, ୨୦୨୫ଡିସେମ୍ବର୨୪ ଓ ୨୫ର ମୁହାଁମୁହିଁ ସଂଘର୍ଷ ଓଡ଼ିଶାର ମାଓବାଦୀ ବିରୋଧୀ ସଂରଚନାର ପରିପକ୍ୱତାକୁ ପ୍ରତିଫଳିତ କରେ। ସଠିକ ଗୁଇନ୍ଦା ସୂଚନା ଆଧାରରେ ଯାହାର ଅନେକ ଅଂଶ ଦକ୍ଷିଣ ଓଡ଼ିଶାରେ କିଛିଦିନ ତଳେ ହୋଇଥିବା ଆତ୍ମସମର୍ପଣରୁ ମିଳିଥିଲା।, ସୁରକ୍ଷା ବାହିନୀମାନେ ଏକାଧିକ ଦଳ ନିୟୋଜିତ କରି ନକ୍ସଲମାନଙ୍କ ପଳାୟନ ପଥଗୁଡ଼ିକୁ ସିଲ କରିଥିଲେ। ଏବଂ କିନା କୌଣସି କ୍ଷତି ସହି ଲଗାତାର ମୁହାଁମୁହିଁ ସଂଘର୍ଷରେ ମାଓବାଦୀଙ୍କୁ ନିହତ କରିଥିଲେ। ଆଇଏନଏସଏଏସ ଆସଲ୍ଟ ରାଇଫଲ, ୩୦୩ ଅସ୍ତ୍ର, ରିଭଲଭର ଓ ଯୋଗାଯୋଗ ସାଧନ ଜବତ ହେବା ଦ୍ୱାରା କେକେବିଏନ ଓ ବିଜିଏନ ଡିଭିଜନରେ ମାଓବାଦୀଙ୍କ ପୂର୍ବରୁ ହ୍ରାସ ପାଉଥିବା ଅସ୍ତ୍ରଶକ୍ତି ଆହୁରି ଦୁର୍ବଳ ହୋଇପଡିଛି। ସମାନ ଗୁରୁତ୍ୱର କଥା ହେଲା ଯେ, ଏହି ମୁହଁମୁହିଁ ସଂଘର୍ଷଗୁଡ଼ିକ ଏମିତି ଅଞ୍ଚଳରେ ଘଟିଛି, ଯାହାକୁ ପୂର୍ବେ ମାଓବାଦୀମାନଙ୍କ ପାଇଁ ଅତ୍ୟଧିକ ଅନୁକୂଳ ବୋଲି ଧରାଯାଉଥିଲା। କନ୍ଧମାଳର ଜଙ୍ଗଲ ଅଞ୍ଚଳ ଐତିହାସିକ ଭାବେ ମାଓବାଦୀମାନଙ୍କୁ ଆଶ୍ରୟ, ଗତିଶୀଳତା ଓ ଲଜିଷ୍ଟିକ ସହାୟତା ପ୍ରଦାନ କରୁଥିଲା। ଏହି ଅଞ୍ଚଳ ଉପରେ ସୁରକ୍ଷାବାହିନୀଙ୍କ ନିୟନ୍ତ୍ରଣ ମୀର୍ଘମ୍ୟାଦୀ ପ୍ରଭୁତ୍ୱ, ଉନ୍ନତ ଗୁଇନ୍ଦା ପ୍ରବେଶ ଓ କାର୍ଯ୍ୟକାରୀ ଏଜେନ୍ସି ମଧ୍ୟର ସମନ୍ୱୟକୁ ପ୍ରତିଫଳିତ କରେ ଓ ସୂଚିତ କରେ ଯେ, ଓଡ଼ିଶାରେ ମାଓବାଦୀମାନଙ୍କ ସୁରକ୍ଷିତ ଆଶ୍ରୟସ୍ଥଳ ପ୍ରାୟତଃ ନଷ୍ଟ ହୋଇଯାଇଛି।

ବିସ୍ତୃତ ଦୃଷ୍ଟି କୋଣରୁ ଦେଖିଲେ ଓଡ଼ିଶାରେ ମାଓବାଦୀ ଆନ୍ଦୋଳନ ବର୍ତ୍ତମାନ ବିଚ୍ଛିନ୍ନତା ଅବକ୍ଷୟ ଓ ମନୋବଳହୀନତାରେ ପରିଣତ ହୋଇ ଯାଇଛି। ୨୦୨୫ ନଭେମ୍ବର ୨୧ ତାରିଖର ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ରାଜ୍ୟରେ ବର୍ତ୍ତମାନ କେବଳ ୮୦ରୁ ୮୫ଜଣ ପର୍ଯ୍ୟନ୍ତ କଠୋର ମାଓବାଦୀ ସକ୍ରିୟ ଅଛନ୍ତି, ଯେଉଁମାନେ ମୁଖ୍ୟତଃ ବାହାର ରାଜ୍ୟର ଲୋକ ଏବଂ ସେମାନଙ୍କ ସ୍ଥାନୀୟ ସମର୍ଥନ ଅତ୍ୟନ୍ତ ସୀମିତ। ଏହା ଦଶକ ପୂର୍ବର ପରିସ୍ଥିତି ସହିତ ସମ୍ପୂର୍ଣ୍ଣ ବିପରୀତ, ଯେତେବେଳେ ଓଡ଼ିଶାରେ ବାରମ୍ବାର ମାଓବାଦୀ ହିଂସା, ସଂଗଠିତ ମାଓବାଦୀ ଡିଜିନ ଏବଂ ଆଦିବାସୀ ଯୁବକମାନଙ୍କ ମଧ୍ୟରେ ସକ୍ରିୟ ନିଯୁକ୍ତି ଦେଖାଯାଉଥିଲା। ୨୦୧୫ରୁ ଆରମ୍ଭ କରି ହଜାର ହଜାର ଆତ୍ମସମର୍ପଣ ହେବା ଦ୍ୱାରା ମାଓବାଦୀମାନଙ୍କ ସାମଜିକ ଆଧାର ଓ ଗୁଇନ୍ଦା ଜାଲ ଗଭୀର ଭାବେ ଦୁର୍ବଳ ହୋଇଛି।

ଏସଏଟିପି ତଥ୍ୟାଭିଲେଖ ଅନୁଯାୟୀ ଚଳିତ ବର୍ଷ ୨୦୨୫ ଡିସେମ୍ବର ୨୮ତାରିଖ ପର୍ଯ୍ୟନ୍ତ କେକେବିଏନ ଓ ବିଜିଏନ ଡିଭିଜନରେ ବାମ ଚରମପନ୍ଥୀ ସମ୍ପର୍କିତ ଘଟଣାରେ ୭ଜଣ ମାଓବାଦୀ ଗିରଫ ହୋଇଛନ୍ତି ଏବଂ ୬ଜଣ ଆତ୍ମସମର୍ପଣ କରିଛନ୍ତି। ୨୦୦୦ ମାର୍ଚ୍ଚ ୬ତାରିଖରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ଏହି ଡିଭିଜନଗୁଡ଼ିକରେ ୬୬୧ଜଣ ମାଓବାଦୀ ଗିରଫ ହୋଇଛନ୍ତି। ଏବଂ ୧୩୭୪ଜଣ ଆତ୍ମସମର୍ପଣ କରିଛନ୍ତି। ଡିସେମ୍ବର ମାସର ଏହି ମୁହାଁମୁହିଁ ସଂଘର୍ଷଗୁଡ଼ିକ ସୁରକ୍ଷା ଅଭିଯାନ ଓ ଆତ୍ମସମର୍ପଣ ପୁନର୍ବାସ ନୀତି ମଧ୍ୟରେ ଥିବା ସମନ୍ୱୟମୂଳକ ସମ୍ପର୍କକୁ ମଧ୍ୟ ସ୍ପଷ୍ଟ କରୁଛି। ଏହି ଅଭିଯାନର କିଛି ଦିନ ପୂର୍ବରୁ ମାଲକାନାଗିରିରେ ୨୨ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବାରୁ ମାଓବାଦୀ ସଂଗଠନର ମାନବଶକ୍ତି କମିଥିଲା ଏବଂ ସେଠାରୁ ମିଳିଥିବା କାର୍ଯ୍ୟକାରୀ ଗୁଇନ୍ଦା ସୂଚନା ବରିଷ୍ଠ ନେତୃତ୍ୱକୁ ଚିହ୍ନଟ କରିବାରେ ଗୁରୁତ୍ୱପୂର୍ଣ୍ଣ ସାହାଯ୍ୟ କରିଥିଲା। ଚାପରୁ ଆତ୍ମସମର୍ପଣରୁ ଉତ୍ତମ ଗୁଇନ୍ଦାସୂଚନାର ପ୍ରକ୍ରିୟା ଗତ କିଛି ବର୍ଷ ଧରି ଓଡ଼ିଶାର ନକ୍ସଲ ବିରୋଧୀ ରଣନୀତିର ଏକ ମୁଖ୍ୟ ବୈଶିଷ୍ଟ୍ୟ ଭାବେ ଉଭା ହୋଇଛି। କନ୍ଧମାଳର ଏହି ମୁହାଁମୁହିଁ ସଂଘର୍ଷର ସିଧାସଳଖ ପରିଣାମ ହେଉଛି। କେକେବିଏନ ଓ ବିଜିଏନ ଡିଭିଜନରେ ମାଓବାଦୀସଂଗଠନର ପ୍ରାୟତଃ ସମ୍ପୂର୍ଣ୍ଣ ପତନ। ଗୋଟିଏ ସିସିଏମ ଓ ଅନ୍ୟ ଅନୁଭବୀ କ୍ୟାଡରମାନଙ୍କ ମୃତ୍ୟୁ ଫଳରେ ଏହି ଡିଭିଜନଗୁଡ଼ିକ ଦ୍ୱାରା ଆଗାମୀ ଦିନରେ କୌଣସି ସମନ୍ୱିତ ଅଭିଯାନ କିମ୍ବା ସଶସ୍ତ୍ର କାର୍ଯ୍ୟକଳାପକୁ ଅର୍ଥପୂର୍ଣ୍ଣ ଭାବେ ପୁନରୁଦ୍ଧାର କରିବାର ସମ୍ଭାବନା ଅତ୍ୟନ୍ତ କମ ରହିଛି। ଅବଶିଷ୍ଟ କ୍ୟାଡରମାନଙ୍କ ଉପରେ ଏହାର ମନୋବୈଜ୍ଞାନିକ ପ୍ରଭାବ ଅଧିକ ହେବାର ସମ୍ଭାବନା ରହିଛି। ଯାହା ସେମାନଙ୍କ ମଧ୍ୟରେ ବ୍ୟର୍ଥତାର ଭାବନାକୁ ଆହୁରି ମଜବୁତ କରିବ।

ରଣନୈତିକସ୍ତରରେ ଓଡ଼ିଶା ୨୦୧୬ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ନକ୍ସଲବାଦ ସମାପ୍ତ କରିବା ଲକ୍ଷ୍ୟ ଦିଗରେ ଦୃଢ଼ ଭାବେ ଅଗ୍ରସର ହେଉଛି। ହିଂସା ସମ୍ପର୍କୀତ ସୂଚକାଙ୍କ ତିବ୍ର ଭାବେ କମିବା ସହ ନକ୍ସଲମାନଙ୍କ ନିଯୁକ୍ତି ପ୍ରାୟ ଶୁଷ୍କ ହୋଇ ଯାଇଛି ଏବଂ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଓ ସୁଶାସନ ପଦକ୍ଷେପ ଦ୍ୱାରା ସ୍ଥାନୀୟ ଲୋକଙ୍କ ଉପରେ ମାଓବାଦୀଙ୍କ ପ୍ରଭାବ ଲାଗାତାର କମିଛି। ଓଡ଼ିଶାର ଅନୁଭବ ଏହି ମୂଲ୍ୟାୟନକୁ ଆହୁରି ଶକ୍ତ କରେ ଯେ, ଭାରତରେ ବାମପନ୍ଥୀ ସନ୍ତ୍ରାସବାଦ ଆଉ ଏକ ବିସ୍ତାରଶୀଳ ବିଦ୍ରୋହ ନୁହେଁ, ବରଂ ହ୍ରାସ ପାଇ କିଛି ସୀମିତ ଅଞ୍ଚଳରେ ଆବଦ୍ଧ ଥିବା ଏକ ସୁରକ୍ଷା ଆହ୍ୱାନ ଅଟେ। ଏହାର ଅନ୍ତରାଜ୍ୟ ପ୍ରଭାବ ମଧ ରହିଛି ଉଇକେ ଓଡ଼ିଶାର ମାଓବାଦୀ କ୍ୟାଡର ଓ ଛତିଶଗଡ଼, ତେଲଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶର ମାଓବାଦୀଦଳମାନଙ୍କ ମଧ୍ୟରେ ସମ୍ପର୍କ ରଖିବାରେ ମୁଖ୍ୟ ଭୂମିକା ନେଇଥିଲା। ତାର ମୃତ୍ୟୁ ଏହି ସମ୍ପର୍କଗୁଡ଼ିକୁ ଭାଙ୍ଗିଦେଇଛି। ଯାହା ମାଓବାଦୀମାନଙ୍କ ପାଇଁ ଓଡ଼ିଶାକୁ ଯାତାୟତ କିମ୍ବା ପୁନଃସଂଗଠନ ଅଞ୍ଚଳ ଭାବେ ବ୍ୟବହାର କରିବାକୁ ଅଧିକ କଷ୍ଟକର କରିଦେଇଛି। ଏହାର ପରିଣାମ ସ୍ୱରୂପ ପଡୋଶୀ ରାଜ୍ୟଗୁଡ଼ିକରେ ଅବଶିଷ୍ଟ ମାଓବାଦୀ ଗୋଷ୍ଠୀମାନଙ୍କ ଉପରେ ଚାପ ଆଉ ବଢ଼ିବ, କାରଣ ସେମାନଙ୍କ ପାଇଁ ପଳାୟନ ପଥ ଓ ପଛ ଠାରୁ ସହାୟତା ମିଳୁଥିବା ଅଞ୍ଚଳଗୁଡ଼ିକ ଦିନକୁ ଦିନ ସୀମିତ ହୋଇଯାଉଛି। ୨୦୨୫ ଡିସେମ୍ବର ୨୪ ଓ ୨୫ ତାରିଖରେ କନ୍ଧମାଳରେ ଘଟିଥିବା ଏହି ମୁହଁମୁହିଁ ସଂଘର୍ଷଗୁଡ଼ିକ ରାଜ୍ୟରେ ମାଓବାଦୀ ପୁନଗଠନର ସମ୍ଭାବନାକୁ ପ୍ରାୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଛି ଏବଂ ଏହା ଏକ ବଳିଷ୍ଠ ଉଦାହରଣ ଯେ, ଦୃଢ଼ ରାଜନୈତିକ ସଂକଳ୍ପ ଗୁଇନ୍ଦା ସୂଚନା ଭିତ୍ତିକ ସୁରକ୍ଷା ଅଭିଯାନ ଏବଂ ଉନ୍ନତ ଆତ୍ମସମର୍ପଣ ନୀତି ଏକାଠି ହେଲେ କିପରି ଏକ ଦୀର୍ଘ କାଳୀନ ବିଦ୍ରୋହୀ ଆନ୍ଦୋଳର ମେରୁଦଣ୍ଡକୁ ଭାଙ୍ଗି ଦେଇପାରେ। ୨୦୨୬ ମାର୍ଚ୍ଚ ୩୧ର ସମୟସୀମା ନିକଟବର୍ତ୍ତୀ ହେଉଥିବାବେଳେ ଓଡ଼ିଶାର ସୁରକ୍ଷା ପରିସ୍ଥିତି ସ୍ପଷ୍ଟ କରୁଛି ଯେ, ଏଠାରେ ନକ୍ସଲବାଦ ଆଉ ଗୋଟିଏ ରଣନୈତିକ ବିପଦ ନୁହେଁ, ବରଂ ଆସ୍ତେ ଆସ୍ତେ ଲୁପ୍ତ ହେଉଥିବା ଏକ ଅଧ୍ୟାୟ ଅଟେ।

*

**ଦୀପକ କୁମାର ନାୟକ**
ଗବେଷଣା ସହଯୋଗୀ
ଇନଷ୍ଟିଚ୍ୟୁଟ ଫର
କନଫ୍ଲିକ୍ଟ ମ୍ୟାନେଜମେଣ୍ଟ

## କବିତା ଗୁଚ୍ଛ

### ସକାଳର ଅପେକ୍ଷାରେ...

॥ ଜୟନ୍ତୀ ସ୍ୱାଇଁ ॥

ନୂଆ ବରଷର ନୂଆ ସକାଳରେ
ନୂତନ ସନ୍ଦେଶ ଆଣି
ନୂତନ ସୂର୍ଯ୍ୟ ଉଦିତ କିରଣେ
ହସଇ ଧରଣୀ ରାଣୀ ।
ପ୍ରତିଟି ସକାଳ ଆସଇ ଜୀବନେ
ନୂଆ ସମ୍ଭାବନା ନେଇ
ଚାଲିଥାଏ ଆମେ ଆଶାର ଆଲୋକ-
ପଥରେ ପଥିକ ହୋଇ
ଜୀବନ ମରୁରେ ପ୍ରେମର ଫଲ୍ଗୁ
ସତେ ଅବା ଦିଏ ବୁଣି
ନୂତନ ସୂର୍ଯ୍ୟ ଉଦିତ କିରଣେ
ହସଇ ଧରଣୀ ରାଣୀ।
ସୌଭାଗ୍ୟ ଦୁର୍ଭାଗ୍ୟ ବରଷ ମଧ୍ୟରେ
କେତେ ଆସେ କେତେ ଯାଏ
ତଥାପି ଏ ମନ ନୂଆ ସକାଳର
ଅପେକ୍ଷାରେ ରହିଥାଏ
ନୂଆବର୍ଷ ଏକ ଆହ୍ୱାନର ପର୍ବ
ହୃଦୟକୁ ନିଏ ଜିଣି
ନୂତନ ସୂର୍ଯ୍ୟ ଉଦିତ କିରଣେ
ହସଇ ଧରଣୀ ରାଣୀ ।



ଯୋଗାଯୋଗ :
ବରାଙ୍ଗ, ଅସ୍ତରଙ୍ଗ, ପୁରୀ

# ରାଜନୈତିକ ଦଳଙ୍କୁ ଚାନ୍ଦା




ରାଜନୈତିକ ଦଳମାନଙ୍କୁ ବେନାମୀ ଭାବରେ ଇଲେକ୍ଟୋରୀ ବଣ୍ଡ ଜରିଆରେ ଚାନ୍ଦା ପ୍ରଦାନକୁ ଅସାମ୍ବିଧାନିକ ଦର୍ଶାଇ ସୁପ୍ରିମକୋର୍ଟ ରଦ୍ଦ କରିବା ପରେ ୨୦୨୪-୨୫ ଆର୍ଥିକ ବର୍ଷ ହେଉଛି ପ୍ରଥମ ବର୍ଷ ଯେଉଁ ବର୍ଷରେ କେନ୍ଦ୍ରରେ କ୍ଷମତାସୀନ ଥିବା ଭାରତୀୟ ଜନତା ପାର୍ଟି (ବିଜେପି) ପାଇଥିବା ଚାନ୍ଦା ମୁଖ୍ୟ ବିରୋଧି ଦଳ କଂଗ୍ରେସ କିମ୍ବା ଦେଶର ଅନ୍ୟ ସମସ୍ତ ବିରୋଧି ଦଳମାନଙ୍କ ତୁଳନାରେ ପ୍ରାୟ ୩ ଗୁଣରୁ ଅଧିକ ରହିଛି। ନିର୍ବାଚନ କମିଶନଙ୍କୁ ରାଜନୈତିକ ଦଳଗୁଡିକ ପ୍ରଦାନ କରିଥିବା ସେମାନଙ୍କର ଆୟ ତଥା ପାଇଥିବା ଚାନ୍ଦା ସଦସ୍ୟ ଦେୟ ଓ ଅନ୍ୟାନ୍ୟ ଉତ୍ସରୁ ଆୟ କରିଥିବା ତଥ୍ୟରୁ ଏହା ଜଣାଯାଇଛି। ରାଜନୈତିକ ଦଳଗୁଡିକ ସେମାନଙ୍କର ଆୟ ସମ୍ପର୍କରେ ପ୍ରତିବର୍ଷ ରିପୋର୍ଟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରିବା ବାଧ୍ୟତାମୂଳକ ବ୍ୟବସ୍ଥା ରହିଥିବା ହେତୁ ଗତ ୧୦ତାରିଖ ସୁଦ୍ଧା ସମସ୍ତ ଦଳ ସେମାନଙ୍କର ବିଭିନ୍ନ ଉତ୍ସବରୁ ଆୟ ଏବଂ କାହାଠାରୁ କେତେ ଚାନ୍ଦା ପାଇଛନ୍ତି, ତାର ରିପୋର୍ଟ ପ୍ରଦାନ କରିଥିଲେ। ନିର୍ବାଚନ କମିଶନଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ବିଜେପିକୁ ସର୍ବାଧିକ ୬୬୫୪ କୋଟି ୯୩ଲକ୍ଷ ଟଙ୍କା ଚାନ୍ଦା ମିଳିଛି। ସେହିପରି ବିଜେପି ପଛକୁ ମୁଖ୍ୟ ବିରୋଧି ଦଳ କଂଗ୍ରେସକୁ ୫୨୨କୋଟି ୧୩ଲକ୍ଷ ଟଙ୍କା ଚାନ୍ଦା ମିଳିଥିବାବେଳେ ତୃଣମୂଳ କଂଗ୍ରେସ ୧୮୪ କୋଟି ୮ଲକ୍ଷ, ଭାରତ ରାଷ୍ଟ୍ର ସମିତି ୧୫କୋଟି ୯ଲକ୍ଷ, ଆମ ଆଦମୀ ପାର୍ଟି ୩୯କୋଟି ୨ଲକ୍ଷ, ତେଲୁଗୁ ଦେଶମ ପାର୍ଟି ୮୫କୋଟି ୨ଲକ୍ଷ, ବିଜୁ ଜନତା ଦଳ (ବିଜେଡି) ୯୦ କୋଟି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ବିଜେପି ଗଲା ୬ବର୍ଷରେ ୨୦୨୪-୨୫ ବର୍ଷରେ ସର୍ବାଧିକ ଚାନ୍ଦା ପାଇଛି। ଗୋଟିଏ ପଟେ ବିଜେପି, ଟିଡିପି, ଆମ ଆଦମୀ ପାର୍ଟିକୁ ଚାନ୍ଦା ୨୦୨୩-୨୪ ବର୍ଷ ତୁଳନାରେ ଅଧିକ ଚାନ୍ଦା ମିଳିଥିବା ବେଳେ ଅନ୍ୟ ସମସ୍ତଙ୍କର ଆୟ ହ୍ରାସ ପାଇଛି। ୨୦୨୩-୨୪ରେ ବିଜେପିକୁ ୩୯୬୭ କୋଟି ମିଳିଥିବା ଏଥର ପାଇଥିବା ଚାନ୍ଦା ୬୮ପ୍ରତିଶତ ଅଧିକ। ସେହିପରି କଂଗ୍ରେସର ଆୟ ୨୦୨୩-୨୪ ତୁଳନାରେ ୪୩ପ୍ରତିଶତ ହ୍ରାସ ପାଇଛି।୨୦୨୩-୨୪ କଂଗ୍ରେସ ୧୧୨୯ କୋଟି ଟଙ୍କା ଚାନ୍ଦା ପାଇଥିବାବେଳେ ଏଥର ଏହାର ଅର୍ଦ୍ଧେକ ତଥା ୫୨୨କୋଟି ୧୩ଲକ୍ଷ ଟଙ୍କା ପାଇଛି। କେବଳ ଏତିକି ନୁହେଁ, ବିଜେପିକୁ ମିଳିଥିବା ମୋଟ ଚାନ୍ଦାର ପରିମାଣ ଦେଶର ଅନ୍ୟ ସମସ୍ତ ରାଜନୈତିକ ଦଳଗୁଡିକୁ ମିଳିଥିବା ମୋଟ ଚାନ୍ଦାଠାରୁ ୮୫ପ୍ରତିଶତ ଅଧିକ। ସେହିପରି ଦେଶର ମାତ୍ର ୯ଟି ଇଲେକ୍ଟୋରାଲ ଟ୍ରଷ୍ଟ ରାଜନୈତିକ ଦଳଗୁଡିକୁ ମୋଟ ୩୮୧୧କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ବିଜେପି ଏକାକି କେବଳ ୩୧୧୨ କୋଟି ଟଙ୍କା ପାଇଛି। ଯାହାକି ମୋଟ ଚାନ୍ଦାର ଚାରି ପଂଚମାଂଶ ଠାରୁ ଅଧିକ। ବିଭିନ୍ନ ଟ୍ରଷ୍ଟରୁ ମିଳିଥିବା ରିପୋର୍ଟ ସୂଚନା ଦେଉଛି ଯେ, ସେମାନଙ୍କ ଠାରୁ ମୋଟ ଚାନ୍ଦାର ମାତ୍ର ୮ପ୍ରତିଶତ ଅର୍ଥାତ ୨୯୯ କୋଟି କଂଗ୍ରେସ ପାଇଥିବାବେଳେ ଅବଶିଷ୍ଟ ଚାନ୍ଦା ତଥା ୪୦୦କୋଟି ଅର୍ଥାତ ୧୦ପ୍ରତିଶତରୁ କମ୍ ଅନ୍ୟ ସମସ୍ତ ରାଜନୈତିକ ଦଳଙ୍କ ଖାତାକୁ ଯାଇଛି। ଇଲେକ୍ଟୋରାଲ ଟ୍ରଷ୍ଟ ହେଉଛି ଚାନ୍ଦା ବା ଦାନ ପାଇଁ ଏକ ମାତ୍ର ପଥ, ଯେଉଁଥିରେ ବିଭିନ୍ନ ସଂସ୍ଥା ସେମାନଙ୍କର ଚାନ୍ଦା ରଖି ରାଜନୈତିକ ଦଳମାନଙ୍କୁ ପ୍ରଦାନ କରିଥାନ୍ତି। ଅନ୍ୟ କର୍ପୋରେଟର ପ୍ରତିଷ୍ଠାନ କିମ୍ବା ବ୍ୟକ୍ତି ବିଶେଷ ସେମାନଙ୍କର ଚାନ୍ଦା ଡିମାଣ୍ଡ, ଚେକ୍ କିମ୍ବା ବ୍ୟାଙ୍କକୁ ହସ୍ତାନ୍ତର ଦ୍ୱାରା ପ୍ରଦାନ କରିଥାନ୍ତି। ଉଲ୍ଲେଖଯୋଗ୍ୟ ଯେ, ସ୍ୱଚ୍ଛତା କେବଳ ବଦାନ୍ୟତାକୁ ଉତ୍ସାହିତ କରିନାହିଁ, ଅପ୍ରତ୍ୟାଶିତ ଫଳାଫଳ ହେଉଛି ବୋଲି କୁହାଯାଇପାରିବ। ଇଲେକ୍ଟୋରାଲ ବଣ୍ଡରେ ଚାନ୍ଦା ଦେଉଥିବା ବ୍ୟକ୍ତି ବିଶେଷଙ୍କ ପରିଚୟ ଗୋପନୀୟ ରହୁଥିବାବେଳେ ନଗଦ ଦାନରେ ସେମାନଙ୍କ ପରିଚୟ ଆଉ ଅଛପା ରହୁନାହିଁ। ଏବେ ପ୍ରଶ୍ନ ଉଠୁଛି, ସର୍ବାଧିକ ଚାନ୍ଦା ପାଇଲେ ନିର୍ବାଚନରେ ବିଜୟୀ ହେବା ପାଇଁ ଗୋଟିଏ ଦଳ ପାଇଁ କ'ଣ ଅବଶ୍ୟମ୍ଭାବୀ କି ? ନିଶ୍ଚିତ ଭାବରେ ଏଥିରେ କୌଣସି ଗ୍ୟାରେଂଟି ନାହିଁ ବୋଲି କୁହାଯାଇପାରେ। ମାତ୍ର ସର୍ବାଧିକ ଚାନ୍ଦା ପାଇଥିବା ଦଳ ଅନ୍ୟମାନଙ୍କ ତୁଳନାରେ ବହୁ କିଛି ସୁବିଧା ସୁଯୋଗ ହାସଲ କରିପାରିବ, ଏଥିରେ ସନ୍ଦେହ ନାହିଁ। ବିଶେଷ କରି ନିର୍ବାଚନ ପ୍ରଚାରରେ ହାତଖୋଲି ବ୍ୟୟ କରିପାରିବ। ବୈଦ୍ୟୁତିକ ମିଡିଆ, ସାମାଜିକ ମିଡିଆ ସହ ସଭା, ଶୋଭାଯାତ୍ରା, ସମିତି, ବ୍ୟାନର, ହୋର୍ଡିଂ ଏବଂ ପ୍ରଚାର କ୍ଷେତ୍ରରେ ଅନ୍ୟ ଦଳମାନଙ୍କ ଠାରୁ ଆଗୁଆ ରହିବା ସହ ଘରେ ଘରେ ନିଜକୁ ପରିଚିତ କରାଇବାରେ ସମର୍ଥ ହେବା ଆଶା ରହିଛି। ଆହୁରି ମଧ ଜନମତକୁ ପ୍ରଭାବିତ କରି ପାରିପାରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଶିଳ୍ପ ଜଗତରୁ ସର୍ବାଧିକ ଦାନ ପାଇଥିବା ଦଳ କ୍ଷମତାସୀନ ହେଲେ, ଦାନକାରୀ ସରକାରଙ୍କ ଠାରୁ ଅହେତୁକ ଅନୁକମ୍ପା ପାଇବାକୁ ସମର୍ଥ ହେବା କୁହାଯାଇପାରେ।

*

**- ସୌଭାଗ୍ୟ ରଞ୍ଜନ ମହାନ୍ତି**
ଭୁବନେଶ୍ୱର, ମୋବାଇଲ ନଂ-
୭୯୭୮୬୬୬୪୦୩






# ସୁବର୍ଣ୍ଣପୁରରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ



**ସୁବର୍ଣ୍ଣପୁର (ଏନ୍.ଏମ୍.) :** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନଙ୍କ ଅଧକ୍ଷତା କରିଥିଲେ । ସଭାରେ ୨୦୨୪ ଓ ୨୦୨୫ ମସିହାର ଜାନୁଆରୀରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଘଟିଥିବା ଦୁର୍ଘଟଣା ତଥ୍ୟ, ଦୁର୍ଘଟଣାର କାରଣ ମୋଟର ଯାନ ଆଇନର କଡା କଡି ଭାବେ କାର୍ଯ୍ୟକାରୀ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ସୂଚନା ଅନୁସାରେ ୨୦୨୪ ମସିଆର ଜାନୁଆରୀରୁ ନଭେମ୍ବର ମଧରେ ମୋଟ ୪୨ ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ୪୩ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୫ ମସିହାର ଜାନୁଆରୀରୁ ନଭେମ୍ବର ମଧରେ ଏହି ସଂଖ୍ୟା କମି ୨୮ ହୋଇଛି, ଯେଉଁଥିରେ ମୋଟ ୨୮ ଜଣଙ୍କ ମୃତ୍ୟୁ ହୋଇଛି । ଏତଦ ବ୍ୟତୀତ ଜିଲ୍ଲା ସଡ଼କ ଏବଂ ପରିବହନ ବିଭାଗ ୧୦ଟି ବ୍ଲାକ ସ୍ପଟ ଚିହ୍ନଟ କରିଛନ୍ତି । ସେଗୁଡ଼ିକ ହେଲା କୁଳିପାଲି ଛକ ଏନଏଚ-୫୭, ବିଶାଳପାଲି ଛକ ଏନଏଚ-୧୨୬ (ଏ) , ଡୁଙ୍ଗୁରିପାଲି ଛକ ଏନଏଚ-୨୬, ଅର୍ଜୁନପୁର ଛକ ଏନଏଚ -୫୭, ସିଂହଯୁବା ମାର୍କେଟ ଏନଏଚ -୧୨୬ (ଏ), ସିଆଳଜୁରୀ ଗ୍ରାମ ଏନଏଚ -୫୭, ବାଙ୍ଗୀପାଲି ଛକ ଏମଡିଆର -୩୯, ବିଦୁରପାଲି ଛକ ଏସଏଚ -୧୫, ଦକ୍ଷିଣୀପାଲି ଛକ ଉଲୁଣ୍ଡା ଏସଏଚ-୧୫, ଘାଟକେଶ୍ବରା ନଦୀ ପୋଲ ଏନଏଚ -୫୭ ଅଟେ । ସମଗ୍ର ତଥ୍ୟ ଅନୁସାରେ ଗତବର୍ଷ (୨୦୨୪) ତୁଳନାରେ ଏବର୍ଷ (୨୦୨୫) ରେ ଦୁର୍ଘଟଣା ସଂଖ୍ୟାରେ ହ୍ରାସ ଦେଖାଯାଇଛି, ଯାହାର ମୂଳ କାରଣ ହେଉଛି ସଚେତନତା ଅଭିଯାନ, ଯାତାୟାତ ନିୟମ ପାଳନ ଓ କଡା କଡ଼ି ଭାବେ କାର୍ଯ୍ୟକାରୀ କରିବା ଯୋଗୁଁ । ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ, ଉଭୟ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥର ମରାମତି, ପାର୍କିଂ ସମସ୍ୟା, ଉପଯୁକ୍ତ ସଙ୍କେତର ବ୍ୟବହାର, ସର୍ଭିସ୍ ରୋଡ଼ରେ ପାର୍କିଂ, ଡାକ୍ତରଖାନା ରାସ୍ତା ଜାମ ସମସ୍ୟା, ସଡ଼କ ସୁରକ୍ଷା ନିୟମ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଏହି ସବୁ ସମସ୍ୟାର ମୁକାବିଲା ପାଇଁ ଅଧିକ ସଂଖ୍ୟାର "ବ୍ଲାକ୍ ସ୍ପଟ୍" ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନିତ କରି ସେଠାରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯିବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ । ରୋଡ୍ ସାଇନେଜ୍ ଲଗେଇବା, ଧୂଳି ହଟାଇବା ପାଇଁ ଫଗ୍ ସ୍ପ୍ରେ ଠିକ୍ ଭାବରେ କରିବା, ପ୍ରଯାପ୍ତ ଆଲୋକ ବ୍ୟବସ୍ଥା କରିବା, ଡାକ୍ତରଖାନା ଓ ସ୍କୁଲ ସଡ଼କରେ ସ୍ପିଡ଼ ବ୍ରେକରର ବ୍ୟବସ୍ଥା, ସଡ଼କ ସୁରକ୍ଷା ନିୟମ ଅନୁସରଣ କରିବା ପାଇଁ ଦାୟିତ୍ୱ ଗ୍ରହଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଆସନ୍ତା ଜାନୁଆରୀରେ ପାଳିତ ହେବାକୁ ଥିବା ସଡ଼କ ସୁରକ୍ଷା ମାସ ବିଷୟରେ ମଧ ଆଲୋଚନା ହୋଇଥିଲା । ଆସନ୍ତା ମାସ ପ୍ରଥମ ସପ୍ତାହରେ ଏହା ଆରମ୍ଭ ହେବ ଯେଉଁଥିରେ ମାସର ପ୍ରତ୍ୟେକ ଦିନ ସଡ଼କ ଏବଂ ପରିବହନ ବିଭାଗ ପକ୍ଷରୁ ଯାନବାହାନ ଚାଳକ ଏବଂ ପଥିକମାନଙ୍କ ପାଇଁ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମରେ ସ୍କୁଲ ଏବଂ କଲେଜ ପିଲାଙ୍କୁ ନେଇ ଏକ ବିଶାଳ ରାଲିର ଆୟୋଜନ ହେବ, ପଥ ପ୍ରାନ୍ତ ନାଟକ, ରକ୍ତଦାନ ଶିବିର, ଆଖି ପରୀକ୍ଷା ଏବଂ ପ୍ରତିଦିନ କଡାକଡି ଭାବରେ ସଡ଼କ ସୁରକ୍ଷା ନିୟମ ଭଙ୍ଗ କରୁଥିବା ଲୋକଙ୍କ ଠାରୁ ଜୋରିମାନା ଆଦାୟ କରାଯିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ବୈଠକରେ ଜିଲ୍ଲା ଆଞ୍ଚଳିକ ସଡ଼କ ଓ ପରିବହନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଟ୍ରକ ଓ ବସ ଆସୋସିଏସନର ପ୍ରେସିଡେଣ୍ଟ, ଏବଂ ଗଣମାଧ୍ୟମ ପ୍ରତିନିଧି ମାନେ ଓ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ କଲେ ଶିଳ୍ପ ଦକ୍ଷତା ବିକାଶ ମନ୍ତ୍ରୀ



**ଢେଙ୍କାନାଳ(ଏନ୍.ଏମ୍.) :** ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଙ୍ଗଳବାର ଦିନିକିଆ ଆକାଂକ୍ଷୀ ଜିଲ୍ଲା ଢେଙ୍କାନାଳ ଗସ୍ତ କରିଛନ୍ତି । କାମାକ୍ଷାନଗର, କଙ୍କଡାହାଡ, ଭୁବନ ବ୍ଲକ ଗସ୍ତ କରିବା ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । କଙ୍କଡାହାଡ ବ୍ଲକର ନୂତନ କାର୍ଯ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟନ କରିବା ସହ ଆକାଂକ୍ଷୀ ଜିଲ୍ଲା ପାଇଁ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ମନ୍ତ୍ରୀ ଶ୍ରୀ ସ୍ୱାଇଁ କାମାକ୍ଷାନଗର ବାଟଗାଁ ଅଙ୍ଗନୱାଡି କେନ୍ଦ୍ର ଓ ଆଦିସେବା କେନ୍ଦ୍ର ପରିଦର୍ଶନ କରିଥିଲେ । ଅଙ୍ଗନୱାର୍ଡ କର୍ମୀ, ପିଲାମାନଙ୍କ ସହ ଆଲୋଚନା କରିଥିଲେ । ବାଲିକୁମା ପଞ୍ଚାୟତ ଉର୍ବେଙ୍ଗୀ ଏପିସି କ୍ଲଷ୍ଟର ପରିଦର୍ଶନ କରିଥିଲେ । ପରେ କଙ୍କଡାହାଡରେ ପହଞ୍ଚି ପୂର୍ତ୍ତ ବିଭାଗର ବଙ୍ଗଳା, କଙ୍କଡାହାଡ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପରେ କଙ୍କଡାହାଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୋଠାର ଉଦଘାଟନ କରିଥିଲେ । ଅଞ୍ଚଳବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ମନ୍ତ୍ରୀ କହିଥିଲେ । କଙ୍କଡାହାଡ ବ୍ଲକର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ । କଙ୍କଡାହାଡ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଭିତ୍ତିଭୂମୀ ଓ ସାମାଜିକ ଉନ୍ନତି ଆଦି ପାଞ୍ଚଟି କ୍ଷେତ୍ରରେ ସମୀକ୍ଷା କରିଥିଲେ । ଜନଜାତିଙ୍କ ଉନ୍ନତି ପାଇଁ ଏସବୁ କାର୍ଯ୍ୟକ୍ରମକୁ ଗୁରୁତ୍ୱଦେଇ ସଫଳ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର ଉପସ୍ଥିତ ଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠି ଧନ୍ୟବାଦ ଦେଇଥିଲେ ।

# ଅବସରକାଳୀନ ସମ୍ବର୍ଦ୍ଧନା

**ଗୋଲାମୁଣ୍ଡା (ଏନ୍.ଏମ୍.) :** ଗୋଲାମୁଣ୍ଡା ସର୍ବମଙ୍ଗଳା ଉଚ୍ଚ ମାଧମିକ ବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ଜାନକୀ ସିପକା ଦୀର୍ଘ ପଇଁତିରିଶ ବର୍ଷ କାଳ ନିୟମିତ କାର୍ଯ୍ୟ ନିର୍ବାହ କରି ଅବସର ଗ୍ରହଣ କରିଛନ୍ତି । ଶ୍ରୀମତୀ ସିପକା ଚାକିରି ସମୟର ସମସ୍ତ କାର୍ଯ୍ୟ ଦିବସକୁ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ । ୨୦୨୬ ନୂତନ ବର୍ଷରମ୍ଭରୁ ତାଙ୍କର ଅନୁପସ୍ଥିତି ଅନୁଷ୍ଠାନର ଦୈନନ୍ଦିନ କାର୍ଯ୍ୟକ୍ରମରେ ବିଶେଷ ପ୍ରଭାବ ପରିଲକ୍ଷିତ ହେବ ବୋଲି ଅଧକ୍ଷ ପ୍ରାଧ୍ୟାପକ ସରୋଜ କାନ୍ତ ରଥ ସମ୍ବର୍ଦ୍ଧନା ସଭାରେ ଭାବାବେଗରେ ପ୍ରକାଶ କରିଥିଲେ । ଅଧକ୍ଷଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଉପସ୍ଥିତ ସମସ୍ତ ଅଧ୍ୟାପିକା/ଅଧ୍ୟାପକ ଓ କର୍ମଚାରୀ ତାଙ୍କର ଅବସରର ଅବଶିଷ୍ଟ ସମୟ ନିରାମୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ତଥା ମା' ସର୍ବମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ପର୍ଯ୍ୟଟନ ଋତୁରେ 'ସରକାରୀ ଡ୍ୟାମ'ର ଆକର୍ଷଣ



**ବାଙ୍ଗିରିପୋଷି (ଏନ୍.ଏମ୍.) :** ଥଣ୍ଡାର ପ୍ରକୋପ ବଢ଼ିବା ସହିତ ସାଧାରଣ ଜୀବନ ଯାପନକୁ ପ୍ରଭାବିତ କରୁଥିବାବେଳେ ଭୀଷଣ ଥଣ୍ଡା ରେ ବଢି ଚାଲିଛି ପର୍ଯ୍ୟଟକଙ୍କ ବୁଲିବାର ନିଶା । ପ୍ରାୟ ସମସ୍ତ ପର୍ଯ୍ୟଟନ ସ୍ଥଳ ଲୋକାରଣ୍ୟ ହେବାରେ ଲାଗିଛି । ବାଙ୍ଗିରିପୋଷି ମଧ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଲାଗିଛି ।

ଶିମିଳିପାଳ ଅଭୟାରଣ୍ୟ ପାଦ ଦେଶରେ ଥିବା ଏହି ବ୍ଲକର ଅଧିକାଂଶ ଅଞ୍ଚଳକୁ ନିଜର ମନଲୋଭା ସୌନ୍ଦର୍ଯ୍ୟରେ ଢାଙ୍କି ରଖିଛି ପ୍ରକୃତି ରାଣୀ । କେତେବେଳେ ବୁଢାବଳଙ୍ଗ ନଈର କୁଳୁକୁଳୁ ନାଦ ବିଭୋର କରିପକାଏ ତ ଆଉ କେତେବେଳେ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କର କୋଳାହୋଳ ମନରେ ଭରିଦିଏ ଅପୂର୍ବ ଉନ୍ମାଦନା ।

ବ୍ଲକର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧ୍ୟରେ ବ୍ରାହ୍ମଣକୁଣ୍ଡ, ମା' ଦ୍ୱାରଶୁଣି ପୀଠ, ନେଦାମ ଡ୍ୟାମ, ସୁନାମୁହିଁରେ ବଣଭୋଜି ପାଇଁ ଭିଡ଼ ଜମୁ ଥିବାବେଳେ ପର୍ଯ୍ୟଟକଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାରେ ସଫଳ ହେଉଛି ଅନନ୍ୟ ସୌନ୍ଦର୍ଯ୍ୟର ଗନ୍ତାଘର ଥିବା ଆଉ ଏକ ପ୍ରମୁଖ ସ୍ଥାନ 'ସରକାରୀ ଡ୍ୟାମ' । ବାଙ୍ଗିରିପୋଷି ମୁଖ୍ୟ ବଜାରଠାରୁ ବୁଡିଖମାରୀ ଅଭିମୁଖେ ଗଲାବେଳେ ଶ୍ୟାମସୁନ୍ଦରପୁର ଗ୍ରାମ୍ୟ ହାଟ ପଡ଼ିଆର ବାମପାର୍ଶ୍ୱକୁ ଲମ୍ବି ଯାଇଥିବା ରାସ୍ତାର ଅଳ୍ପ କିଛି ବାଟ ଗଲା ପରେ କିଛି ଦୂରରୁ ହିଁ ଦୃଶ୍ୟମାନ ହୁଏ ଏହି ଜଳାଶୟ । କହିବାକୁ ଗଲେ ବଜାରଠାରୁ ଏହାର ଦୂରତା ପ୍ରାୟ ୧୦ କିମି ମଧରେ । ଏହାକୁ ପ୍ରାୟତଃ ସରକାରୀ ଡ୍ୟାମ ଭାବେ ଅନେକ ଲୋକ ଜାଣିଥିବା ବେଳେ କିଛି ସ୍ଥାନୀୟ ଅବାସୀଙ୍କ ମତରେ ଏହି ଜଳାଶୟକୁ 'ରଙ୍ଗାବନ୍ଧ' ବୋଲି କୁହନ୍ତି । ଜଳାଶୟଟି ଦେଖିବାକୁ ଯେପରି ସୁନ୍ଦର ସେଠାକୁ ଯିବା ସମୟରେ ଶାଳ ଜଙ୍ଗଲ ଦେଇ ପଡୁଥିବା ଅଙ୍କାବଙ୍କା ରାସ୍ତା ବି ଅତ୍ୟନ୍ତ ମନମୁଗ୍ଧକର ଦୃଶ୍ୟମାନ ହୁଏ । ଜଳାଶୟର ଗୋଟିଏ ପାର୍ଶ୍ୱରେ ସୁଉଚ୍ଚ ସବୁଜ ବନାନୀ ତ ଅନ୍ୟ ପାର୍ଶ୍ୱକୁ ଘେରି ରହିଛି କିଛି ଗାଁ । ପୁଣି ଜଳାଶୟର ଚତୁଃ ପାର୍ଶ୍ୱରେ ସବୁଜ ଶସ୍ୟକ୍ଷେତ, ଆଉ ଗାଁ ମାଟିର ମହକ ମନରେ ଭରିଦିଏ ଅନନ୍ୟ ରୋମାଞ୍ଚ । ପ୍ରକୃତିର ଏହି ମନରୋମ ଦୃଶ୍ୟକୁ ଉପଭୋଗ କରିବାପାଇଁ ଜଳାଶୟକୁ ଲାଗି ରହିଛି ସୁନ୍ଦର ସବୁଜ ଘାସ ଗାଲିଚା । ବିଶେଷ କରି ସନ୍ଧ୍ୟା ସମୟରେ ଏହି ସ୍ଥାନଟି ବୁଲିବାର ପ୍ରକୃଷ୍ଟ ସମୟ । ସୂର୍ଯ୍ୟର ଅସ୍ତଗାମୀ କିରଣ, ଗାଈଆଳ ଟୋକାଙ୍କର ବଂଶୀସ୍ୱନ, ଗୋ ଗୋଷ୍ଠ ମାନଙ୍କର ଚାରଣ, ଛୋଟ ପିଲା ତଥା ବୟସ୍କ ଲୋକମାନେ ଖଡା ପକାଇ ମାଛ ଧରିବାର ଦୃଶ୍ୟ ବେଶ୍ ମନୋହର । ଘର ବାହୁଡ଼ା ସମୟରେ କାକଳି ଓ କଇଲି ପରି ଶହଶହ ପକ୍ଷୀଙ୍କର କୁହୁ କୁହୁ ତାନାରେ ପ୍ରକମ୍ପିତ ହୋଇ ଯାଏ ଏହି ସ୍ଥାନ । ଅନ୍ୟ ପର୍ଯ୍ୟଟନ ସ୍ଥଳ ପରି ପର୍ଯ୍ୟଟକଙ୍କ ପାଇଁ ଏହି ସରକାରୀ ଡ୍ୟାମ ହୁଏ ତ ଆଜି ଅନାମଧନ୍ୟ ରହିଛି କିନ୍ତୁ ଦିନକୁ ଦିନକୁ ବଢୁଥିବା ଏହାର ଲୋକପ୍ରିୟତା ନିଶ୍ଚିତ ଭାବେ ଆଗକୁ ଏହା ଏକ ଜଣାଶୁଣା ପର୍ଯଟନ ସ୍ଥଳ ବା ପିକନିକ ସ୍ପଟ ଭାବେ ପରି ଗଣିତ ହେବ ଏଥିରେ ଦ୍ୱିମତ ନାହିଁ । ଏହାର ଭିତ୍ତିକୁ ସୁଦୃଢ଼ କରିବା ସହ ସରକାରୀସ୍ତରରେ ଆନ୍ତରିକତା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି ।

# ଅଫିସରଙ୍କ ଅଭାବରେ ଚାଲିଛି ଥାନା ଓ ଫାଣ୍ଡି

**ଚିକିଟି(ଏନ୍.ଏମ୍.) :** କେ. ନୂଆଗାଁ ଥାନା ୭୦ କିମି ରୁ ଉର୍ଦ୍ଧ୍ୱ ଅଞ୍ଚଳକୁ ଆଇନ ଶୃଙ୍ଖଳା ପାଇଁ କାମ କରୁଛି । ଏହାର ଅଧୀନରେ ନୂଆପଡା ଫାଣ୍ଡି ଏବଂ ଧାନଘର ଫାଣ୍ଡି ଭଳି ଦୁଇ ଗୋଟି ଫାଣ୍ଡି ରହିଛି । କିନ୍ତୁ ଆବଶ୍ୟକ ଅନୁଯାଇ ଅଫିସର ଅଭାବରୁ କେ. ନୂଆଗାଁ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଅଧିକାରୀଙ୍କ ପ୍ରତି କଷ୍ଟକର ବ୍ୟାପାର ହୋଇପଡିଛି । ଏହାର ସୁଯୋଗ ନେଇ ଅପରାଧି ମାନେ ଜୁଆ ଅଡ୍ଡା, ଚୋରୀ, ଭଳି ଛୋଟ ମୋଟ ଅପରାଧିକ କାମ ଚାଲୁ ରଖିଛନ୍ତି । କେ. ନୂଆଗାଁ ଥାନାରେ ଦୁଇ ଜଣ ସବଇନସପେକ୍ଟରର ପଦବୀ ରହିବା ନିୟମ ରହିଛି । କିନ୍ତୁ ଉକ୍ତ ଦୁଇ ପଦବୀ ଖାଲି ପଡ଼ିଥିବା ଯୋଗୁଁ ରାତ୍ରୀ କାଳୀନ ପେଟ୍ରୋଲିଙ୍ଗ ରେ ସମସ୍ୟା ଉପୁଜୁଛି । କିଛି ଦିନ ହେଲା ନୂଆପଡା ଫାଣ୍ଡି ଅଧିକାରୀ ପଦୋର୍ନତି ପାଇ ଅନ୍ୟତ୍ର ନିଯୁକ୍ତି ହୋଇଛନ୍ତି । ଯଦ୍ଦ୍ୱାରା ନୂଆପଡା ଫାଣ୍ଡି ମୁରବୀ ବିହୀନ ହୋଇପଡିଛି । ନୂଆପଡା ଫାଣ୍ଡି ଅଞ୍ଚଳ ଜୁଆ, ଗଞ୍ଜାଇ, ଚୋରା ମଦ ପାଇଁ ପ୍ରସିଦ୍ଧି ରହିଛି । ଫାଣ୍ଡି ଅଧିକାରୀ ନଥିବା ଯୋଗୁଁ ଅପରାଧିକ ମାମଲା ପାଇଁ ଅପରାଧି ସକ୍ରିୟ ରହିଛନ୍ତି । ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଭଳି ସମ୍ବେଦନଶୀଳ ଇଲାକା ସହ ୫ ଗୋଟି ପଂଚାୟତ ପାଇଁ କାମ କରୁଛି ଧାନଘର ଫାଣ୍ଡି । କିନ୍ତୁ କର୍ମଚାରୀ କମ ଯୋଗୁଁ ଅଞ୍ଚଳ ରେ ଚୋରୀ, ଜୁଆ ଅଡ୍ଡା ବୃଦ୍ଧି ପାଉଛି । ନୂଆଗାଁ ଥାନା ଏବଂ ନୂଆପଡା ଫାଣ୍ଡିରେ ଖାଲି ପଡ଼ିଥିବା ଏସ. ଆଇ ପଦବୀକୁ ତୁରନ୍ତ ପୂରଣ କରିବା ସହ ଫାଣ୍ଡି ଗୁଡିକୁ ଏ ଏସ ଆଇ ପଦବୀ ନିଯୁକ୍ତି ଦେଲେ ଏହି ସମସ୍ୟା ରହିବ ନାହିଁ ବୋଲି କୁହାଯାଇଛି । ଏଣୁ କେ. ନୂଆଗାଁ ଥାନା ଅଞ୍ଚଳ ରେ ଭବିଷ୍ୟତରେ ଶାନ୍ତି ବଜାୟ ରଖିବା ପାଇଁ ଉଚ୍ଚ କର୍ତୃପକ୍ଷ ହସ୍ତକ୍ଷେପ କରିବାକୁ ସାଧାରଣ ରେ ଦାବୀ ଉଠିଛି ।




# କ୍ଷତିପୂରଣ ଓ ଦାବିକୁ ନେଇ ଲୋକେ ଦ୍ୱନ୍ଦ୍ୱରେ



**ରାଉରକେଲା(ଏନ୍.ଏମ୍.) :** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଭୂଗରାକଛ ଠାରେ ବୁଧବାର ଦିନ କୋଇଲା ଖଣି ନିମନ୍ତେ ଇଡକୋ ଦ୍ୱାରା ହେମଗିର ତହସିଲର ବିଜାହାନ ଗ୍ରାମରେ ଶିଳ୍ପାୟନ ପ୍ରତିଷ୍ଠା ନିମନ୍ତେ ଏକର ୪୩୮.୨୧୦ ଭୂମି ଅଧିଗ୍ରହଣ କରାଯିବା ନିମନ୍ତେ ଓଡିଶା ରାଜ୍ୟ ପ୍ରଭାବ ଆକଳନ ଏକ ପ୍ରାରୁପି ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତି ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ମତାମତ ନେବା ନିମନ୍ତେ ଭୂବରାକଛା ଠାରେ ଜନଶୁଣାଣି ହେବାକୁ ଥିଲା ଯାହାକୁ ଭୋଗ୍ରାକଛାର ଗାଁଲୋକେ ବୈଠକକୁ ଆସିଲେ ନାହିଁ । ଜନଶୁଣାଣି ପାଇଁ ପ୍ରସ୍ତୁତ ପ୍ରାରୁପି ସାମାଜିକ ପ୍ରଭାବ ଆକଳନ ବିବରଣୀରେ ଥିବା ତ୍ରୁଟି ସଂଶୋଧନ ହୋଇନଥିବା ଦର୍ଶାଇ ଗାଁଲୋକେ ଏହି ନିଷ୍ପତ୍ତି ନେଇଛନ୍ତି । ପୂର୍ବରୁ ବିବରଣୀରେ ତ୍ରୁଟି ଥିବା ଦର୍ଶାଇ ଗତ ୨୦ ତାରିଖରେ ହେବାକୁ ଥିବା ଜନଶୁଣାଣିକୁ ଗ୍ରାମବାସୀ ବିରୋଧକରି ସେଥିରେ ସାମିଲ ହୋଇନଥିଲେ । ଯାହାଫଳରେ ସେଦିନ ଜନଶୁଣାଣି ହୋଇପାରି ନଥିଲା । ପ୍ରଶାସନ ଗ୍ରାମବାସିଙ୍କ ସହ ଆଲୋଚନା କରି ତ୍ରୁଟି ସଂଶୋଧନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ଗାଁକୁ ଦିଆଯାଇଥିବା ବିବରଣୀରେ ଏବେବି ଭୁଲ୍ ତଥ୍ୟ ରହିଯାଇଥିବାର ଗ୍ରାମ ବାସି ଅଭିଯୋଗ କରି, ଏହା ସହ ସଂଶୋଧନ ସମୟରେ ସେମାନଙ୍କ ସହ ଆଲୋଚନା କରାଯାଇ ନଥିବା ଗାଁଲୋକେ ଅଭିଯୋଗ କରିଛନ୍ତି । ଏହା ସହ ଜମିର ମୂଲ୍ୟ ଉପରେ ମଧ କୋଣସି ନିଷ୍ପତ୍ତି ହୋଇନଥିଲା ଯଦ୍ଦ୍ୱାରା ଲୋକେ ବୈଠକକୁ ଆସିଲେ ନାହିଁ । ଯଦ୍ଦ୍ୱାରା ଲୋକଙ୍କୁ ପ୍ରଶାସନ ପକ୍ଷରୁ ବୈଠକରେ ଯୋଗ ଦେବା ପାଇଁ ଅନୁରୋଧ କରାଯାଇଥିଲା ତଥାପି ଲୋକେ ନିଜ ଜିଦରେ ଅଟଳ ରହିଥିଲେ ।

# ବାରିପଦାରେ ମେଗା କ୍ରେଡିଟ ଆଉଟରିଚ କାର୍ଯ୍ୟକ୍ରମ-୨୦୨୫




**ବାରିପଦା(ଏନ୍.ଏମ୍.) :** ମୟୂରଭଞ୍ଜରେ ପ୍ରଥମ ଥର ଓଡିଶା ଗ୍ରାମୀଣ ବ୍ୟାଙ୍କ ବାରିପଦା ଅଞ୍ଚଳ ଏବଂ ଓଡିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳର ମିଳିତ ପ୍ରୟାସରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ମେଗା କ୍ରେଡିଟ ଆଉଟରିଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସତ୍ୟବତୀ ସାହୁ (ମହା ପ୍ରବନ୍ଧକ ଓଡିଶା ଗ୍ରାମୀଣ ବ୍ୟାଙ୍କ), ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ.ଡଃ. ଦୟାସିନ୍ଧୁ ପରିଡା,ନାବାର୍ଡ ର ଉନ୍ନୟନ ପରିଚାଳକ ସ୍ମାରକ କୁମାର ମହାନ୍ତି ଓ ଏଲ ଡି ଏମ ସୂର୍ଯ୍ୟନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଓଡିଶା ଗ୍ରାମୀଣ ବ୍ୟାଙ୍କର ବାରିପଦା ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ କବିତା ଜ୍ୟୋତିଷୀ ଏବଂ ଓଡିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିରଜା ପ୍ରସାଦ କର ନିମନ୍ତ୍ରିତ ଅତିଥି ବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଓଡିଶା ଗ୍ରାମୀଣ ବ୍ୟାଙ୍କର ଏହି କ୍ରେଡିଟ ଆଉଟ ରିଚ ପ୍ରୋଗ୍ରାମର ଆଭିମୁଖ୍ୟ ହେଉଛି ସମବେଶୀ ଉନ୍ନତି, ଆର୍ଥିକ ସଶକ୍ତିକରଣ ଓ ସାମାଜିକ - ଆର୍ଥିକ ବିକାଶ ପ୍ରତି ତାହାର ଦୃଢ ସଂକଳ୍ପକୁ ସୁନିଶ୍ଚିତ କରିବା । ଏହି କ୍ରେଡିଟ ଆଉଟ ରିଚ ପ୍ରୋଗ୍ରାମ ମାଧ୍ୟମରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ଦ୍ୱାରା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ କୃଷି ବିଭାଗର କିଷାନ କ୍ରେଡିଟ କାର୍ଡ ହିତାଧିକାରୀ ମାନଙ୍କୁ ୨୦୧.୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଗଲା । ଏହି ଅବସରରେ ଅତିଥିବୃନ୍ଦ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରୋତ୍ସାହନ ସ୍ୱରୂପ ଚେକ ପ୍ରଦାନ କରିଥିଲେ ଏବଂ ଶ୍ରେଷ୍ଠ ବ୍ୟାଙ୍କ ମିତ୍ର ମାନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇ ଥିଲା ।

# ସୁନ୍ଦରଗଡ ଜିଲ୍ଲା ଶିଳ୍ପ ଶ୍ରମିକ ସଭା ୩୧ ଡିସେମ୍ବରକୁ ପାଳିଲା କଳା ଦିବସ




**ରାଉରକେଲା (ଏନ୍.ଏମ୍.) :** ରାଉରକେଲାରେ ଷ୍ଟିଲ ପ୍ଲାଣ୍ଟରେ ଶ୍ରମିକମାନଙ୍କୁ ସବୁବେଳେ ହତାଦର କରାଯାଉଛି । ଏପରିକି ସେମାନଙ୍କୁ କାମରୁ ଛଟେଇ କରାଯାଉଛି । ଏହା ଦ୍ୱାରା ଉକ୍ତ ଅଞ୍ଚଳରେ ବେକାରୀ ସମସ୍ୟା ବଢ଼ିବା ସହ ଦିନକୁ ଦିନ ଏହା ସାମାଜିକ ବ୍ୟାଧି ଭାବେ ଦେଖାଦେଲାଣି । ୧୯୯୪ ମସିହା ଡିସେମ୍ବର ୩୧ ତାରିଖରେ ରାଉରକେଲା ଇସ୍ପାତ କାରଖାନାର ସ୍ଥାୟୀ କାମରେ ନିଯୁକ୍ତ ଥିବା ୭ ହଜାରରୁ ଉର୍ଦ୍ଧ୍ୱ ଠିକା ଶ୍ରମିକଙ୍କୁ ଛଟେଇ ବିରୁଦ୍ଧରେ ୩୧ ଡିସେମ୍ବରକୁ ହିନ୍ଦ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ ଜିଲ୍ଲା ଶିଳ୍ପ ଶ୍ରମିକ ସଭା ତରଫରୁ କଳା ଦିବସ ରୂପେ ପାଳନ କରାଯାଉଛି । ଆଜି ରାଉରକେଲା ବିର୍ସା ଛକ ଠାରେ ଆୟୋଜିତ ଏକ ପ୍ରତିବାଦ ସଭାରେ ହିନ୍ଦ୍ ମଜଦୁର ସଭାର ରାଜ୍ୟ ସମ୍ପାଦକ ଏବଂ ସୁନ୍ଦରଗଡ ଜିଲ୍ଲା ଶିଳ୍ପ ଶ୍ରମିକ ସଭାର ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ରାଉରକେଲା ଇସ୍ପାତ କାରଖାନା ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ କଳା ଦିବସକୁ ପାଳନ କରିବା ସହିତ ରାଉରକେଲା ଇସ୍ପାତ କାରଖାନାରୁ ୧୯୯୪ ଡିସେମ୍ବର ୩୧ ତାରିଖରେ ରାଉରକେଲା ଇସ୍ପାତ କାରଖାନା ସୁପ୍ରିମ କୋର୍ଟଙ୍କ ନାମ ନେଇ ମାତ୍ର ୩,୪୩୭ ଜଣ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯିବା ସହିତ ୭,୦୦୦ ଶ୍ରମିକଙ୍କୁ ଛଟେଇ କରାଯାଇଥିଲା । ଯାହାକି ସୁପ୍ରିମ କୋର୍ଟଙ୍କର ନିର୍ଦ୍ଦେଶ ନଥିଲା ବୋଲି କହିଛନ୍ତି ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି । ରାଉରକେଲା ଇସ୍ପାତ କାରଖାନାର ୭୦୦୦ ଠିକା ଶ୍ରମିକ ଛଟେଇ ବିରୁଦ୍ଧରେ ଆଜି ସେହି ୧୯୯୪ ମସିହା ଡିସେମ୍ବର ୩୧ ତାରିଖର ଦିନକୁ ଆଜି ହିନ୍ଦ୍ ମଜଦୁର ସଭା ତଥା ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପ ଶ୍ରମିକ ସଭା ପକ୍ଷରୁ କଳା ଦିବସ ଭାବେ ପାଳନ କରାଯାଉଛି ବୋଲି କହିଛନ୍ତି ସୁନ୍ଦରଗଡ ଜିଲ୍ଲା ଶିଳ୍ପ ଶ୍ରମିକ ସଭାର ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି । ସେ ଆହୁରି ମଧ କହିଛନ୍ତି ଯେ ରାଉରକେଲା ଇସ୍ପାତ କାରଖାନାରୁ ଛଟେଇ ହୋଇଥିବା ୭୦୦୦ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ ଆଜି ରାଜରାସ୍ତାରେ ବୁଲିବା ସହିତ ମୁଢି ଓ ଅନ୍ୟାନ୍ୟ ବେପାର କରି ପେଟ ପୋଷୁଛନ୍ତି ବୋଲି କହିଥିଲେ ।




## ଦୁର୍ଘଟଣା ପୀଡିତଙ୍କୁ ଅନୁକମ୍ପା ରାଶି ଯଥେଷ୍ଟ ନୁହେଁ

# ଲୋକଙ୍କ ସୁରକ୍ଷା ଜରୁରୀ : ଜନ ମଙ୍ଗଳ ବୋର୍ଡ

**ଖୋର୍ଦ୍ଧା(ଏନ୍.ଏମ୍.):** ଆଜିକାଲି ରାସ୍ତାରେ ଯିବା ଆସିବା ସୁରକ୍ଷିତ ନୁହେଁ । କେତେବେଳେ ସରକାରୀ ବସ ତ କେତେବେଳ ଘରୋଇ କାର, ବସ, ଟ୍ରକ, ତାସାଥୀକୁ ଅମାନିଆ ଦୁଇ ଚକିଆ ବାଇକ ଚକ ତଳେ ଲୋକଙ୍କ ଜୀବନ ଯାଉଛି । ଏଥିପାଇଁ ବେପରୁଆ ଚାଳନା ସାଥିରେ ଟ୍ରାଫିକ ଅନିୟମତା ମୁଖ୍ୟତଃ ଦାୟୀ । ରାଜଧାନୀରେ ଅନେକ ସମୟରେ ଦେଖାଯାଇଛି ଠିକ ସମୟରେ (ସକାଳବେଳା) ଅନେକ ଟ୍ରାଫିକ ପୋଷ୍ଟରେ କାହାକୁ ଦେଖିବାକୁ ପାଇବନି ।ରାସ୍ତା ଉପରେ ଗାଡି ପାର୍କିଙ୍ଗ କରି ଗପ ଗପିବା, ମୋବାଇଲ ରେ ଗପି ଗପି ଗାଡି ଚଳାଇବା ଭଳି ଅନେକ କାରଣରୁ ସଡ଼କ



ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ଦୁର୍ଘଟଣା ହେଉଛି । ରାଜଧାନୀ ନିକଟ ସୁନ୍ଦରପଦା ଜଟଣୀ ରୋଡ଼ ଏବେ ଚିକ୍କଣିଆ ହୋଇ ଯାଇଛି, ମାତ୍ର ରୋଡ଼ ଡିଭାଇଡର ନଥିବାରୁ ଲୋକେ ବେପରୁଆ ଭାବେ ଗାଡିଚଳାଉଥିବାରୁ ପ୍ରତି ମିନିଟରେ ଲୋକଙ୍କୁ ଭୟ ଲାଗୁଛି । ସରକାର କଣ ସବୁବେଳେ ଘଟଣା ଘଟିଲେ ତତ୍ପରତା ଦେଖାଇବ ? ସବୁ ଅଂଚଳର କିଛି କିଛି ବେସରକାରୀ ସ୍ୱୟଂ ସେବା କର୍ମୀଙ୍କୁ ଦାୟିତ୍ୱ ଦେବା ପ୍ରସଙ୍ଗ ଉପରେ ମନ୍ଥନ କରିବାର ଆବଶ୍ୟକତା ଅଛି, ଯେପରି ବନ ବିଭାଗଗ୍ରାମୀଣ ଲୋକଙ୍କୁ ଦାୟିତ୍ୱ ଦେଇ ଜଙ୍ଗଲ ସୁରକ୍ଷା ରେ ସଫଳତା ପାଇଛି ବୋଲି ସାଧାରଣରେ ଆଲୋଚନା

## ସର୍ବଭାରତୀୟ କାରାଟେ ଚମ୍ପିୟାନସିପ

# ବାରିପଦାର ଦୀପକ ପାଇଲେ ବ୍ରୋଞ୍ଜ ପଦକ

ବାରିପଦା, ୪/୧ (ପ୍ରଶାନ୍ତ ଦାସ ପଟ୍ଟନାୟକ) : ତୁଳସୀ ଦୁଇ ପତ୍ରରୁ ବାସେ, ଏହା ପ୍ରମାଣିତ କରିଛନ୍ତି ବାରିପଦାର ଦୀପକ କୁଁଅର ୨୦୧୯ ମସିହାରେ ଜୁବୁଲି ପେଟ୍ରୋଲ ପମ୍ପ ନିକଟରେ ଅନ୍ୟମାନଙ୍କର କାରାଟେ ଅଭ୍ୟାସ କରୁଥିବାର ଦେଖି ୭ ବର୍ଷର ଦୀପକ କାରାଟେ ପ୍ରତି ଆକୃଷ୍ଟ ହୋଇଥିଲେ । ଦିବ୍ୟାଙ୍ଗ ପିତା ରଙ୍ଗକାମ କରି ପରିବାର ପାଳୁଥିଲେ ହେଁ ପୁଅର ଜିଦ ଆଗରେ ହାରମାନି କାରାଟେ ସ୍କୁଲରେ ନାମ ଲେଖେଇ ଦେଇଥିଲେ । ଗୁରୁ ସୁଶାନ୍ତ ବାରିକଙ୍କ ଠାରୁ ଉପଯୁକ୍ତ ପ୍ରଶିକ୍ଷଣ ପାଇ ଦୀପକ ପ୍ରଥମ ଥର ପାଇଁ ୨୦୨୩ ମସିହାରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ, ୨୦୨୪ ମସିହାରେ ସବ ଜୁନିୟର ରାଜ୍ୟସ୍ତରୀୟ କାରାଟେ ପ୍ରତିଯୋଗିତାରେ ତୃତୀୟ ସ୍ଥାନ, ୨୦୨୫ ମେ ମାସରେ ରାଞ୍ଚିଠାରେ ଅନୁଷ୍ଠିତ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି



ଜିଲ୍ଲା ପାଇଁ ଗୌରବ ଆଣିଥିଲେ । ବର୍ତ୍ତମାନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ସର୍ବଭାରତୀୟ ସ୍ତରରେ ୪୫ କିଲୋଗ୍ରାମରୁ କମ ବାଳକ ବିଭାଗରେ ଅଂଶ ଗ୍ରହଣ କରି ୩ୟ ସ୍ଥାନ ଅଧିକାର ପୂର୍ବକ ବ୍ରଞ୍ଜ ପଦକ ହାସଲ କରିଛନ୍ତି । ବାରିପଦା ୧୫ ନଂ ୱାର୍ଡ ସ୍ଥିତ ଜନାର୍ଦ୍ଦନପୁର ନିବାସୀ ବିଶ୍ୱନାଥ କୁଁଅର ଓ ରୀତା କୁଁଅରଙ୍କ ପୁଅ ଦୀପକ ବର୍ତମାନ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ମ ଶ୍ରେଣୀର ଛାତ୍ର । ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ଉପଯୁକ୍ତ ପ୍ରଶିକ୍ଷଣ ପାଇଲେ ଦୀପକ ନିଶ୍ଚୟ ଦିନେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିପାରିବେ ବୋଲି ପ୍ରଶିକ୍ଷକ ଶ୍ରୀ ବାରିକ ପ୍ରକାଶ କରିଛନ୍ତି ।

# ପୀତବାସ ପଣ୍ଡା ହତ୍ୟା ଘଟଣାର ଚାର୍ଜସିଟ୍ ଦାଖଲ କଲା ପୋଲିସ୍

ବ୍ରହ୍ମପୁର(ଏନ୍.ଏମ୍.): ଟାଉନ ଏସଡିପିଓଙ୍କ ଅଫିସରୁ ଦୁଇଟି ଟ୍ରଙ୍କ ପେଡିରେ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ଆଣି ବ୍ରହ୍ମପୁର ଏସଡ଼ିଜେଏମ୍ କୋର୍ଟରେ ଚାର୍ଜସିଟ୍



ଦାଖଲ କରିଲା ବୈଦ୍ୟନାଥପୁର ଥାନା ପୋଲିସ । ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ପୃଷ୍ଠା ସମ୍ବଳିତ ପ୍ରାଥମିକ ଚାର୍ଜସିଟ୍ ପୋଲିସ ଦାଖଲ କରିବା ନେଇ ସୂଚନା । ଯାହାକି ବ୍ରହ୍ମପୁର ଓ ଓଡିଶା ଇତିହାସରେ ପ୍ରଥମ ସ୍ୱତନ୍ତ୍ର ଟ୍ରଙ୍କ ପେଡିରେ ଏହି ଚାର୍ଜସିଟ କୋର୍ଟକୁ ନେଇ ଆସିଲେ ପୋଲିସ । ଡିସେମ୍ବର ୯ତାରିଖରେ ମାମଲାର ସିଡ଼ି ତଥା କେସ୍ ଡାଏରୀ ଦାଖଲ କରିଥିଲା ପୋଲିସ ଏହି ମାମଲାରେ ମୋଟ ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ । ଗିରଫଙ୍କ ମଧ୍ୟରେ ରହିଛନ୍ତି ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାସ, ବିଜେଡ଼ି କର୍ପୋରେଟର ମଳୟ ବିଷୋୟୀ, ବିଜେଡ଼ି ନେତା ମଦନ ଦଳେଇ ରହିଛନ୍ତି । ମାମଲାରେ ଜାମିନ ପାଇଁ ବିକ୍ରମ ପଣ୍ଡା ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ଗତ ଅକ୍ଟୋବର ୬ ତାରିଖ ରାତିରେ ବୈକୁଣ୍ଠନଗର ସାହି ଛକରେ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଥିଲା ।

# ବର୍ତନ ବ୍ୟାଙ୍କ ଉଦ୍‌ଘାଟିତ

**ନୂଆପଡ଼ା(ଏନ୍.ଏମ୍.):** ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ବରଗାଁ ପଞ୍ଚାୟତ ଠାରେ ବର୍ତନ ବ୍ୟାଙ୍କର ଶୁଭ ଉଦଘାଟନ ହୋଇଯାଇଛି । ନୂଆପଡା ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ରଇତ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତନ ବ୍ୟାଙ୍କର ଶୁଭ ଉଦଘାଟନ କରିଥିଲେ । ସୂଚନା ଥାଉକି ନୂଆପଡ଼ା ଜିଲ୍ଲାପାଳ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଜିଲା କରିବା ପାଇଁ ଘୋଷଣା କରିଛନ୍ତି । ଜିଲ୍ଲାର ପ୍ରତ୍ୟେକ ବ୍ୟକ୍ତି ନିଜର ବିବାହ, ବ୍ରତ, ଏକୋଇଶିଆ ଓ ବିଭିନ୍ନ ପର୍ବ ପର୍ବାଣୀ ଉତ୍ସବମାନଙ୍କରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନକରି ଷ୍ଟିଲ ଟ୍ରେ, ଗ୍ଲାସ ସବୁ ବ୍ୟବହାର କରିବା ପାଇଁ ସଚେତନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସିଡିଭିଓ ଡାକ୍ତର ସୁଖେନ୍ଦୁ ରାୟ, ଖଡିଆଳ ବିଡିଓ ମିଳନ କୁମାର ଝଙ୍କର, ଖଡିଆଳ ତହସିଲଦାର ନରସିଂହ ଗଦବା, ସିଏସଓ ତ୍ରିନାଥ ଭୋଇ, ଏବିଡିଓ ଖିତିଶୁତା ବାଗ, ଆରଡବ୍ଲୁଏସଏସର ବିପିନ ବିହାରୀ ଯୋଶୀ, ବରଗାଁ ପଞ୍ଚାୟତ ପିଇଓ ତପସ୍ୱିନି ଭୋଇ ତଥା ବରଗାଁ ପଞ୍ଚାୟତର ଶତାଧିକ ଲୋକେ ଉପସ୍ଥିତ ଥିଲେ ।

## ଜାତୀୟ ଯୁବ ଦିବସରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ହେବ 'ବନ୍ଦେ ମାତରମ୍' ସାମୂହିକ ଗାନ

# ସ୍ୱାଧୀନତା ଆନ୍ଦୋଳନର ସ୍ୱର ପାଲଟିଥିଲା 'ବନ୍ଦେ ମାତରମ୍': ସଂସ୍କୃତିମନ୍ତ୍ରୀ

**ଭୁବନେଶ୍ୱର(ଏନ୍.ଏମ୍.):** ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଜାନୁଆରୀ ୧୨ ତାରିଖରେ (ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳନ ଅବସରରେ) ଛାତ୍ରଛାତ୍ରୀମାନେ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ କରିବେ । ଏଥିସହ ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ 'ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ' ପାଠ କରାଯିବ । ଏଥି ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।



ଶିକ୍ଷାନୁଷ୍ଠାନମାନଙ୍କରେ ସାମୂହିକ ବନ୍ଦେ ମାତରମ୍ ଗାନ ନିମନ୍ତେ ରାଜ୍ୟବ୍ୟାପୀ 'ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ'ର ଆୟୋଜନ କରାଯାଉଛି । ରାଜ୍ୟର ସମସ୍ତ ଜିଲ୍ଲାକୁ ୫ଟି ମଣ୍ଡଳ - ଜୟପୁର ମଣ୍ଡଳ (କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି ଓ ନୂଆପଡ଼ା) ବ୍ରହ୍ମପୁର ମଣ୍ଡଳ (ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଏବଂ ନୟାଗଡ଼ ), ବାଲେଶ୍ୱର ମଣ୍ଡଳ (ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁର), ସମ୍ବଲପୁର ମଣ୍ଡଳ (ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେଓଗଡ଼, ବରଗଡ଼, ବଲାଙ୍ଗୀର ଓ ସୁବର୍ଣ୍ଣପୁର) ଏବଂ ଭୁବନେଶ୍ୱର ମଣ୍ଡଳ (ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଏବଂ ଅନୁଗୁଳ)ରେ ବିଭକ୍ତ କରାଯାଇ 'ମଣ୍ଡଳ ସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ'ର ଆୟୋଜନ କରାଯାଇଛି । ଗତ ୨୦୨୫ ମସିହା ଡିସେମ୍ବର ମାସ ୨୩, ୩୦ ଓ ୩୧ ତାରିଖରେ ଯଥାକ୍ରମେ ବ୍ରହ୍ମପୁର, ବାଲେଶ୍ୱର ଏବଂ ଜୟପୁର ମଣ୍ଡଳରେ ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପ୍ତ ହୋଇଥିବାବେଳେ ଜାନୁଆରୀ ୨ରେ ସମ୍ବଲପୁର ଓ ଜାନୁଆରୀ ୩ରେ ଭୁବନେଶ୍ୱର ମଣ୍ଡଳରେ ମଣ୍ଡଳସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପ୍ତ ହୋଇଛି । ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ 'ଆତ୍ମନିର୍ଭର ଭାରତ ଆମ୍ବାସଡ଼ର' ଭାବେ ଜଣେ ବିଦ୍ୟାର୍ଥୀଙ୍କୁ ମନୋନୀତ କରାଯିବ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ । ଏଥିସହ ଯୁଥ କ୍ଲବମାନଙ୍କରେ ମଧ 'ବନ୍ଦେ ମାତରମ୍' ଗାନ କରାଯିବ । ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଭୁବନେଶ୍ୱର ମଣ୍ଡଳ ସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ'ର ଆୟୋଜନ କରାଯାଇଥିଲା । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସୂରଜ ବନ୍ଦେ ମାତରମ୍‌ର ପୃଷ୍ଠଭୂମି ସମ୍ବନ୍ଧରେ ଆଲୋକପାତ କରିବା ସହ ଜାତୀୟ ଚେତନା ଏବଂ ଦେଶାତ୍ମବୋଧକ ଚିନ୍ତନରେ 'ବନ୍ଦେ ମାତରମ୍'ର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । 'ବନ୍ଦେ ମାତରମ୍' ସ୍ୱାଧୀନତା ଆନ୍ଦୋଳନର ସ୍ୱର ପାଲଟିଲା । ମା' ଭାରତୀର ଜୟଗାନ କରିବା ସହ ଆଜି ମଧ 'ବନ୍ଦେ ମାତରମ୍' ସମସ୍ତ ଦେଶବାସୀଙ୍କୁ ସାହସ ଓ ଶକ୍ତି ପ୍ରଦାନ କରିଥାଏ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡା. ବିଜୟ କେତନ ଉପାଧ୍ୟାୟ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ବିଶିଷ୍ଟ ସମାଜସେବୀ ଜଗଦୀଶ ପ୍ରସାଦ ଖାଡ଼ଙ୍ଗ, ସଙ୍ଗୀତଜ୍ଞ ରଜନୀ କାନ୍ତ ମହାପାତ୍ର, ଯାମିନୀକାନ୍ତ ମିଶ୍ର, ବନ୍ଦେ ମାତରମ୍ ମୁଖ୍ୟ ପ୍ରଶିକ୍ଷକ ନିରଞ୍ଜନ ପଣ୍ଡା, ଦୀପକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ବେଆଇନ ବ୍ଲାଷ୍ଟିଂ

# ମାଟି ଅତଡ଼ା ତଳୁ ମିଳିଲା ୪ ମୃତଦେହ

**ଭୁବନେଶ୍ୱର/ଢେଙ୍କାନାଳ (ଏନ୍.ଏମ୍.):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ତହସିଲ ବଦାଲୁ ନିକଟସ୍ଥ ଗୋପାଳପୁର ଠାରେ ଥିବା ପଥର ଖଣିରେ ଗତ ଶନିବାର ସନ୍ଧ୍ୟାରେ ଏକ ଭୟଙ୍କର ବିସ୍ଫୋରଣ ହୋଇଥିଲା । ରାତିରେ ଉଦ୍ଧାର କାର୍ଯ୍ୟ ହୋଇପାରି ନଥିଲା । ରବିବାର ସକାଳେ ମୋଟଙ୍ଗା ଥାନା ପୋଲିସ , ଓଡ଼ାପଡ଼ା ତହସିଲଦାର ଓ ଅଗ୍ନିଶମ ସଂସ୍ଥା ଓ ଓଡ୍ରାଫ୍ଟ ଦଳ ଜେସିବି ମେଶିନ ଓ ସନ୍ଧାନୀ କୁକୁର ଜରିଆରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଜିଲ୍ଲାପାଳ ଆଶିଷ ପାଟିଲ ଓ ଏସ୍‌ପି ଅଭିନବ ସୋନକର ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ।



ଓଡ଼ାପଡ଼ା ତହସିଲଦାରଙ୍କ ସମେତ ମୋଟଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନ୍ଧାରରେ ଛାନ୍‌ଭିନ କରୁଛି । ଭାଇବ୍ରେଟର ଲଗାଇ ବ୍ଲାଷ୍ଟିଂ କରାଯାଉଥିବା ବେଳେ ପଥର ଖଣିରେ ୬ ଶ୍ରମିକ କାମ କରୁଥିବା କୁହାଯାଉଛି । ସେମାନଙ୍କ ଉପରେ ମାଟି ଖସି ପଡ଼ିଥିବା ସନ୍ଦେହ କରାଯାଉଛି । ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

ଏ ସଂକ୍ରାନ୍ତରେ ଓଡ଼ାପଡ଼ା ତହସିଲଦାର ମନୋଜ ମାଝୀ କହିଛନ୍ତି, ଅତିରିକ୍ତ ତହସିଲଦାରଙ୍କ ସମେତ ମୋଟଙ୍ଗା ଥାନା ଅଧିକାରୀ ଦୀପକ ଲେଙ୍କା ଓ ପୋଲିସ ସମସ୍ତେ ମିଶି ଘଟଣାସ୍ଥଳ ନିକଟରେ ପହଞ୍ଚିବା ବେଳେ ରାତି ହୋଇଯାଇଥିବାରୁ ଅନ୍ଧାରରେ ମୋବାଇଲ ଲାଇଟ୍ ଲଗାଇ ତଦନ୍ତ କରିବା କଷ୍ଟକର ହୋଇ ପଡିଥିଲା । ତଥାପି ଯାଞ୍ଚ ଜାରି ରହିଛି । ରାତି ହୋଇଯିବାରୁ ଛାନଭିନରେ ସମସ୍ୟା ଉପୁଜିଛି । ବର୍ତ୍ତମାନ ସୁଦ୍ଧା ଘଟଣା ସମ୍ପର୍କରେ ତଥ୍ୟ ଅସ୍ପଷ୍ଟ ରହିଛି । କିଛି ଶ୍ରମିକ ମାଟିତଳେ ଫସି ରହିଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ସୂଚନାରୁ ମିଳୁଛି । ସ୍ଥାନୀୟ ଅଞ୍ଚଳରୁ ଖବର ପାଇବା ପରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ତୁରନ୍ତ ଏ ସମ୍ପର୍କରେ ତଦନ୍ତ କରିବା ପାଇଁ ଜିଲ୍ଲାପାଳ, ଏସ୍‌ପି ଓ ଉପଜିଲାପାଳଙ୍କୁ କହିଛନ୍ତି । ବିଜେପି ନେତା ରାମ ପାତ୍ର ସୋସିଆଲ ମିଡ଼ିଆରେ କହିଛନ୍ତି ଯେ ବେଆଇନ ବ୍ଲାଷ୍ଟିଂ ଦ୍ୱାରା ୫ ଜଣ ନିରୀହ ଲୋକଙ୍କୁ ହତ୍ୟା ଢେଙ୍କାନାଳ ପୋଲିସ ଖଣି ମାଲିକକୁ ଧରିବ ନା ନାହିଁ ଜଣାପଡିବ, ମାଲିକ ବିଜେଡି ଦଳର ଦାମୀକିଆ ନେତା । ଓଡ଼ିଶା ମାଇନିଂ ଅଫିସର ଢେଙ୍କାନାଳ ଜିଲା ପକ୍ଷରୁ ଗତ ୮.୯.୨୦୨୫ରେ ପତ୍ର ସଂଖ୍ୟା ନଂ୧୮୦୮ରେ ଖଣି ଅଧିକାରୀ ସମସ୍ତ କଳାପଥର ଓ ରୋଡ୍ ମେଟାଲ କ୍ୱାରି ଲିଜଧାରୀଙ୍କୁ ବ୍ଲାଷ୍ଟିଂ ଅନୁମତିପତ୍ର ଦାଖଲ କରି ନଥିଲେ ଖଣିରେ ପଥର ଖନନ କାର୍ଯ୍ୟ କରିପାରିବେ ନାହିଁ ବୋଲି ଚିଠି ମାଧମରେ ଜଣାଇଥିଲେ । ଏହି ପତ୍ରର ଏକକିତା ନକଲ ଜିଲାପାଳ ଏବଂ ବିଭିନ୍ନ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା । ତେବେ ଉକ୍ତ ପଥର ଖଣିରେ ବ୍ଲାଷ୍ଟିଂ ଅନୁମତିପତ୍ର ପ୍ରଦାନ କରାଯାଇ କାର୍ଯ୍ୟ କରାଯାଉଥିଲା କି ନାହିଁ ତାହା ତଦନ୍ତ ସାପେକ୍ଷ । ଜିଲ୍ଲାପାଳ ଆଶିଷ ପାଟିଲ ଓ ଏସ୍‌ପି ଅଭିନବ ସୋନକରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେବି ତାହା ସମ୍ଭବ ହୋଇ ପାରିନଥିଲା ।

# ତ୍ରିଧାରା ସାହିତ୍ୟ ସଂସଦର କବିତା ପାଠ

**ବ୍ରହ୍ମପୁର(ଏନ୍.ଏମ୍.) :** ତ୍ରିଧାରା ସାହିତ୍ୟ ସଂସଦ ବ୍ରହ୍ମପୁର ପକ୍ଷରୁ ଆୟୋଜିତ ମାସିକ ସାହିତ୍ୟ ଆସର କାର୍ଯ୍ୟକ୍ରମ ସ୍ଥାନୀୟ ଉତ୍କଳ ଆଶ୍ରମର ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖା ସଭାପତି ଡଃ ସୁବ୍ରତ କୁମାର ସାହୁ ଉଦଘାଟକ, ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ତଥା ପ୍ରାକ୍ତନ ଅଧକ୍ଷ ମୁଖ୍ୟ ଅତିଥି, ଅନୁଷ୍ଠାନ ର ସଭାପତି, ତଥା ପ୍ରାକ୍ତନ ଓଡ଼ିଆ ପ୍ରଧାପକ ଡକ୍ଟର ସୁରେନ୍ଦ୍ର ନାଥ ପାଣିଗ୍ରାହୀ ସଭାପତି, ସହ ସମ୍ପାଦିକା ଗାୟତ୍ରୀ ପାଣିଗ୍ରାହୀ, ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ମଞ୍ଚସୀନ ହୋଇଥିଲେ । ସଂସଦର ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ମଞ୍ଚ ସଞ୍ଚାଳନ କରିଥିଲେ । ସଂସଦର ସଭାପତି ଡକ୍ଟର ସୁରେନ୍ଦ୍ର ନାଥ ପାଣିଗ୍ରାହୀଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ସାହିତ୍ୟ ପାଇଁ ସମ୍ମାନିତ କରିଥିବା ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କଦ୍ୱାରା ଉପଢୌକନ ଓ ସ୍ମୃତି ଫଳକ ସଭାପତିଙ୍କୁ ପ୍ରଦାନ କରାଯାଇଥିଲା । ଆସରରେ ଉପସ୍ଥିତ ଥିବା ସମସ୍ତ ସ୍ରଷ୍ଟା ନିଜ ନିଜର ସ୍ମୃତି ଓ ଅନୁଭୂତି ସହିତ ତ୍ରିଧାରା ଅନୁଷ୍ଠାନ ସହିତ କିପରି ସଂପୃକ୍ତ ରହିଥିବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କବିତା ପାଠୋତ୍ସବରେ ସଂସଦର ସହ ସମ୍ପାଦିକା ଗାୟତ୍ରୀ ପାଣିଗ୍ରାହୀ କବିତା ସଂଯୋଜନା କରିଥିଲେ ।




ଅନୁଷ୍ଠାନର ଏହା ଥିଲା ୧୧୨ଶତ ଆସର ପାଳନ କରିଥିଲା ।ଏହି ଅନୁଷ୍ଠାନ ଦ୍ୱାରା ଜନ୍ମ ଜୟନ୍ତୀ, ଶ୍ରାଦ୍ଧ ଦିବସ, ବିଭିନ୍ନ ଦିବସ,ଶୋକସଭା ପାଳନ କରିବା ସହିତ ମାସିକ ଗଳ୍ପ ଖସଡ଼ା ଗୁଗଲ ମିଟ ମାଧମରେ ପାଳନକରି ଆସୁଛି । ଏଥିରେ ଡକ୍ଟର ଅଶୋକ କୁମାର ପଣ୍ଡା, ବିଜୟ ଚନ୍ଦ୍ର ମିଶ୍ର, ରୋହିତ କୁମାର ସେଠୀ, ଗାୟତ୍ରୀ ରଥ ଷଡ଼ଙ୍ଗୀ, ବସନ୍ତ ମିଶ୍ର, ବନ୍ଦନା ପଣ୍ଡା, ଭେଙ୍କଟ ବିହାରୀ ପ୍ରହରାଜ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ,ଗାୟତ୍ରୀ ଗୌଡ, ନିଜ ନିଜର ସ୍ମୃତି ଅନୁଭୂତିର କଥା ଉପସ୍ଥାପନା କରିଥିଲେ । କବିତା ପାଠୋତ୍ସବ ରେ ବସନ୍ତ ମିଶ୍ର, ଗାୟତ୍ରୀ ପାଣିଗ୍ରାହୀ, ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ, ଭେଙ୍କଟ ବିହାରୀ ପ୍ରହରାଜ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ରୋହିତ କୁମାର ସେଠୀ, ଗାୟତ୍ରୀ ପାଣିଗ୍ରାହୀ, କବିତା ପଠନ କରିଥିଲେ । ଶରତ କୁମାର ରଥ, ବିଘ୍ନେଶ୍ୱର ସାହୁ ସହଯୋଗ କରିଥିଲେ । ପରିଶେଷରେ ବନ୍ଦନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ବିଜେପି ଉପସଭାପତି ଭାବେ ମନ୍ମଥ ମନୋନୀତ

**ଯାଜପୁର(ଏନ୍.ଏମ୍.):** ଯାଜପୁର ଜିଲ୍ଲା ବିଜେପି ଉପ-ସଭାପତି ଭାବେ ମନ୍ମଥ ବରାଳ ମନୋନୀତ ହୋଇଥିବାରୁ ସେ ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ବିଜେପି ନେତା ଗୌତମ ରାୟ ଓ ଯାଜପୁର ସାଂସଦ ଡ.ରବୀନ୍ଦ୍ର ନାରାୟଣ ବେହେରାଙ୍କ ସହ ରାଜ୍ୟ ସଭାପତି ମନମୋହନ ସାମଲ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି । ମନ୍ମଥ ଯାଜପୁରରେ



ପ୍ରଥମେ ଜିଲ୍ଲା ପରିଷଦ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ରାଜନୈତିକ ଜୀବନ ଆରମ୍ଭ କରି ଆଜି ଜିଲ୍ଲା ଉପ ସଭାପତି ପଦ ଅଳଙ୍କୃତ କରିଛନ୍ତି ।

# ମାତା ସାବିତ୍ରୀ ବାଇ ଫୁଲେଙ୍କ ୧୯୫ତମ ଜୟନ୍ତୀ ଉତ୍ସବ ପାଳନ

**ଭବାନୀପାଟଣା(ଏନ୍.ଏମ୍.):** କୋକସରା ବ୍ଲକ କୁଲେରଗୁଡା ସୋରିପଡା ଠାରେ ମାତା ସାବିତ୍ରୀ ବାଇ ଫୁଲେ ସଂଗଠନ, ମୂଳନିବାସୀ ବହୁଜନ ମିଳିତ ମହାସଂଘ, ମହିଳା ଶାଖା ଓ କମ୍ୟୁନିଟି ସପୋର୍ଟ ଷ୍ଟାଫ କୋକସରା ବ୍ଲକ ତରଫରୁ ମାତା ସାବିତ୍ରୀ ବାଇ ଫୁଲେ ଙ୍କ ୧୯୫ ତମ ଜୟନ୍ତୀ ପାଳନ କରାଯାଇଛି । ମହିଳା ନେତ୍ରୀ ରମଣୀ ଦୁରିଆ ଙ୍କ ନେତୃତ୍ୱ ରେ ପରିଚାଳିତ ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମୁଖ୍ୟ ବକ୍ତା ଭାବେ- ଅବସର ପ୍ରାପ୍ତ ପ୍ରିନ୍ସପାଲ ଛବିଲାଲ ସାହୁ, ସମ୍ମାନିତ ଅତିଥି ଡା ବିବେକାନନ୍ଦ ମହାନନ୍ଦ, କୋକସରା ବ୍ଲକ ଉପାଧକ୍ଷ ରାଜୁ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, କୋକସରା ବ୍ଲକ



ପୂର୍ବତନ, ଅଧକ୍ଷ.- ସଭ୍ୟାରାଣୀ ବାଗ, ମହିଳା ମୋର୍ଚ୍ଚା ଜାତୀୟ ସଭାନେତ୍ରୀ - କମଳିନୀ ଯାଦବ, ସରପଞ୍ଚ ଜୟଲାଲ ନାଗ, ସମିତି ସଭ୍ୟ - ରାଜୀବ ଖମାରୀ, ବାମସେଫର କର୍ମକର୍ତା ଡମ୍ବରୁଧର ମାଝୀ, ଧୀମାନ ଶଶୀଭୂଷଣ ମଙ୍ଗରାଜ, ଲବ କରୁଆଁ, ମହେନ୍ଦ୍ର ଧଙ୍ଗଡ଼ାମାଝୀ, ମୂଳନିବାସୀ ମହିଳା ସଂଗଠନର, ସ୍ନେହଲତା ଦୁର୍ଗା, ଇନ୍ଦୁରେଖା ବାଗ, ଯଶୋଦା ରାଉତ, ନିର ନାଏକ, ବନିତା ନାଏକ, ରିଙ୍କି ଆଚରି, ସରିତା ଗୋପାଳ, କୁଳି ସେଠିଆ, ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କୋକସରା କଲେଜ ପୂର୍ବତନ ଅଧକ୍ଷ ଗୋବର୍ଦ୍ଧନ ବାଗ, ରଘୁନାଥ ଖମାରୀ, ଲାଲୁ ମେହେର, ହେଜମନ ନିଆଲ, ନିଆଲ, ଅଭିମନ୍ୟୁ ବାଗ, ଭୁଜବଳ ସୋରି, ପ୍ରଧାନୀ ବାଗ, କେଶବ ମାଝୀ, ରମେଶ ମେହେର, ଦିଗାମ୍ବର ଦୁରିଆ, ଜଗନ୍ନାଥ ନାଏକ, କିଶୋର ପଟେଲ ଆଦି ଯୋଗ ଦେଇଥିଲେ । ଆଲୋଚକମାନେ ମାତା ସାବିତ୍ରୀ ବାଇ ଫୁଲେଙ୍କ ଜୀବନ ସଂଘର୍ଷ ବିଷୟରେ ଅବଗତ କରିବା ସହିତ ଭାରତ ବର୍ଷ ରେ ମହିଳା ମାନଂକୁ ଶିକ୍ଷା ଦେବାପାଇଁ ୧୮ଟି ମହିଳା ସ୍କୁଲ ଖୋଲି ଶିକ୍ଷା ଦେଇଥିଲେ ବୋଲି ଆଜି ମହିଳା ମାନେ ଶିକ୍ଷା ର ଅଧିକାର ପାଇଛନ୍ତି । ତେଣୁ ତାଙ୍କର ଜୀବନୀ ଅଧ୍ୟୟନ କରିବାର ଆବଶ୍ୟକତା ଅଛି ବୋଲି ଆଲୋଚନା ହୋଇଥିଲେ । ଖୁଣ୍ଡିଆ ଗ୍ରାମର ଶିଶୁ କଳାକାର ମାନଙ୍କ ଦ୍ୱାରା ଫୁଲେଙ୍କ ଜୀବନୀ ଉପରେ ଆଧାରିତ ନୃତ୍ୟ ପରିବେଷଣ କରିଥିଲେ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## କାର୍ଯ୍ୟକାରୀ ହେବ ମୁଖ୍ୟମନ୍ତ୍ରୀଙ୍କ ...

ସମ୍ମିଳନୀରେ ଆଲୋଚନାରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିବା ପ୍ରସଙ୍ଗ ଉପରେ ମୁଖ୍ୟଶାସନସଚିବ ଶ୍ରୀମତୀ ଗର୍ଗ ଉପସ୍ଥିତ ବିଭିନ୍ନ ବିଭାଗର ସଚିବମାନଙ୍କ ସହିତ ଆଲୋଚନା କରି ସେସବୁର ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁପରାମର୍ଶଦେଇଛନ୍ତି । ତାମଧ୍ୟରେ ରାଜ୍ୟରେ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ଗୋଟିଏ ଗୋଟିଏ ଖୁସିର କେନ୍ଦ୍ରଭାବେ ବିକଶିତ କରିବା ପାଇଁ ସେସଂପର୍କରେ ଆଲୋଚନା କରାଯାଇଥିଲା । ରାଜ୍ୟସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହିତ ସଂପୃକ୍ତ ବିଭାଗ ସମନ୍ୱୟରେ ଭିତ୍ତିଭୂମିଓ ଆନୁଷଙ୍ଗିକ ସୁବିଧା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତୀୟ ମହିଳାଦିବସ ସୁଦ୍ଧା ସବୁ ଅଙ୍ଗନବାଡିରେ ଶୌଚାଳୟ ସୁବିଧା ସହିତ ସେଗୁଡିକର ରକ୍ଷଣାବେକ୍ଷଣ ପାଇଁ ବୈଠକରେ ଗୁରୁତ୍ୱଦିଆ ଯାଇଥିଲା । ରାଜ୍ୟ ଓ ଦେଶର ବିକାଶ ନିମନ୍ତେ ଗୁଣାତ୍ମକ ଶିକ୍ଷା, ଗବେଷଣା, ଶିକ୍ଷାନୁଷ୍ଠାନ ଗୁଡିକରେ ଦକ୍ଷତା ବିକାଶକାର୍ଯ୍ୟକ୍ରମ, ନିଯୁକ୍ତିଭିତ୍ତିକ ପାଠ୍ୟକ୍ରମ, ସଂପର୍କରେ ପଦକ୍ଷେପ ନିଆଯିବାକୁ ଆଲୋଚନା କରାଯାଇଥିଲା । ଶ୍ରମରମୂଲ୍ୟ ବୁଝିବାଏବଂ ଶିଳ୍ପକ୍ଷେତ୍ରରେ ଆବଶ୍ୟକତା ପୂରଣପାଇଁ ବହୁବିଧ କ୍ଷେତ୍ର, ଡିଜିଟାଲ ଦକ୍ଷତା ଆଦି କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଇ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତିକୁ ଅଗ୍ରାଧିକାର ଦିଆଯିବା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଶ୍ରେଣୀରେ ପାଠପଢ଼ା ସହିତ କ୍ରୀଡା ଓ ସହ-ପାଠ୍ୟକ୍ରମକୁ ଗୁରୁତ୍ୱ, ରାଜ୍ୟରେ ଉଚ୍ଚଗୁଣାତ୍ମକମାନର ପର୍ଯ୍ୟଟନ ଅନୁଭୂତି ସୃଷ୍ଟିପାଇଁ ଭିତ୍ତିଭୂମିରେ ଉନ୍ନତି, ସବୁବର୍ଗର ପର୍ଯ୍ୟଟକଙ୍କ ପାଇଁ ଆନୁଷଙ୍ଗିକ ସୁବିଧା କରାଯିବା, ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ଉତ୍ପାଦକୁ ଗୁରୁତ୍ୱ ଦେବା, ଭଳି ସବୁ ବିଭାଗରେ ପାରଦର୍ଶିତା ଆଣିବାକୁ ସୁଚିନ୍ତିତ ପରାମର୍ଶ ଦେଇଥିଲେ । ପ୍ରତିବିଭାଗର ଆଭିମୁଖ୍ୟ ଯେପରି ଜାତୀୟ ଆଭିମୁଖ୍ୟ ସହିତ ସଂଯୋଜିତ ହେବ ଏବଂ ମୂଲ୍ୟଯୁକ୍ତକୃଷି ଉତ୍ପାଦନ ସହ ବିଶ୍ୱରେ ଭାରତ ଓ ତହିଁରେ ଓଡ଼ିଶାର ଯୋଗଦାନର ମହତ୍ୱ ସଂପର୍କରେ ଗୁରୁତ୍ୱ ଦେଇ ତଦନୁରୂପେ ରଣନୀତି ପ୍ରଣୟନ ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସବିବ, ପ୍ରମୁଖ ଶାସନ ସଚିବ, ମୁଖ୍ୟ ମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ, ଅନ୍ୟ ସମସ୍ତ ବିଭାଗର କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ । ବିଭାଗୀୟ ଶାସନ ସଚିବମାନଙ୍କର କ୍ଷେତ୍ରୀୟ କାର୍ଯ୍ୟକ୍ରମ ପରିଚାଳନା ଓ ସରକାରଙ୍କ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ରହିଥିବା ମହତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ ଯୋଗଦାନ ରହିଥିବା ଉଲ୍ଲେଖ କରିବା ସହ ସମସ୍ତଙ୍କୁ ସାଥିରେ ନେଇ ଏକ ଟିମ ଭାବେ କାର୍ଯ୍ୟ କରି ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ସାଧନ ପାଇଁ ସମ୍ମିଳିତ ପ୍ରୟାସ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ଚେନାବ ନଦୀରେ ନିର୍ମାଣ ହେବ ...

ଉପତ୍ୟାକା ପୂର୍ବରୁ ପଶ୍ଚିମ ହିମାଳୟ କ୍ଷେତ୍ରରେ ସବୁଠୁ ଅଧିକ ବିକଶିତ ହାଇଡ୍ରୋ ପାୱାର କ୍ଷେତ୍ର । ତେବେ ନଦୀରେ ଡ୍ୟାମ ଅଥବା ରନ-ଅଫ-ଦି ରିଭର ପ୍ରୋଜେକ୍ଟ ନଦୀର ଇକୋ ସିଷ୍ଟମ ଉପରେ ନକରାତ୍ମକ ପ୍ରଭାବ ପକାଇବ ବୋଲି ପରିବେଶବିଦ୍ ମାନେ ପୂର୍ବରୁ ସତର୍କ କରିଛନ୍ତି । ଗ୍ଲାସିୟର ଓ ତାପମାତ୍ରାରେ ଦ୍ରୁତ ପରିବର୍ତ୍ତନ ହେଉଛି ତେବେ ଇଏସି ନଦୀ ସଂରକ୍ଷଣ ଯୋଜନା କାର୍ଯ୍ୟକାରୀ କରିବାକୁ ସର୍ତ୍ତ ରଖିଛନ୍ତି । ଯାହାଦ୍ୱାରା ପ୍ରକଳ୍ପର ପ୍ରଭାବକୁ କମ କରାଯାଇ ପାରିବ ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜାନକୀଙ୍କ ପ୍ରଶଂସାରେ ଶତମୁଖ ହେବା ସହ ତାଙ୍କ ସହିତ କାମ କରିବାର ସୌଭାଗ୍ୟ ମୋ ପାଇଁ ବଡ଼ ଅନୁଭୂତି ବୋଲି କହିଥିଲେ । ୮୦ ଦଶକର ଓଡ଼ିଶା ବିକାଶରେ ଜୀବନ ଭରିଥିଲା ଜାନକୀଙ୍କ ଅପୂର୍ବ ଦକ୍ଷତା । ତାଙ୍କ ରାଜନୈତିକ ଯାତ୍ରା, ରାଜ୍ୟକୁ ଦେଇଥିଲା ନିର୍ଣ୍ଣାୟକ ଦିଶା । ଓଡ଼ିଶାବାସୀଙ୍କ ଉନ୍ନତିରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ ବୋଲି କହିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ହଜାରେ ଦିନ ଓ ହଜାରେ ଶିଳ୍ପର ଆହ୍ୱାନ ହେଉ ଅବା କୃଷିକୁ ଶିଳ୍ପର ମାନ୍ୟତା । ଏଥିସହ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ । ଏଭଳି ଅନେକ ବୈପ୍ଳବିକ ଅଧ୍ୟାୟର ଜନକ, ଜାନକୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଆଜି ବି କିଭଳି ପ୍ରାସଙ୍ଗିକ, ତା ଉପରେ ଆଲୋକପାତ କରିଥିଲେ ସମସ୍ତେ । ଜାନକୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜିଠୁ ଆସନ୍ତାବର୍ଷ ଜାନୁଆରି ୩ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବ ବିଭିନ୍ନ କାର୍ଯ୍ୟକ୍ରମ ।

## ପାଣ୍ଡିଆନଙ୍କ ବିରୁଦ୍ଧରେ ...

ଦେଇଥିଲେ ବୋଲି ସ୍ୱୀକାର କରିଛନ୍ତି । ମୋହନ ସରକାର ଏହି କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଇ ପରୋକ୍ଷରେ ତତକାଳୀନ ସୁପର ସିଏମ୍ ପାଣ୍ଡିଆନଙ୍କୁ ଏଭଳି ବେଆଇନ କାର୍ଯ୍ୟରେ କେଉଁମାନେ ସହଯୋଗ କରୁଥିଲେ ତାକୁ ତଦନ୍ତ ପରିସରଭୁକ୍ତ କରିବାକୁ ଚାହୁଁଥିବା ଜଣାପଡ଼ିଛି । ମୋହନ ସରକାର ୨୦୨୪ ଜୁନ ମାସରେ କ୍ଷମତାସୀନ ହେବାପରେ ପାଣ୍ଡିଆନଙ୍କ ବିରୁଦ୍ଧରେ ଏହା ପ୍ରଥମ ଆକ୍ସନ । ତେବେ ଏହା କେବଳ ତଦନ୍ତ ଭିତରେ ସୀମିତ ରହୁଛି ନା ବାସ୍ତବରେ କିଛି କାର୍ଯ୍ୟାନୁଷ୍ଠାନ ହେବ ତାହା ଉପରେ ସମସ୍ତଙ୍କ ନଜର । ଠିକ୍ ସେହିପରି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଗଣମାଧ୍ୟମକୁ କହିଛନ୍ତି ଏହା ଏକ ଅକ୍ରୋଶ ମୂଳକ ତଦନ୍ତ ଏଥିରେ ସତ୍ୟତା ନାହିଁ । ଯଦି ସତ୍ସାହାସ ଅଛି ସିବିଆଇ ତଦନ୍ତ କର ।

## ବାହାରିବ ୧୪ ଓଏଏସ୍, ୧୧୩ ଓଆରଏସ୍ ...

ସୁପାରିସ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ପୂରଣ ହେବ ଓଏଏସ୍‌ରେ ୧୪, ଓଡିଶା ରାଜସ୍ୱ ସେବା-ଓଆରଏସ୍‌ରେ ୧୧୩ ପଦ । ଓଡିଶା ପରିବହନ ସେବା-ଓଟିଏସ୍‌ରେ ୧୬ଟି ପଦ ପୂରଣ ହେବ । ଓଡିଶା ମଙ୍ଗଳ ସେବା-ଓଡବ୍ଲୁଏସ୍‌ରେ ୮ଟି ପଦବୀ ପୂରଣ ହେବ । ପୂର୍ବରୁ ଓପିଏସ୍ ବିଜ୍ଞପ୍ତିରେ ଏହି ସବୁ ପଦବୀ ପାଇଁ ଉଲ୍ଲେଖ ନଥିଲା । ଆଶାୟୀ ପ୍ରାର୍ଥୀମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଅସନ୍ତୋଷ ପରେ ହସ୍ତକ୍ଷେପ କଲେ ମୁଖ୍ୟମନ୍ତ୍ରୀ । ୧୫୧ଟି ପଦବୀ ପୂରଣ ପାଇଁ ଓପିଏସକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ । ଓସିଏସ୍ ବିଜ୍ଞପ୍ତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ । ବାହାରିବ ଓଏଏସ୍, ଓଆରଏସ୍ ପଦବୀ । ପୂର୍ବ ବିଜ୍ଞପ୍ତିରେ ପଦବୀ ନଥିବା ଖବର ପ୍ରସାରଣ ହୋଇଥିଲା । କନକ ନ୍ୟୁଜରେ ଖବର ପ୍ରସାରଣ ପରେ ହସ୍ତକ୍ଷେପ କରିଛନ୍ତି ମୁଖ୍ୟମନ୍ତ୍ରୀ । ୧୫୧ଟି ଅଧିକ ପଦବୀ ପୂରଣ ପାଇଁ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିଜ୍ଞପ୍ତୀରେ ପଦବୀ ନଥିବାରୁ ଅସନ୍ତୋଷ ଦେଖାଦେଇଥିଲା । ଓଡ଼ିଶା ପ୍ରଶାସନିକ ସେବା-ଓଏଏସ୍‌ରେ ୧୪, ଓଡିଶା ରାଜସ୍ୱ ସେବା-ଓଆରଏସ୍‌ରେ ୧୧୩, ଓଡିଶା ପରିବହନ ସେବା-ଓଟିଏସ୍‌ରେ ୧୬ ଏବଂ ଓଡ଼ିଶା ମଙ୍ଗଳ ସେବା-ଓଡବ୍ଲୁଏସ୍‌ରେ ୮ଟି ପଦବୀ ପୂରଣ ହେବ ।

# ମାଥିଲି ବନାଞ୍ଚଳକୁ -ସବୁଜ ସୁନ୍ଦର ଓ ପର୍ଯ୍ୟଟନ ସ୍ଥଳୀଗୁଡିକୁ ପ୍ଲାଷ୍ଟିକମୁକ୍ତ କରିବା ଲକ୍ଷ୍ୟ

**ମାଲକାନଗିରି(ଏନ୍.ଏମ୍.):** ପର୍ଯ୍ୟଟନ କ୍ଷେତ୍ର, ଜଳ ପ୍ରପାତ, ବଣ ଭୋଜି ଏବଂ ବନ ସୁରକ୍ଷା ସମିତି ଅଞ୍ଚଳରେ ପ୍ଲାଷ୍ଟିକ୍ ପ୍ରଦୂଷଣ ବିଷୟରେ ସାମାଜିକ ସଚେତନତା ସୃଷ୍ଟି କରିବା ପାଇଁ ମାଥିଲି ବନ ବିଭାଗ ଏକ ସାପ୍ତାହିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଆଜି, ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କ ନେତୃତ୍ୱରେ, ଏକାଗୁଡି ଏବଂ ଗୁମ୍ମା ଝରଣ ଜଳପ୍ରପାତ ପିକନିକ୍ ସ୍ପଟ୍ ଅଞ୍ଚଳ ରେ ଏକ 'ସିଙ୍ଗଲ ୟୁଜ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ' ସଚେତନତା ରାଲି ଏବଂ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଯାହାର ଉଦ୍ଦେଶ୍ୟ



ଥିଲା ଅ-ଜୈବ ତଥା ପ୍ଲାଷ୍ଟିକ ଅପଚୟକାରୀ ଅଳିଆ ଦ୍ୱାରା ହେଉଥିବା ଗମ୍ଭୀର ପରିବେଶ କ୍ଷତିକୁ ଜନସାଧାରଣ ଙ୍କୁ ଅବଗତ କରିବା । ସହଯୋଗୀ ସ୍ୱେଚ୍ଛାସେବୀ ସଂଗଠନ ସୃଷ୍ଟି ର କର୍ମୀମାନେ ବୁଝାଇଥିଲେ ଯେ ପ୍ଲାଷ୍ଟିକ୍ ଶହ ଶହ ବର୍ଷ ପର୍ଯ୍ୟନ୍ତ ପରିବେଶରେ ରହିପାରେ, ବନ୍ୟପ୍ରାଣୀଙ୍କୁ କ୍ଷତି ପହଞ୍ଚାଇପାରେ ଏବଂ ଆମର ଜଳ ଏବଂ ମାଟିକୁ ପ୍ରଦୂଷିତ କରିପାରେ । ଲୋକଙ୍କୁ ପ୍ଲାଷ୍ଟିକ୍ ବ୍ୟାଗ ବ୍ୟବହାର ନକରି କପଡ଼ା ବ୍ୟାଗ କିମ୍ବା ପୁନଃ ବ୍ୟବହାର ଯୋଗ୍ୟ ପାଣି ବୋତଲ ବ୍ୟବହାର କରିବାକୁ ସଚେତନ କରାଯାଇଥିଲା । ଭବିଷ୍ୟତ ପିଢ଼ି ପାଇଁ ପରିବେଶକୁ ସୁରକ୍ଷା ଦେବା ଅନୁରୋଧ । 'ପରିବେଶ ପ୍ରତି ଅନୁକୂଳ ହୁଅ, ପ୍ଲାଷ୍ଟିକ୍ ପ୍ରତ୍ୟାଖ୍ୟାନ କର!' ଏହି ଅଭିଯାନ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ଲାଷ୍ଟିକ୍ ମୁକ୍ତ ଜୀବନଶୈଳୀ ପ୍ରତି ବ୍ୟକ୍ତିଗତ ପ୍ରତିବଦ୍ଧତା ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା । ବନପାଳ, ବନ ରକ୍ଷ, ପିଏନଜିଓ ସୃଷ୍ଟି ଦଳର ସଦସ୍ୟ, ପାରା ଷ୍ଟାଫ, ନିକଟସ୍ଥ ଗ୍ରାମବାସୀ ଏବଂ ଭିଏସଏସ ସଦସ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ଆଗାମୀ ଦିନରେ, ମାଥିଲି ରେଞ୍ଜ ଅନ୍ତର୍ଗତ ବିଭିନ୍ନ ପିକନିକ୍ ସ୍ପଟ୍‌ରେ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଓ ସଚେତନତା ଜାରି ରଖିବେ ବୋଲି ବନ ଅଧିକାରୀ ବାସୁଦେବ ନାୟକ ସୂଚନା ଦେଇଛନ୍ତି ।

# ଡାଲଖାଇ ତାଲେ ତାଲେ ପଏଁରୀ ତିହାର ଉଦ୍‌ଯାପିତ

**ସୁବର୍ଣ୍ଣପୁର(ଏନ୍.ଏମ୍.) :** ପଏଁରୀ ଅନୁଷ୍ଠାନ ଦ୍ୱାରା ଆୟୋଜିତ ପଏଁରୀ ତିହାର ୨୦୨୬ ଡାଲଖାଇ ନାଚ ଗୀତର ତାଲେ ତାଲେ ଗତ ବିଳମ୍ବିତ ରାତିରେ ଉଦଯାପିତ ହୋଇଯାଇଛି । ଶେଷ ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପଏଁରୀ ଅନୁଷ୍ଠାନ ଦ୍ୱାରା ପରିବେଷିତ ଚପ୍ କରାଟି , ବଜନିଆ ସ୍ୱୟମ ଏକାଡେମୀ ସମ୍ବଲପୁର ର ଲୋକ ନାଚଗୀତ ରେ ଢେର ରାତି ଯାଏ ଦର୍ଶକ ଉପଭୋଗ କରିଥିଲେ । ତିନିଦିନ ବ୍ୟାପି ଏହି ତିହାରକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ସଂଗୀତ ନାଟକ ଏକାଡେମୀ ନୂଆଁଦିଲ୍ଲୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ସଂସ୍କୃତି ପରିଷଦଙ୍କ ସହଯୋଗ ରେ ଆୟୋଜିତ ହେଉଥିବା ପଏଁରୀ ଚଳିତ ବର୍ଷ ମା ସୁରେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ହେଉଛି । ଉଦଯାପନୀ ସଂଧ୍ୟାର କାର୍ଯ୍ୟକ୍ରମ ସଭାପତି ଲଡୁ କିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାକାର୍ଯ୍ୟରେ ଅତିଥି ସମୂହ ପ୍ରଥମେ ମା ସୁରେଶ୍ୱରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଡ.ନୃପରାଜ ସାହୁ, ବରେଣ୍ୟ ଅତିଥି ଭାବରେ ଓଡିଶା ସରକାରଙ୍କ ପୂର୍ବତନ ସଚିବ ବିଶ୍ୱନାଥ ବାରିକ ଓ ସମ୍ମାନିତ ଅତିଥି ଭାବରେ ସୋନପୁର ଉପଜିଲ୍ଲାପାଳ ଡ.ସୌମ୍ୟରୁପା ରଥ, ଶ୍ରୀହରି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଚେୟାରମେନ ଡ. ରାଜେଶ କୁମାର ମେହେର, ଡ.ଆର୍ତ୍ତତ୍ରାଣ ବାବୁ, ଅଭିମନ୍ୟୁ କୁଶଳ, ଶ୍ରୀବତ୍ସ ମଲ୍ଲିକ, ଦିନର ବାରିକ ପ୍ରମୁଖ ଯୋଗ ଦେଇ ଜିଲ୍ଲାର ର କଳା ସଂସ୍କୃତି ଅନନ୍ୟ ବୋଲି ମତବ୍ୟକ୍ତ କରି ନିରବଚ୍ଛିନ୍ନ ଭାବରେ ପଏଁରୀ ଅନୁଷ୍ଠାନ ତା'ର ଏହି ବିଜୟଡାଲଖାଇ ଚପ୍ , କରାଟି ଗୀତ ନାଚର ତାଲେ ତାଲେ ଉଦ୍‌ଯାପିତ ହେଲା ପଏଁରୀ ତିହାର ।




# ସୁବର୍ଣ୍ଣପୁରରେ ଅଷ୍ଟାଦଶ ମହୁରି ମହୋତ୍ସବ




**ସୁବର୍ଣ୍ଣପୁର(ଏନ୍.ଏମ୍.) :** ମଣିଷ ମନର ଆବେଗକୁ ପରିପ୍ରକାଶ କରିବା ପାଇଁ ସାହିତ୍ୟ ହିଁ ଏକମାତ୍ର ଉପଯୁକ୍ତ ମାଧ୍ୟମ । ସାହିତ୍ୟ ସାଧନା ସୁଖ, ଦୁଃଖ, ଅଭାବ ଓ ଅସୁବିଧା ଦେଖେ ନାହିଁ । ସେହିପରି ସାହିତ୍ୟରେ ଶବ୍ଦ, ଛନ୍ଦ, ଅଳଙ୍କାର ଅପେକ୍ଷା ଭାବ ହିଁ ମୁଖ୍ୟ ଉପଜୀବ୍ୟ ହୋଇଥାଏ । ଜୀବନକୁ ଛୁଇଁ ଛୁଇଁ ଯାଉଥିବା ପ୍ରସଙ୍ଗ ସବୁକୁ ନିଜର ପ୍ରତିଟି ପୃଷ୍ଠାରେ ତୋଳି ଧରି ମହୁରି ଆଜି ସାହିତ୍ୟ ଜଗତରେ ଏକ ଭିନ୍ନ ପରିଚୟ ତିଆରି କରିଛି । କବି, ଲେଖକ, ସାହିତ୍ୟିକ ସମସ୍ତଙ୍କୁ ନିଜର କରି ପାରୁଥିବା ମହୁରି ପତ୍ରିକା ସତରେ ସାହିତ୍ୟ ଜଗତରେ ଅନବଦ୍ୟ ଓ ଅନନ୍ୟ ବୋଲି ଆଜି ସୁବର୍ଣ୍ଣପୁର ସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଅଷ୍ଟାଦଶ ମହୁରୀ ମହୋତ୍ସବ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । କଳାହାଣ୍ଡି କବିତା ଆନ୍ଦୋଳନର ଶାଶ୍ୱତ ସ୍ୱନ୍ଦନ ମହୁରି ସାହିତ୍ୟ ପତ୍ରିକା ପକ୍ଷରୁ ଏହାର ଅଷ୍ଟାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହୁରୀର ମୁଖ୍ୟ ସଂପାଦକ ଡ. ଭବାନୀଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଲେଖକ ପ୍ରଫେସର ନାରାୟଣ ପଣ୍ଡା ଯୋଗ ଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଗାଳ୍ପିକ ତଥା ଜିଲ୍ଲାପାଳ ଡ. ନୃପରାଜ ସାହୁ, କବି ଡ. ପ୍ରୀତିଧାରା ସାମଲ ମଞ୍ଚାସୀନ ଥିଲେ । ମହୁରିର ସମ୍ପାଦକ ତଥା ଗାଳ୍ପିକ ସୁକାନ୍ତ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସୁଶୀଲ କୁମାର ସଭା ପରିଚାଳନା କରିଥିଲେ । ଏହି ଅବସରରେ ଡ. ପ୍ରୀତିଧାରା ସାମଲଙ୍କୁ ମହୁରି ସମ୍ମାନ-୨୦୨୪ ଓ ଡ. ନୃପରାଜ ସାହୁଙ୍କୁ ମହୁରି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ହୋଇଥିଲା ରାଜ୍ୟସ୍ତରୀୟ କବିତା ପାଠୋତ୍ସବ । ମହାନଦୀ ସାହିତ୍ୟ ସଂସଦର ସଭାପତି ଡ. ସୌରଭ ରଞ୍ଜନ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର, ଉଲୁଣ୍ଡାସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ, ଶିକ୍ଷାବିତ ତଥା ଗବେଷକ ଡ. ଅନିରୁଦ୍ଧ କୁରକୁରିଆ, ଅଧ୍ୟାପିକା ଡ. ଇତିଶ୍ରୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । କବି ଲକ୍ଷ୍ମୀ ନାରାୟଣ ସାହୁ, ରଞ୍ଜିତା ପଣ୍ଡା କବିତା ପାଠ ଉତ୍ସବର ସଂଯୋଜନା କରିଥିଲେ । ଏହି ଅବସରରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ୩୦ରୁ ଉର୍ଦ୍ଧ୍ୱ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଆଞ୍ଜେଲିନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ଡ. ସୌମ୍ୟାରୂପା ରଥ, ଜିଲ୍ଲା ପଞ୍ଚାୟତ ତଥା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ସହକାରୀ ଜିଲ୍ଲାପାଳ ସତ୍ୟବ୍ରତ ସାହୁଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ । ଏଥିରେ ବହୁସଂଖ୍ୟକ କବି ଓ ଲେଖକ ତଥା ସାହିତ୍ୟପ୍ରେମୀ ଜନସାଧାରଣ ସାମିଲ ହୋଇଥିଲେ । ଏହି ଉତ୍ସବରେ ସହରର ବୁଦ୍ଧିଜୀବୀ ବୃନ୍ଦ, ବରିଷ୍ଠ ନାଗରିକ ବୃନ୍ଦ, ସ୍ୱଚ୍ଛ ଭାରତ ସଂଗଠନ, ମନମୁଣ୍ଡା , ସୋନପୁର ସହରର ବିଭିନ୍ନ ସଙ୍ଗଠନ ଗୁଡିକର ପ୍ରତିନିଧି ମାନଙ୍କ ସହିତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ସେହିପରି ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ(ଏନ୍.ଏମ୍.):** ବାରଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୫୯ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୫୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ଗୋଟିଏ ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୨୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଉପାୟୁକ୍ତ ପୁଲିସ୍ କମିଶନରେଟ୍, ଭୁବନେଶ୍ୱର-କଟକ ଖିଲାରୀ ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଭଲ ବ୍ୟବସାୟ ରାଜନୀତି

# ଓଡ଼ିଶାରେ ନୂଆ ଆଞ୍ଚଳିକ ଦଳର ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ

**ଭୁବନେଶ୍ୱର(ଏନ୍.ଏମ୍.) :** ପାନ ଗୁଆ ଖଇର ଗୁଆକାତି, ଭଲ ବ୍ୟବସାୟ ରାଜନୀତି । ଏହା ଏକ ପୁରୁଣା ଚଳଚ୍ଚିତ୍ରର ଗୀତ ହୋଇଥିଲେ ବି ଏହାର ସତ୍ୟତା ରହିଛି । ପାଞ୍ଚ ବର୍ଷ ରାଜନୀତି ଦପ୍ତରରେ ଯେଉଁମାନେ ରହୁଛନ୍ତି ତାଙ୍କର ସପ୍ତପୁରୁଷ ଉଧାର ହେଲାଭଳି ଧନର କୁବେର ପାଲଟି ଯାଉଛନ୍ତି । ଜଣେ ଜୀବନକାଳ ଭିତରେ ଚାକିରୀ ହେଉ କିମ୍ବା ବ୍ୟବସାୟ ହେଉ ସେହି ସ୍ତରରେ ପହଞ୍ଚିପାରୁନାହିଁ । ଏବେ ଦେଖିବାକୁ ମିଳୁଛି ଡାକ୍ତର, ଆଇଏଏସ୍, ଏବଂ ଓଏଏସ୍ ଭଳି ଚାକିରିକୁ ପଛରେ ପକାଇ ରାଜନୀତି ମୁହାଁ ହେଉଛନ୍ତି ସରକାରୀ ଅଧିକାରୀ । କି ନିଶା ଘାରିଛି ସେମାନଙ୍କୁ, ଆମେ ହୁଏତ ସବୁକଥା ଲେଖିପାରୁ ନାହୁଁ, କାରଣ ରାଜନୀତିରେ ପାୱାର କରିଡର ସହ ଲାଞ୍ଚ, ଖଚ, ମିଛ ବ୍ୟାପାର ଚାଲିଥିଲେ ବି ଏସବୁ କଳା ନୁହେଁ ଧଳାର ପରିଚୟ ଦେଉଛି । ଓଡ଼ିଶାରୁ ଗୋଟିଏ ଆଞ୍ଚଳିକ ଦଳରୁ ଲୋକ ମୁହଁ ଫେରାଇଥିବା ବେଳେ ପୁଣି ଏକ ଆଞ୍ଚଳିକ ଦଳ ସୃଷ୍ଟି ହେବାକୁ ଯାଉଛି । ନୂଆ ଆଞ୍ଚଳିକ ଦଳ ଗଠନ ନେଇ ଇଂ. ମହମ୍ମଦ ମୋକିମଙ୍କ ଇସାରାରେ ଓଡ଼ିଶା ରାଜନୀତିରେ ସୃଷ୍ଟି ହୋଇଛି କମ୍ପନ । ଯୁବ ନେତୃତ୍ୱଙ୍କୁ ନେଇ ନୂଆ ଦଳର ଭବିଷ୍ୟତର ନକ୍ସା ଆଙ୍କିଛନ୍ତି ମୋକିମ । ପ୍ରଚ୍ଛଦପଟରେ ରହିଛନ୍ତି ଅନେକ ବଡ଼ ଚେହେରା । ହେଲେ ନୂଆ ଆଞ୍ଚଳିକ ଦଳ ହେଲେ ପୁରୁଣା ଦଳ କିଏ ଛାଡିବେ ତାହାକୁ ନେଇ ୩ପ୍ରମୁଖ ଦଳ ମଧ୍ୟରେ ସନ୍ଦେହର ବାତାବରଣ । ନୂଆବର୍ଷ ଆରମ୍ଭରୁ ଓଡ଼ିଶା ରାଜନୀତିରେ ହଲଚଲ ଆରମ୍ଭ ହୋଇଛି । ଗତ କିଛି ଦିନ ହେବ କଂଗ୍ରେସରୁ ବହିଷ୍କୃତ ନେତା ମହମ୍ମଦ ମୋକିମଙ୍କ ରାଜ୍ୟର ବରିଷ୍ଠ ନେତାଙ୍କ ସହ କବାଟକିଳା ବୈଠକ ନୂଆ ଆଞ୍ଚଳିକ



ଦଳ ଗଠନ ଚର୍ଚ୍ଚାକୁ ଜନ୍ମ ଦେଇଥିଲା । ଶନିବାର ଏହି ଚର୍ଚ୍ଚାକୁ ବଳ ଦେଇଛନ୍ତି ମୋକିମ । ସିଧାସଳଖ କହିଛନ୍ତି, ସୁଯୋଗ ଅପେକ୍ଷାରେ ଥିବା ଯୁବବର୍ଗ ଯୋଗାଯୋଗରେ ଅଛନ୍ତି । ବିଜେପି ଓ ବିଜେଡିର ବିକଳ୍ପ ଚାହୁଛି ଓଡ଼ିଶା । ମୋକିମଙ୍କ ସହ ସ୍ୱର ମିଳାଇ ବରିଷ୍ଠ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି, ଓଡ଼ିଶାରେ କାହିଁକି ନୂଆ ଦଳର ଆବଶ୍ୟକତା ପଡୁଛି ? ସେନେଇ ରାଜନୈତିକ ଦଳ ଆତ୍ମସମୀକ୍ଷା କରିବା ଦରକାର । ନୂଆ ଆଞ୍ଚଳିକ ଦଳ ଗଠନ ପଛର ସୂତ୍ରଧର ସାଜିଛନ୍ତି ମୋକିମ । ଏଥିପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ସରିଛି । ୩ ଦଳର ଅସନ୍ତୁଷ୍ଟ କ୍ୟାମ୍ପ ନୂଆ ଆଞ୍ଚଳିକ ଦଳକୁ ନେଇ ଉତ୍ସାହିତ ଅଛନ୍ତି । ଜାନୁଆରୀରେ ଯୁବଛାତ୍ରଙ୍କୁ ନେଇ ହେବ ବିଶାଳ ସମାବେଶ । ଏହି ସମାବେଶରେ ଶକ୍ତିପ୍ରଦର୍ଶନ ସହ ନୂଆ ଆଞ୍ଚଳିକ ଦଳର ଶୁଭ ପଡିବା ନେଇ ଚର୍ଚ୍ଚା ବଢିଛି । ପିସିସି ସଭାପତି କହିଛନ୍ତି, ଅସନ୍ତୁଷ୍ଟ ମାନେ ଦଳ ଛାଡିଲେ କଂଗ୍ରେସ ପାଇଁ ଭଲ । ମୋକିମ ଦଳ ଗଠନ କରିପାରିବେ ହେଲେ ବିଜେଡି ଉପରେ ପ୍ରଭାବ ପଡିବନି ବୋଲି କହିଛନ୍ତି ଦେବୀ ମିଶ୍ର ।

# ରାଜନଗର ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ବିଜେପି ନେତା ମାଡ ଘଟଣା ପ୍ରତିବାଦରେ ବିଜେଡ଼ିର ରାସ୍ତା ରୋକ ସହ କୁଶପୁତ୍ତଳିକା ଦାହ

**ରାଜନଗର(ଏନ୍.ଏମ୍.):** ରାଜନଗର ବ୍ଲକ ପରିସରରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ରାଜନଗର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଲଳିତ ବେହେରାଙ୍କ ସହିତ ବିଜେପି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ଆଗଧାଡିର କିଛି ନେତାଙ୍କ ସହ ବିଡ଼ିଓ ତିଲୋତମା ପୃଷ୍ଟିଙ୍କୁ ଭେଟିବାକୁ ଯାଇଥିଲେ । ସେମାନେ ପହଂଚି ସାରିବା ପରେ ବିଡ଼ିଓ ଶ୍ରୀମତୀ ପୃଷ୍ଟି କହିଥିଲେ, କଣ କୁହ ମୁଁ ବ୍ୟସ୍ତ ଅଛି । ଏହା ପରେ ଉଭୟଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା । ପରେ ପରେ ବିଭିନ୍ନ କାମକୁ ନେଇ ଯୁକ୍ତିତର୍କ ହୋଇଥିଲା । ଏହି ସମୟରେ ବିଜେପି ନେତା ଲଳିତ ବେହେରା ରାଗି ଯାଇ କମ୍ପୁଟର ମନିଟରକୁ ଧରି ବିଡ଼ିଓଙ୍କ ଉପରକୁ ଉଠାଇଥିବା ବ୍ଲକ ସିସିଟିଭି ଫୁଟେଜ ଆଧାରରେ ଦେଖିବାକୁ ମିଳିଛି । ପାଖରେ ଥିବା ଦଳୀୟ ନେତା ମାନେ ଲଳିତଙ୍କୁ ଧରି ନେଇଥିଲେ । ଏ ସମ୍ପର୍କରେ ବିଜେପି ନେତା ଶ୍ରୀ ବେହେରା ନିଜ ପ୍ରତିକ୍ରିୟାରେ



କହିଛନ୍ତି, ମୁଁ ବିଡ଼ିଓଙ୍କ ସହ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରୁଥିଲି । ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶନାମା ଅନୁସାରେ କୋଡ଼ିଏ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ନଥି ଅଧକ୍ଷାଙ୍କ ପାଖକୁ ଯିବା କଥା । ସବୁ ନଥି କାହିଁକି ଅଧକ୍ଷାଙ୍କ ନିକଟକୁ ଯାଉଛି ଏବଂ ପିସି ଆଦାୟ ହେଉଥିବା ଅଭିଯୋଗ କରିବାରୁ ମୋ କଥା ନଶୁଣି ବିଡିଓ କମ୍ପ୍ୟୁଟର ଚଳାଇବାରୁ ମୁଁ ମନିଟର ଟାଣି ଦେଇଥିଲି ବୋଲି କହିଥିଲେ । ବିଡିଓ ଶ୍ରୀମତୀ ପୃଷ୍ଟିଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା । ଏହାକୁ ନେଇ ରାଜନୈତିକ ତାତି ଦେଖିବାକୁ ମିଳିଛି । ବିଜୁ ଜନତା ଦଳ ଏହାକୁ ମଉକା ଭାବି ବିଜେପିକୁ ଓ ବିଜେପି ନେତା ଲଳିତ କୁମାର ବେହେରାଙ୍କୁ ଏହି ଘଟଣାରେ କାଠଗଡାକୁ ଟାଣିବା ପାଇଁ ରାସ୍ତାକୁ ଓହ୍ଲାଇଛି । ଏପରିକି ବିଜେଡିର ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ଦଳୀୟ ନେତା ମାନେ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଭିତରକନିକା ବୁଲି ଆସିଥିବାରୁ ରାସ୍ତାରୋକ କରି ତାଙ୍କୁ ଅଟକାଇବେ ବୋଲି ବିଜେଡି ନେତାମାନେ ହଂସୁଆ ସେତୁ ଉପରେ ଟାୟାର ଜାଳି ରାସ୍ତାରୋକ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପହଁଞ୍ଚି ବିଜେଡି ନେତା ମାନଙ୍କ ସହିତ ଆଲୋଚନା କରିଥିଲେ । ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଅପରପକ୍ଷରେ ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଶନିବାର ସନ୍ଧ୍ୟାରେ ରାଜନଗର ଥାନାରେ ବିଜେପି ନେତା ଲଳିତ ବେହେରାଙ୍କ ସମେତ ୧୭ ଜଣଙ୍କ ନାମରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଯାହାକୁ ନେଇ ରାଜନଗରରେ ରାଜନୈତିକ ଉଷ୍ମତା ଦେଖାଦେଇଛି ।




**ଜାତୀୟ ଚାମ୍ପିଅନସିପ୍**

# ୧୦ ମିଟର ଏୟାର ପିସ୍ତଲ ସୁଟିଂରେ ସ୍ୱର୍ଣ୍ଣ ଜିତିଲେ ଅଜୟ କୁମାର



**ନୂଆଦିଲ୍ଲୀ (ଏଜେନ୍ସି) :** ଡ. କର୍ଣ୍ଣି ସିଂହ ସୁଟିଂ ରେଞ୍ଜରେ ଆୟୋଜିତ ୬୮ ତମ ଜାତୀୟ ସୁଟିଂ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ଶନିବାର ଦିନ ରୋମାଞ୍ଚ ଏବଂ ରେକର୍ଡରେ ପରିପୂର୍ଣ୍ଣ ଥିଲା। ଭାରତୀୟ ସେନାର ଅଜୟ କୁମାର ଏବଂ କର୍ଣ୍ଣାଟକର ଜୋନାଥନ ଗାଭିନ ଆଣ୍ଟୋନି ନିଜ ନିଜ ବର୍ଗରେ ଚମତ୍କାର ପ୍ରଦର୍ଶନ କରି ଚର୍ଚ୍ଚାକୁ ଆସିଥିଲେ। ଅଜୟ କୁମାର ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ, ଜୋନାଥନ ସବ୍-ୟୁଥ୍, ୟୁଥ୍ ଏବଂ ଜୁନିୟର ତିନୋଟି ବର୍ଗରେ ଟାଇଟଲ୍ ଜିତି ଏକ ବିରଳ କୀର୍ତ୍ତି ହାସଲ କରିଥିଲେ। ଭାରତୀୟ ସେନାର ଅଜୟ କୁମାର ୧୦ ମିଟର ଏୟାର ପିସ୍ତଲ ପୁରୁଷ ଫାଇନାଲରେ ଏକ ସଂଯତ ପ୍ରଦର୍ଶନରେ ୨୪୧.୧ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରେଳବାଇର ଶୁଭମ୍ ବିସ୍ଲା ୨୪୦.୧ ପଏଣ୍ଟ ସହ ରୌପ୍ୟ ପଦକ ଜିତିଥିବା ବେଳେ ହରିୟାଣାର ଅନମୋଲ ଜୈନ ୨୨୦.୦ ପଏଣ୍ଟ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ହରିୟାଣାର ଶିବ ନରୱାଲ ୧୯୭.୨ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଥିଲେ। ନୌସେନାର ଆକାଶ ଭରଦ୍ୱାଜ ଏବଂ ଉଜ୍ଜ୍ୱଳ ମଲିକ ଯଥାକ୍ରମେ ପଞ୍ଚମ ଏବଂ ଷଷ୍ଠ ସ୍ଥାନରେ ରହିଥିଲେ। ରାଜସ୍ଥାନର ରାହୁଲ ସେହରାୱତ ସପ୍ତମ ଏବଂ ପଞ୍ଜାବର ଅର୍ଜୁନ ସିଂ ଚିମା ଅଷ୍ଟମ ସ୍ଥାନରେ ରହିଥିଲେ।

ଯୋଗ୍ୟତା ପର୍ଯ୍ୟାୟରେ ଉଜ୍ଜ୍ୱଳ ମଲିକ, ରାହୁଲ ସେହରାୱତ ଏବଂ ଶିବ ନରୱାଲ ୫୮୪ ପଏଣ୍ଟ ହାସଲ କରିଥିଲେ, କିନ୍ତୁ ଆଭ୍ୟନ୍ତରୀଣ-୧୦ ଆଧାରରେ ରାଙ୍କିଙ୍ଗ ସ୍ଥିର କରାଯାଇଥିଲା। ଉଜ୍ଜ୍ୱଳ ମଲିକ ୫୮୪-୨୨ ସହିତ ଶୀର୍ଷରେ ରହିଥିଲେ। ପ୍ରସିଦ୍ଧ ବନ୍ଧୁକଚାଳକ ସରବଜୋତ ସିଂହ ୧୯ତମ ସ୍ଥାନରେ ରହିଥିବା ବେଳେ ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ସମ୍ରାଟ ରାଣା ୭୧ତମ ସ୍ଥାନରେ ରହିଥିଲେ। ଡିଫେଣ୍ଡିଂ ଚାମ୍ପିଅନ୍ ବରୁଣ ତୋମାର ୯୯ ତମ ସ୍ଥାନକୁ ଖସିଗଲେ, ଯାହା ପ୍ରତିଯୋଗିତାର ଗଭୀରତା ଏବଂ କଠିନ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରତିଫଳିତ କରେ।

ସଟ୍‌ଗନ୍ ରେଞ୍ଜ୍‌ରେ ତାମିଲନାଡୁ ଉଭୟ ସିନିୟର ଏବଂ ଜୁନିୟର ଟ୍ରାପ୍ ମିକ୍ସଡ୍ ଟିମ୍ ଟାଇଟଲ୍ ଜିତି ଚମତ୍କାର ପ୍ରଦର୍ଶନ ଜାରି ରଖିଥିଲା। ବରିଷ୍ଠ ବିଭାଗରେ ତାମିଲନାଡୁ ମଧ୍ୟପ୍ରଦେଶ ୩୬-୩୫ କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲା। ଅଲିମ୍ପିଆନ୍ ଆର୍. ପୃଥ୍ୱୀରାଜ ତୋଣ୍ଡାଇମାନ୍ ୧୯ଟି ହିଟ୍ ସହ ଦଳର ନେତୃତ୍ୱ ନେଇଥିଲେ। ହରିୟାଣାକୁ ପରାସ୍ତ କରି ରାଜସ୍ଥାନ ବ୍ରୋଞ୍ଜ ପଦକ ଜିତିଥିଲା। ଜୁନିୟର ଟ୍ରାପ୍ ମିକ୍ସଡ୍ ଟିମ୍ ଫାଇନାଲରେ ତାମିଲନାଡୁ ହରିୟାଣାକୁ ୩୯-୩୫ ରେ ପରାସ୍ତ କରିଥିଲା। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ ରାଜସ୍ଥାନକୁ ପରାସ୍ତ କରିଥିଲା।

କର୍ଣ୍ଣାଟକର ଜୋନାଥନ ଗାଭିନ ଆଣ୍ଟୋନି ଯୁବ ପୁରୁଷ ଫାଇନାଲରେ ୨୪୦.୦ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ପରେ ଜୁନିୟର ପୁରୁଷ ଫାଇନାଲରେ ମଧ୍ୟ ୨୪୦.୫ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ମିଳିଥିଲା। ସେ ପୂର୍ବରୁ ସବ୍-ୟୁଥ୍ ବର୍ଗରେ ଚାମ୍ପିଅନ୍ ମଧ୍ୟ ହୋଇଥିଲେ, ସବ-ୟୁଥ୍, ୟୁଥ୍ ଏବଂ ଜୁନିଅର୍-ତିନୋଟି ବର୍ଗର ଏକ ବିରଳ ଟ୍ରେବଲ୍ ସମାପ୍ତ କରିଥିଲେ। ୧୦ ମିଟର ଏୟାର ପିସ୍ତଲ ପୁରୁଷ ଦଳଗତ ଇଭେଣ୍ଟରେ ନୌସେନା ସ୍ୱର୍ଣ୍ଣ, କର୍ଣ୍ଣାଟକ ରୌପ୍ୟ ଏବଂ ଉତ୍ତର ପ୍ରଦେଶ ବ୍ରୋଞ୍ଜ ପଦକ ଜିତିଥିଲା। ଜୁନିୟର ପୁରୁଷ ଦଳରେ ହରିୟାଣା, ଯୁବ ପୁରୁଷ ଦଳରେ ହରିୟାଣା ଏବଂ ସବ୍-ୟୁଥ୍ ବ୍ୟକ୍ତିଗତ ବର୍ଗରେ ଜୋନାଥନ ଗାଭିନ ଆଣ୍ଟୋନି ସ୍ୱର୍ଣ୍ଣ ପଦକ ବିଜେତା ଥିଲେ। ଏହା ବ୍ୟତୀତ ବିଭିନ୍ନ ରାଜ୍ୟର ବନ୍ଧୁକଚାଳକମାନେ ମଧ୍ୟ ବେସାମରିକ, କନିଷ୍ଠ ବେସାମରିକ, ମାଷ୍ଟର ଏବଂ ବରିଷ୍ଠ ମାଷ୍ଟର ବର୍ଗରେ ପଦକ ଜିତିଛନ୍ତି। ମୋଟାମୋଟି ଭାବେ, ୬୮ତମ ଜାତୀୟ ସୁଟିଂ ଚାମ୍ପିଅନସିପ୍ର ଏହି ଦିନଟି ଭାରତୀୟ ସୁଟିଂର ଗଭୀରତା, ଯୁବ ପ୍ରତିଭା ଏବଂ କଠିନ ପ୍ରତିଯୋଗିତାର ଏକ ଉତ୍ତମ ଉଦାହରଣ ଥିଲା।

## ଶାମିଙ୍କୁ ଟିମ୍‌ରେ ସ୍ଥାନ ନମିଳିବାରୁ କୋଚ୍ ଅସନ୍ତୋଷ



ନୂଆଦିଲ୍ଲୀ (ଏଜେନ୍ସି) : ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଦିନିକିଆ ସିରିଜ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଟିମ୍ ଇଣ୍ଡିଆର ଷ୍ଟାର ବୋଲର ମହମ୍ମଦ ସାମିଙ୍କୁ ସୁଯୋଗ ମିଳିନାହିଁ । ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଶାମିଙ୍କ କୋଚ୍ । ଘରୋଇ ସିଜିନରେ ତାଙ୍କର ସ୍ଥିର ପ୍ରଦର୍ଶନ ସତ୍ତ୍ୱେ, ମହମ୍ମଦ ଶାମିଙ୍କୁ ଅଣଦେଖା କରାଯାଇଛି । ତାଙ୍କ ପ୍ରଶିକ୍ଷକ ସିଧାସଳଖ ଚୟନକର୍ତ୍ତାଙ୍କୁ ଟାର୍ଗେଟ୍ କରି ପଚାରିଛନ୍ତି ଯେ, ତାଙ୍କୁ ଆଉ କେତେ ୱିକେଟ୍ ନେବାକୁ ପଡ଼ିବ। ଆଉ କ'ଣ କ'ଣ କରିବାକୁ ପଡ଼ିବ । ଚୟନକର୍ତ୍ତାଙ୍କୁ ଟାର୍ଗେଟ୍ କରି ମହମ୍ମଦ ସାମିଙ୍କ ବ୍ୟକ୍ତିଗତ ପ୍ରଶିକ୍ଷକ ମହମ୍ମଦ ବଦ୍ଦରୁଦିନ୍ କହିଛନ୍ତି, ବିସିସିଆଇ ଶାମିଙ୍କୁ ଅଣଦେଖା କରିବାକୁ ନିଷ୍ପତ୍ତି ନେଇ ସାରିଛି । ଜଣେ ଖେଳାଳି ଆଉ କ'ଣ କରିପାରିବେ ? ଜଣେ ଖେଳାଳି ଆଉ କେତେ ୱିକେଟ୍ ନେବା ଉଚିତ୍ ମହମ୍ମଦ ଶାମି ଚଳିତ ସିଜନରେ ଘରୋଇ କ୍ରିକେଟରେ ନିରନ୍ତର ଭାବେ ଭଲ ପ୍ରଦର୍ଶନ କରି ପ୍ରତ୍ୟେକ ଟୁର୍ଣ୍ଣାମେଣ୍ଟରେ ୱିକେଟ୍ ନେଇଛନ୍ତି। ଚଳିତ ବିଜୟ ହଜାରେ ଟ୍ରଫିରେ ଏପର୍ଯ୍ୟନ୍ତ ପାଞ୍ଚଟି ମ୍ୟାଚ୍ ଖେଳି ୧୧ ୱିକେଟ୍ ନେଇ ସାରିଛନ୍ତି । ଆସାମ ବିପକ୍ଷରେ ବେଙ୍ଗଲ ପାଇଁ ୩/୫୫ ମଧ୍ୟ ନେଇଥିଲେ। ଚୟନକର୍ତ୍ତାମାନେ ଦ୍ରୁତ ବୋଲରଙ୍କଠାରୁ ଦୂରେଇ ଯାଇଛନ୍ତି ଏହାର ଅର୍ଥ ସେମାନେ ତାଙ୍କୁ ଏକଦିବସୀୟ ଦଳରେ ରଖିବାରୁ ଚାହାଁନ୍ତି ନାହିଁ।' ଅଜିତ୍ ଅଗରକରଙ୍କ ଅଧକ୍ଷତାରେ ଚୟନ କମିଟି ୧୫ଜଣିଆ ଦଳ ଘୋଷଣା କରିଥିଲା । ପେସ୍ ବୋଲର ମହମ୍ମଦ ସିରାଜଙ୍କୁ ଦିନିକିଆ ଦଳକୁ ଡାକରା ମିଳିଥିଲା। ହେଲେ ଫିଟ୍ ଓ ଫର୍ମରେ ଥିବା ଅଭିଜ୍ଞ ପେସ୍ ବୋଲର ମହମ୍ମଦ ସାମିଙ୍କୁ ଉପେକ୍ଷା କରାଯାଇଥିଲା । ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆରେ ଶତକ ଅର୍ଜନ କରିଥିଲେ ହେଁ ଋତୁରାଜଙ୍କୁ ବାଦ୍ ଦିଆଯାଇଥିବାବେଳେ ଚୟନ କମିଟି ଦ୍ୱିତୀୟ ୱିକେଟ୍ କିପର ଭାବେ ରିଷଭ ପନ୍ତଙ୍କୁ ଆଉ ଏକ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଥିଲା। ଯଶପ୍ରୀତ ବୁମରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦିଆଯାଇଥିବା ଚୟନ କମିଟି ଘୋଷଣା କରିଥିଲା। ପାଣ୍ଡ୍ୟା ସମ୍ପ୍ରତି ବିଜୟ ହଜାରେ ଟ୍ରଫି ଖେଳୁଛନ୍ତି ଓ ଚମତ୍କାର ଫର୍ମରେ ରହିଛନ୍ତି। ତଥାପି ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପ୍‌କୁ ନଜରରେ ରଖି ତାଙ୍କୁ ଦିନିକିଆ ସିରିଜରୁ ଦୂରେଇ ରଖାଯାଇଛି। ଜାତୀୟ କ୍ରିକେଟ୍ ଏକାଡେମୀ ପକ୍ଷରୁ ତାଙ୍କୁ ପୂର୍ଣ୍ଣ ୧୦ ଓଭର ବୋଲିଂ କରିବା ପାଇଁ ଅନୁମତି ମିଳି ନାହିଁ। ଭାରତୀୟ ଦଳ-ଶୁଭମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, କେଏଲ ରାହୁଲ, ଶ୍ରେୟାସ ଆୟର (ଉପ ଅଧିନାୟକ), ୱାସିଂଟନ ସୁନ୍ଦର, ରବିନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, କୁଲଦୀପ ଯାଦବ, ରିଷଭ ପନ୍ତ, ନୀତିଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ, ଯଶସ୍ୱୀ ଜୈସ୍ୱାଲ ।

## କେକେଆରରୁ ବାହାରିବା ପରେ ମୁସ୍ତାଫିଜୁର୍‌ଙ୍କ ପ୍ରତିକ୍ରିୟା



**ନୂଆଦିଲ୍ଲୀ (ଏଜେନ୍ସି) :** ଆଇପିଏଲ ୨୦୨୬ ଆଉ ନଜର ଆସିବେନି ବାଂଲାଦେଶୀ କ୍ରିକେଟର ମୁସ୍ତାଫିଜୁର ରେହେମାନ । ବିସିସିଆଇର ନିର୍ଦ୍ଦେଶ ପରେ ତାଙ୍କୁ କେକେଆର ଦଳରୁ ରିଲିଜ୍ କରିଛି। ଦୀର୍ଘଦିନ ଧରି ଚାଲିଥିବା ଚର୍ଚ୍ଚାର ଅନ୍ତ ଘଟିଛି । ତେବେ ରିଲିଜ୍ ହେବା ପରେ ନିଜର ପ୍ରତିକ୍ରିୟା ରଖିଛନ୍ତି ମୁସ୍ତାଫିଜୁର୍ । ସେ କହିଛନ୍ତି କି, ଯଦି ତୁମକୁ ଦଳରୁ ରିଲିଜ୍ କରାଯିବ ତେବେ ତୁମେ କଣ ବା କରିପାରିବ। ସେ ଏକ ଗଣମାଧ୍ୟମକୁ ଏଭଳି ପ୍ରତିକ୍ରିୟା ଦେଇଛନ୍ତି । ମାତ୍ର ଏହା ଉପରେ ସେ ଅଧିକ କିଛି କହିନାହାନ୍ତି । କହି ରଖୁଛୁ କି, ଆଇପିଏଲ ମିନି ନିଲାମୀ ୨୦୨୬ରେ ସେ କେକେଆର ଦଳ ପାଇଁ ଖେଳିଥାନ୍ତେ । ଫ୍ରାଞ୍ଚାଇଜ୍ ତାଙ୍କୁ ୯.୨ କୋଟିରେ କିଣିଥିଲା। ମାତ୍ର ଏବେ ରିଲିଜ୍ କରିଛି । ବାଂଲାଦେଶରେ ହିନ୍ଦୁଙ୍କୁ ହତ୍ୟା କରାଯାଉଥିବା ଘଟଣାକୁ ନେଇ ମୁସ୍ତାଫିଜୁରଙ୍କୁ ଦଳରୁ ବିଦା କରିବାକୁ ଦାବି ହୋଇଥିଲା । ଶେଷରେ ବିସିସିଆଇର ନିର୍ଦ୍ଦେଶ ପରେ ଏହା ହୋଇଛି । ଯାହାକୁ ନେଇ ରାଜନୀତି ମଧ୍ୟ ଜୋର ଧରିବାରେ ଲାଗିଛି । ଗତ କିଛି ଦିନ ଧରି, କେକେଆର ଏବଂ ଏହାର ସହ-ମାଲିକ ଶାହରୁଖ ଖାନ୍‌ଙ୍କୁ ଅନେକ ରାଜନେତା ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀ ଟାର୍ଗେଟ କରିଥିଲେ। ଏହା ପରେ ବିବାଦରେ ଫସିଥିଲେ କେକେଆର। ଜାତୀୟ ଭାବନା ସତ୍ତ୍ୱେ ଫ୍ରାଞ୍ଚାଇଜ୍ ଜଣେ ବାଂଲାଦେଶୀ ଖେଳାଳିଙ୍କୁ କିଣିବାକୁ ନେଇ ଭାରତର ଅନେକ ଲୋକ ସମର୍ଥନ କରୁନାହାନ୍ତି ବୋଲି କୁହାଯାଇଥିଲା । ବିଜେପି ନେତା ସଂଗୀତ ସୋମ୍ ଶାହରୁଖଙ୍କ ଉପରେ ଦେଶଦ୍ରୋହୀ ଟିପ୍ପଣୀ ଦେଇଥିଲେ । କହି ରଖୁଛୁ କି, ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ଜାରି ରହିଛି । ବାଂଲାରେ ହିନ୍ଦୁଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଉଛି । ୪ ଜଣଙ୍କର ମୃତ୍ୟୁ ହୋଇଛି । ଭାରତରେ ଏହାର ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳୁଛି । ବାଂଲାଦେଶରେ ହିନ୍ଦୁ ସୁରକ୍ଷିତ ନଥିବା ବେଳେ ଉକ୍ତ ଦେଶର ଖେଳାଳଙ୍କୁ କାହିଁକି ଆଇପିଏଲରେ ଖେଳାଯିବାକୁ ନେଇ ବିବାଦ ଦେଇଖିବାକୁ ମିଳିଥିଲା । ଏହାକୁ ନେଇ ବିସିସିଆଇ କେକେଆର ଫ୍ରାଞ୍ଚାଇଜକୁ ମୁସ୍ତାଫିଜୁର ରେହମାନଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲା । ଏହାର ମାତ୍ର ୨ ଘଣ୍ଟା ଭିତରେ ରେହମାନଙ୍କୁ ରିଲିଜ କରିଛି କୋଲକାତା । ତେବେ ଭାରତ-ବାଂଲାଦେଶ ମଧ୍ୟରେ ବିଗୁଡୁଥିବା ସମ୍ପର୍କ ମଧ୍ୟରେ କ୍ରିକେଟର ବଳି ପଡିଛନ୍ତି

## ରିଅଲ ମାଡ୍ରିଡ୍‌ର ବଢ଼ିଲା ଚିନ୍ତା ଏମ୍‌ବାପେ ଆହତ

**ପ୍ୟାରିସ(ଏଜେନ୍ସି) :** ରିଅଲ ମାଡ୍ରିଡ୍ ଫରୱାର୍ଡ କିଲିଆନ ଏମ୍‌ବାପେଙ୍କ ବାମ ଆଣ୍ଠୁ ଆଘାତ ଲାଗିଛି । ଏ ନେଇ ସ୍ପାନିଶ କ୍ଲବ ପକ୍ଷରୁ କୁହାଯାଇଛି । ତେବେ ତାଙ୍କୁ ରିକଭର କରିବା ପାଇଁ କେତେ ସମୟ ଲାଗିବ, ତାହା ସ୍ପଷ୍ଟ କରାଯାଇ ନାହିଁ । ଏନେଇ ରିଅଲ ମାଡ୍ରିଡ୍‌ର ଚିନ୍ତା ବଢ଼ିବାରେ ଲାଗିଛି । ଫ୍ରେଞ୍ଚ ସ୍ପୋଟର୍ସ ଦୈନିକ ଖବରକାଗଜ ଏଲ' ଏକ୍ୟୁପି ପ୍ରକାଶ ପାଇଥିବା ରିପୋର୍ଟରେ ସୁପରଷ୍ଟାର ଫରୱାର୍ଡ ଅତିକମ୍‌ରେ ୩ ସପ୍ତାହ ଲାଗି ଉପଲବ୍ଧ ରହିବେ ନାହିଁ ବୋଲି କୁହାଯାଇଛି । ଏଥିରେ ଦାବି କରାଯାଇଛି ଯେ, ଏମ୍‌ବାପେ ଗତ କିଛି ସପ୍ତାହ ହେଲା ଆଣ୍ଠୁ ଲିଗାମେଣ୍ଟ ଜନିତ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏମ୍‌ଆରଆଇ କରାଯିବା ପରେ ତାଙ୍କୁ ବିଶ୍ରାମ ଓ ଚିକିତ୍ସା ଦରକାର ଥିବା ଜଣାପଡ଼ିଛି । ଏହି ଷ୍ଟ୍ରାଇକର ଗତ ୨୦୨୫ ବର୍ଷରେ ମାଡ୍ରିଡ୍ ପାଇଁ ୫୯ ଗୋଲ କରିବା ସହିତ ଗୋଟିଏ ବର୍ଷରେ ମାଡ୍ରିଡ୍ ପାଇଁ ସର୍ବାଧିକ ଗୋଲ କରିବାର ରେକର୍ଡର ସମକକ୍ଷ ହୋଇଥିଲେ । ସମାନ ସଂଖ୍ୟକ ଗୋଲ ଗୋଟିଏ ବର୍ଷରେ କ୍ରିଷ୍ଟିଆନୋ ରୋନାଲ୍ଡୋ କରିଥିଲେ । ପ୍ୟାରିସ ସେଣ୍ଟ-ଜର୍ମେନ କ୍ଲବ ଛାଡ଼ି ୨୦୨୪ରେ ମାଡ୍ରିଡ୍‌ରେ ଯୋଗ ଦେଇଥିବା ଏମ୍‌ବପେ ଚଳିତ ସିଜନରେ ୨୯ ଗୋଲ କରିଛନ୍ତି ।

## ଆଇସିସି ର୍ୟାଙ୍କିଙ୍ଗରେ ଦୀପ୍ତି ନମ୍ବର ୱାନ

**ଦୁବାଇ (ଏଜେନ୍ସି) :** ଆଇସିସି ଅନ୍ତର୍ଜାତୀୟ ଟି୨୦ ପ୍ଲେୟର୍ସ ର୍ୟାଙ୍କିଙ୍ଗ ତାଲିକାରେ ଭାରତର ବିସ୍ଫୋରକ ଓପନର ଶେଫାଳୀ ବର୍ମା ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି । ଏହି ୨୧ ବର୍ଷୀୟା ପୂର୍ବତନ ଶୀର୍ଷ ର୍ୟାଙ୍କିଙ୍ଗ ପ୍ରାପ୍ତ ବ୍ୟାଟର ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟି୨୦ରେ ୩୪ ବଲ୍‌ରେ ଅପରାଜିତ ୬୯ ରନ କରିଥିଲେ । ସେ ପରେ ତୃତୀୟ ଓ ଚତୁର୍ଥ ମ୍ୟାଚରେ ଯଥାକ୍ରମେ ୪୨ ବଲ୍‌ରୁ ୭୯ ଓ ୪୬ ବଲ୍‌ରୁ ୭୯ ରନ କରିବା ଦ୍ୱାରା ତାଙ୍କର ୪ ସ୍ଥାନ ପଦୋନ୍ନତି ଘଟିଛି । ଚତୁର୍ଥ ଅନ୍ତର୍ଜାତୀୟ ଟି୨୦ରେ ଆକର୍ଷଣୀୟ ୮୮ ରନ ଯୋଗୁ ଉପ-ଅଧିନାୟିକା ସ୍ମୃତି ମନ୍ଧାନା ତୃତୀୟ ସ୍ଥାନ ବଜାୟ ରଖିଥିବା ବେଳେ ଜେମିମା ରୋଡ୍ରିଗ୍ସ ଗୋଟିଏ ସ୍ଥାନ ତଳକୁ ଖସି ୧୦ମ ସ୍ଥାନକୁ ଚାଲି ଆସିଛନ୍ତି । ପୁରୁଖା ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା ବୋଲର ତାଲିକାରେ ନମ୍ବର-୧ ସ୍ଥାନ ବଜାୟ ରଖିଥିବା ବେଳେ ରେଣୁକା ସିଂ ଠାକୁର ଟପ୍ ୧୦ରେ ଯୋଗ ଦେଇଛନ୍ତି । ବୋଲିଂ ର୍ୟାଙ୍କିଙ୍ଗରେ ଏକଦା କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୩ୟ ସ୍ଥାନରେ ପହଞ୍ଚି ପାରିଥିବା ଠାକୁର ୮ ସ୍ଥାନ ଉପରକୁ ଉଠି ମିଳିତ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି । ତୃତୀୟ ମ୍ୟାଚରେ ମ୍ୟାଚ ବିଜୟୀ ବୋଲିଂ କରି ସେ ୨୧ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ, ଫଳରେ ଭାରତ ୮ ଉଇକେଟରେ ବିଜୟ ଲାଭ କରିବା ସହ ସିରିଜ ଜିତି ନେଇଥିଲା । ର୍ୟାଙ୍କିଙ୍ଗ ତାଲିକାରେ ଭାରତର ଦୁଇ ବାମହାତି ସ୍ପିନର ଶ୍ରୀ ଚାରାନି ଓ ବୈଷ୍ଣବ ଶର୍ମାଙ୍କର ମଧ୍ୟ ଅଗ୍ରଗତି ଘଟିଛି । ବୋଲିଂ ର୍ୟାଙ୍କିଙ୍ଗରେ ଚାରାନି ୧୭ ସ୍ଥାନ ଉପରକୁ ଉଠି ୫୨ତମ ସ୍ଥାନରେ ପହଞ୍ଚିବା ବେଳେ ବୈଷ୍ଣବୀ ଶର୍ମା ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ସିରିଜରେ ୩୯୦ ସ୍ଥାନ ଉପରକୁ ଉଠି ୧୨୪ତମ ସ୍ଥାନରେ ପହଞ୍ଚିଛନ୍ତି । ଜୁନ୍ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ଇଂଲଣ୍ଡ ଓ ୱେଲ୍ସରେ ହେବାକୁଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ୨୦୨୬ ପାଇଁ ଦଳରେ ସ୍ଥାନ ପାଇବା ଲାଗି ସେ ସମ୍ଭାବନା ସୃଷ୍ଟି କରିଛି ।

NISHKARSHA
ନିଷ୍କର୍ଷ
NISHKARSHA
ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗିକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ,
ୟୁଟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ
ସର୍ଚ୍ଚ କରନ୍ତୁ
nishkarsha.com

## ୪ ମ୍ୟାଚରେ ୧୨୧ ରନ୍, ରିଷବ ପନ୍ତଙ୍କ ଚିନ୍ତା ବଢାଇଲା ଓଡ଼ିଶା


ବିଜୟ ହଜାରେ ଟ୍ରଫି

**ନୂଆଦିଲ୍ଲୀ (ଏଜେନ୍ସି) :** ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଦିନିକିଆ ସିରିଜ ପାଇଁ ଏହି ସପ୍ତାହରେ ଦଳ ଘୋଷଣା ହେବ । କିନ୍ତୁ ଦିଲ୍ଲୀ ଅଧିନାୟକ ରିଷଭ ପନ୍ତ ଜାତୀୟ ଚୟନକର୍ତ୍ତାଙ୍କୁ ସନ୍ତୁଷ୍ଟ କଲା ଭଳି ପ୍ରଦର୍ଶନ ଚଳିତ ବିଜୟ ହଜାରେ ଟ୍ରଫିରେ ଏ ପର୍ଯ୍ୟନ୍ତ କରିପାରି ନାହାନ୍ତି । ବିଶେଷ କରି ଓଡ଼ିଶା ବିପକ୍ଷରେ ପରାଜୟ ତାଙ୍କ ଚିନ୍ତା ବଢ଼ାଇ ଦେଇଛି । ସେ ବ୍ୟକ୍ତିଗତ ଭାବେ ବିଫଳ ହେବା ସହ ଦଳକୁ ଦୃଢ଼ ନେତୃତ୍ୱ ଦେବାରେ ମଧ୍ୟ ବିଫଳ ହୋଇଥିଲେ । ତେଣୁ ପନ୍ତଙ୍କୁ ଆଗାମୀ ସିରିଜରେ ଜାତୀୟ ଦଳରେ ସ୍ଥାନ ମିଳିବ କି ନାହିଁ ତାହା ଏବେ ବଡ଼ ପ୍ରଶ୍ନ !

ଓଡ଼ିଶା ବନାମ ଦିଲ୍ଲୀ ଚଳିତ ବିଜୟ ହଜାରେ ଟ୍ରଫିରେ (ଦିନିକିଆ) ଦିଲ୍ଲୀ ଦଳରୁ ବିରାଟ କୋହଲି ଆନ୍ଧ୍ର ଓ ଗୁଜରାଟ ବିପକ୍ଷରେ ଖେଳିଥିଲେ । ଉଭୟ ମ୍ୟାଚ୍‌ରେ ଦଳ ବିଜୟୀ ହୋଇଥିଲା । ଆନ୍ଧ୍ର ବିପକ୍ଷରେ ୫ ଓ ଗୁଜରାଟ ବିପକ୍ଷରେ ୭୦ ରନ୍ କରିଥିଲେ ଅଧିନାୟକ ପନ୍ତ । କୋହଲିଙ୍କ ଅନୁପସ୍ଥିତିରେ ସୌରାଷ୍ଟ୍ର ବିପକ୍ଷରେ ଦଳ ବିଜୟୀ ହୋଇଥିଲା । ପନ୍ତ ୨୨ ରନ୍ କରିଥିଲେ । ଦିଲ୍ଲୀ କ୍ରମାନ୍ୱୟରେ ୩ଟି ମ୍ୟାଚ୍ ଜିତିବା ପରେ ଓଡ଼ିଶା ଦଳକୁ ଗତ ୩୧ ତାରିଖରେ ଭେଟିଥିଲା । ଏହି ମ୍ୟାଚରେ ଓଡ଼ିଶା ଦଳର ସନ୍ତୁଳିତ ପ୍ରଦର୍ଶନ ଆଗରେ ଦିଲ୍ଲୀକୁ ପରାଜିତ ହେବାକୁ ପଡ଼ିଥିଲା । ଚଳିତ ସିଜନରେ ଦଳ ପ୍ରଥମ ଥର ୨୦୦ରୁ କମ୍ ରନ୍‌ରେ ଅଲ୍ ଆଉଟ୍ ହୋଇଥିଲା । ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍‌ରେ ୨୭୨ ରନ୍ କରିଥିଲା । ଜବାବରେ ଦିଲ୍ଲୀ ୪୨.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୩ ରନ୍‌ରେ ସୀମିତ ରହିଥିଲା । ଦେବବ୍ରତ ପ୍ରଧାନ, ସମ୍ବିତ ବରାଳ ଓ ରାଜେଶ ମହାନ୍ତିଙ୍କୁ ଦଳ ସାମ୍ନା କରିପାରି ନଥିଲା ।

ଦେବବ୍ରତଙ୍କ ଶିକାର ଓଡ଼ିଆ ପେସ୍ ବୋଲର ଦେବବ୍ରତ ପ୍ରଧାନଙ୍କ ବଲରେ ପନ୍ତ କ୍ୟାଚ ଆଉଟ୍ ହୋଇଥିଲେ । ସେ ମାତ୍ର ୨୪ ରନ୍ କରିପାରି ଥିଲେ । ଓଡ଼ିଶା ବିପକ୍ଷରେ ପନ୍ତ ଏକ ବଡ଼ ଇନିଂସ ଖେଳିବାର ଯେଉଁ ଲକ୍ଷ୍ୟ ରଖିଥିଲେ ତାହା ପୂରଣ କରିବାକୁ ସୁଯୋଗ ଦେଇ ନଥିଲେ ଦେବବ୍ରତ । ଗତ ୪ଟି ମ୍ୟାଚରେ ସେ ଯଥାକ୍ରମେ ୫, ୭୦, ୨୨ ଓ ୨୪ ରନ୍ କରିଛନ୍ତି । ଯାହା ତାଙ୍କ ପାଇଁ ଚିନ୍ତାରକାରଣ ପାଲଟିଛି । ପୂର୍ବରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ଟି ଟେଷ୍ଟ କୋଲକାତା ଓ ଗୌହାଟୀରେ ଖେଳିଥିଲେ ପନ୍ତ । ଶୁଭମନ ଗିଲ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଆହତ ହେବାରୁ ସେ ଦଳର ନେତୃତ୍ୱ ନେଇଥିଲେ । କୋଲକାତାରେ ୨୭ ଓ ୨ ଏବଂ ଗୌହାଟୀରେ ୭ ଓ ୧୩ ରନ୍ କରିଥିଲେ । ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୩ଟି ଦିନିକିଆ (୧୧, ୧୪ ଓ ୧୮ ତାରିଖ) ଖେଳିବ । ତା'ପୂର୍ବରୁ ପନ୍ତ ଜାତୀୟ ଚୟନକର୍ତ୍ତାଙ୍କୁ ଖୁସି କରିପାରି ନାହାନ୍ତି ।୧୨ ପଏଣ୍ଟ ସହ ଓଡ଼ିଶା ଶୀର୍ଷରେ ରଣଜୀ ଟ୍ରଫି (ଅସମ୍ପୂର୍ଣ୍ଣ) ଓ ସୟଦ ମୁସ୍ତାକ ଅଲି ଟ୍ରଫିରେ ବିଫଳ ହେବା ପରେ ଓଡ଼ିଶା ଦଳ ବିଜୟ ହଜାରେ ଟ୍ରଫିରେ ଫର୍ମକୁ ପ୍ରତ୍ୟାବର୍ତ୍ତନ କରିଛି । ଯାହା ରାଜ୍ୟ କ୍ରିକେଟ୍‌ପ୍ରେମୀଙ୍କ ମହଲରେ ନୂଆ ଉନ୍ମାଦନା ଖେଳାଇ ଦେଇଛି । ଏ ପର୍ଯ୍ୟନ୍ତ ଓଡ଼ିଶା ୪ଟି ମ୍ୟାଚ୍ ଖେଳି କ୍ରମାନ୍ୱୟରେ ୩ଟିରେ ବିଜୟୀ ହୋଇ ମୋଟ୍ ୧୨ ପଏଣ୍ଟ ସହ ଉନ୍ନତ ରନେରେଟ୍ (୧.୨୫୦) ଯୋଗୁ ଏଲିଟ୍ ଗ୍ରୁପ୍ ଡି'ରେ ରେଲୱେ (୧୨), ହରିଆନା (୧୨) ଓ ଦିଲ୍ଲୀକୁ (୧୨) ପଛରେ ପକାଇ ଶୀର୍ଷ ସ୍ଥାନରେ ରହିଛି । ଗତ୪ଟି ଯାକ ମ୍ୟାଚ୍‌ରେ ଓଡ଼ିଶା ଖେଳାଳି ଉନ୍ନତ ପ୍ରଦର୍ଶନ କରିଛନ୍ତି ଏବଂ ପ୍ଲେୟାର ଅଫ୍ ଦ ମ୍ୟାଚ ବିଜେତା ହେବାର ସୌଭାଗ୍ୟ ଲାଭ କରିପାରିଛନ୍ତି । ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୫ ୱିକେଟ୍‌ରେ ସୌରାଷ୍ଟ୍ର ଠାରୁ ପରାଜିତ ହୋଇଥିଲା । କିନ୍ତୁ ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ (୨୧୨) ପ୍ରଥମ ଓଡ଼ିଆ ଭାବେ ଦ୍ୱିଶତକୀୟ ଇନିଂସ ଖେଳିଥିଲେ । ତେଣୁ ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ସର୍ଭିସେସ ବିପକ୍ଷରେ ମାତ୍ର ୨୫ ରନ୍ ଦେଇ ୪ ୱିକେଟ୍ (ହ୍ୟାଟ୍ରିକ୍ ସହ) ନେଇଥିବା ରାଜେଶ ମହାନ୍ତି, ଆନ୍ଧ୍ର ବିପକ୍ଷରେ ଗୋବିନ୍ଦ ପୋଦ୍ଦାର (୮୯) ଏବଂ ଦିଲ୍ଲୀ ବିପକ୍ଷରେ ଅଧିନାୟକ ବିପ୍ଲବ ସାମନ୍ତରାୟ (୭୨) ପ୍ଲେୟାର ଅଫ୍ ଦ ମ୍ୟାଚ ହୋଇଥିଲେ । ଓଡ଼ିଶା ଆସନ୍ତା ୩ ତାରିଖରେ ହରିଆନାକୁ ଭେଟିବ ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ